

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୯ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 19 July 2026
Vol.No. 36 ■ No.189 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026
SAI SADHANA SCIENCE COLLEGE
+2 Sc. & +2 Arts
SAI SADHANA COLLEGE OF BASIC SCIENCE (+3)
(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)
Dibyasingpur, UDALA
100% first class result-2026
Contact No: 9437294587, 9437443950, 9937557158


## ଭୀଷଣ ଯୁଦ୍ଧର ରୂପ ନେଇପାରେ ଆମେରିକା- ଇରାନ ସଂଘର୍ଷ: ବେନ୍ ଗୁରିୟନ ବିମାନବନ୍ଦରରୁ ତେହରାନକୁ କରିପାରେ ଟାର୍ଗେଟ୍




ନୂଆଦିଲ୍ଲୀ,୧୮/୭ : ବିଶ୍ୱ ଏବେ ଏକ ବଡ଼ ଯୁଦ୍ଧ ଆଡ଼କୁ ଗତି କରୁଛି କି? କାରଣ ଆମେରିକା ଏବଂ ଇରାନ ମଧ୍ୟରେ ତିକ୍ତତା ଏବେ ଚରମ ସୀମାରେ ପହଞ୍ଚିଛି। ଇରାନ ପକ୍ଷରୁ 'ଜିରୋ ଆୱାର' ବା ଆକ୍ରମଣର ଚୂଡ଼ାନ୍ତ ମୁହୂର୍ତ୍ତର ଚେତାବନୀ ଦିଆଯାଇଥିବା ବେଳେ, ଆମେରିକା ଇସ୍ରାଏଲରେ ନିଜର ସାମରିକ ପ୍ରସ୍ତୁତିକୁ ଦୁଇଗୁଣା କରିଦେଇଛି। ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ତିକ୍ତତା ଏବେ ଏକ ଭୟଙ୍କର ଯୁଦ୍ଧର ରୂପ ନେଇଛି। ଇରାନ ପକ୍ଷରୁ କୁଓ୍ୱେତ, ବାହାରିନ ଏବଂ ଜର୍ଡାନରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ୍ କରି ଘନଘନ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। ସେପଟେ ପାଲଟା ଜବାବରେ ଆମେରିକାର ଏୟାରଷ୍ଟ୍ରାଇକରେ ଇରାନର ୩ ଜଣଙ୍କର ମୃତ୍ୟୁ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ଏକ ବଡ଼ ସାମରିକ ଅଭିଯାନ ପାଇଁ ସବୁଜ ସଙ୍କେତ ଦେଇପାରନ୍ତି। ସୂଚନା ଅନୁସାରେ, ଆମେରିକା ନିଜର ଏୟାର ରିଫୁଏଲିଂ ବା ଆକାଶରେ ଇନ୍ଧନ ଭରୁଥିବା ବିମାନକୁ ଇସ୍ରାଏଲ ପଠାଉଛି। ଏହି ସ୍ୱତନ୍ତ୍ର ସାମରିକ ବିମାନଗୁଡ଼ିକ ଯୋଗୁ ଆମେରିକା ଓ ଇସ୍ରାଏଲର ଫାଇଟର ଜେଟଗୁଡ଼ିକ ଦୀର୍ଘ ସମୟ ଧରି ଆକାଶରୁ ଇରାନର ସୀମା ଭିତରକୁ ପଶି ଆକ୍ରମଣ କରିବାକୁ ସକ୍ଷମ ହେବେ। ଗତ ୭ ଦିନ ଧରି ଆମେରିକା ସେନା ହରମୁଜ ପ୍ରଣାଳୀ ନିକଟରେ ଇରାନ ଉପରେ କ୍ରମାଗତ ବୋମାମାଡ଼ କରୁଛି ଏବଂ ଇରାନ ସେନାର ଯୋଗାଯୋଗ ପାଇଁ ବ୍ୟବହୃତ ହେଉଥିବା ୭ଟି ବଡ଼ ପୋଲକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି।

◆◆ପୃଷ୍ଠା ୭

## ସିଏମ୍ଓରୁ ଫାଇଲ୍ ଗାଏବ ଘଟଣା : କ୍ୟାପିଟାଲ୍ ଥାନାରେ ତତ୍କାଳୀନ ଆଇଟି ସଚିବ ମନୋଜ ମିଶ୍ର ହାଜର

ଭୁବନେଶ୍ୱର, ୧୮/୭ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ଗାଏବ ମାମଲାର ତଦନ୍ତ ପ୍ରକ୍ରିୟା ଜୋରଦାର ହୋଇଛି। ମାମଲା ସହ ଜଡ଼ିତ ଥିବା ଦୁଇ ପୂର୍ବତନ ସଚିବଙ୍କୁ ନୋଟିସ୍ ପରେ ଆଜି ଜଣେ କ୍ୟାପିଟାଲ ଥାନାରେ ହାଜର ହୋଇଛନ୍ତି । ତଦନନ୍ତକାରୀ ଟିମକୁ ଭେଟି ନିଜର ପକ୍ଷ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ହଜିବା ମାମଲାରେ ସମନ ପାଇବା ପରେ ଆଜି ସକାଳୁ ସକାଳୁ ଥାନାରେ ପହଞ୍ଚିଥିଲେ ତତ୍କାଳୀନ ଆଇଟି ସଚିବ ମନୋଜ ମିଶ୍ର। କ୍ୟାପିଟାଲ ଥାନାରେ ହାଜର ହୋଇ ରଖିଥିଲେ ନିଜର ପକ୍ଷ। ପ୍ରାୟ ୨ଘଣ୍ଟା ଧରି ଥାନା ଅଧିକାରୀ ଓ ତଦନ୍ତକାରୀ ଟିମର ପ୍ରଶ୍ନର ଉତ୍ତର ରଖିଛନ୍ତି ମନୋଜ। ଏବଂ ପୁଲିସର ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମନୋଜ ମିଶ୍ର ହାଜର ହୋଇଥିଲେ ବି ସମନ ପାଇ ଆସି ନାହାନ୍ତି ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜେଶ ବର୍ମା। ଆସନ୍ତା ୨୨ତାରିଖ ସୁଦ୍ଧା ହାଜର ହୋଇ ତଥ୍ୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବାରୁ ପରେ ଆସିପାରନ୍ତି ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ଆବଶ୍ୟକ ପଡ଼ିଲେ ମନୋଜ ମିଶ୍ରଙ୍କୁ ପୁଣି ଡାକରା ହୋଇପାରେ ବୋଲି କହିଛନ୍ତି ଥାନା ଅଧିକାରୀ। ସରକାର ବଦଳିବା ପରେ ୨୦୨୪ ଜୁନ୍ ୪ରେ ଗୃହ ବିଭାଗକୁ ସିଏମ୍ଓରୁ ସବୁ ଫାଇଲ୍ ଫେରିଥିଲା। କିନ୍ତୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲା ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡର ତଦନ୍ତ କମିସନ ରିପୋର୍ଟ ଫେରିନଥିଲା। ଏ ନେଇ ବିଧିବଦ୍ଧ ଭାବେ କ୍ୟାପିଟାଲ୍ ଥାନାରେ ଋଜ ପରେ ଲୋକସେବା ଭବନରେ ପୋଲିସ୍ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ଦୁଇ ବଡ଼ବାବୁଙ୍କୁ ସମନ ହୋଇଛି। ଆଗକୁ ପଡ଼ିପାରେ ଅନ୍ୟମାନଙ୍କ ପାଳି।

## ଏପ୍ରିଲ-ମେ'ରେ ଏକାସାଙ୍ଗରେ ହୋଇପାରେ ପଞ୍ଚାୟତ ଓ ପୌର ନିର୍ବାଚନ: ପ୍ରସ୍ତୁତି ଆରମ୍ଭ



ଭୁବନେଶ୍ୱର, ୧୮/୭ (ନି.ପ୍ର): ରାଜ୍ୟରେ ଜନଗଣନା କାର୍ଯ୍ୟ ଶେଷ ହେବା ପରେ ପଞ୍ଚାୟତ ଓ ପୌର ନିର୍ବାଚନ କରାଯିବ । ଏଥିପାଇଁ ରାଜ୍ୟ ନିର୍ବାଚନ ଆୟୋଗ ପ୍ରସ୍ତୁତି ଆରମ୍ଭ କରିଛି । ଆସନ୍ତା ଏପ୍ରିଲ କିମ୍ବା ମେ' ମାସରେ ଉଭୟ ପଞ୍ଚାୟତ ଏବଂ ପୌର ନିର୍ବାଚନ ଏକାସାଙ୍ଗରେ କରାଯିବାର ସମ୍ଭାବନା ରହିଛି ।

◆◆ପୃଷ୍ଠା ୭

## ପୁରୀ ରଥଯାତ୍ରା ଦଳାଚକଟା ଘଟଣା: ଜବାବ ତଲବ କଲେ ମାନବାଧିକାର କମିଶନ

ପୁରୀ, ୧୮/୭ (ନି.ପ୍ର): ପୁରୀ ରଥଯାତ୍ରା ସମୟରେ ଘଟିଥିବା ଠେଲାପେଲା ଏବଂ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ମାନବାଧିକାର କମିଶନ । ଏହି ଘଟଣାରେ କମିଶନ ରାଜ୍ୟ ଗୃହ ବିଭାଗର ପ୍ରମୁଖ ସଚିବ ଏବଂ ପୁରୀ ଜିଲ୍ଲାପାଳଙ୍କୁ ଜବାବ ତଲବ କରିଛନ୍ତି। ଏଥିସହ ଘଟଣାରେ ଆହତ ହୋଇଥିବା ସମସ୍ତଙ୍କୁ ଉପଯୁକ୍ତ ଓ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ବାହୁଡ଼ା ଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ରାଜ୍ୟ ଗୃହ ବିଭାଗ, ପୁରୀ ଜିଲ୍ଲାପାଳ ଓ ପୁରୀ ଏସପିଙ୍କୁ ମଧ୍ୟ କମିଶନ ପୃଥକ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି । ଆଇନଜୀବୀ ନିଶିକାନ୍ତ ମିଶ୍ର ଦାଖଲ କରିଥିବା ଆବେଦନକୁ ବିଚାର କରି ରାଜ୍ୟ ମାନବାଧିକାର କମିଶନ ଏହି ନିର୍ଦ୍ଦେଶ ଜାରି କରିଛନ୍ତି ।

## କ୍ୟାନସର ରୋଗୀଙ୍କ ପାଇଁ ବଡ଼ ଆଶ୍ୱାସନା: ଆୟୁଷ୍ମାନ କାର୍ଡରେ ମିଳିବ ମାଗଣା ଚିକିତ୍ସା




ଭୁବନେଶ୍ୱର, ୧୮/୭ (ନି.ପ୍ର): ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ! ଆଉ ଅର୍ଥ ଅଭାବରୁ ଅଧାରୁ ରହିବନି କ୍ୟାନସର ଚିକିତ୍ସା । ଆୟୁଷ୍ମାନ ଭାରତ ଯୋଜନାରେ ୧୨୧ଟି ନୂଆ ପ୍ୟାକେଜ୍ ସାମିଲ କରି ରାଜ୍ୟର କୋଟି କୋଟି ଜନସାଧାରଣଙ୍କ ପାଇଁ ଆଶାର ନୂଆ କିରଣ ଦେଖାଇଛନ୍ତି ମୋହନ ସରକାର । ଜାଣନ୍ତୁ, କିପରି ଏହି ଯୋଜନା ବଦଳାଇବ କ୍ୟାନସର ରୋଗୀଙ୍କ ଭାଗ୍ୟ । କ୍ୟାନସର ବା କର୍କଟ ଏପରି ଏକ ରୋଗ, ଯାହା କେବଳ ଶରୀରକୁ ନୁହେଁ, ବରଂ ରୋଗୀର ପରିବାରକୁ ଆର୍ଥିକ ଓ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ଦିଏ । ବିଶେଷ କରି ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ ଏହି ରୋଗର ବ୍ୟୟବହୁଳ ଚିକିତ୍ସା କରିବା ଅନେକ ସମୟରେ ଅସମ୍ଭବ ହୋଇପଡ଼େ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଏକ ବଡ଼ ଘୋଷଣା କରିଛନ୍ତି। ଏବେ ରାଜ୍ୟରେ ଆୟୁଷ୍ମାନ କାର୍ଡ ଜରିଆରେ କ୍ୟାନସର ରୋଗୀଙ୍କୁ ମାଗଣା ଓ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସୂଚନା ଅନୁଯାୟୀ, ଆୟୁଷ୍ମାନ ଭାରତ ଯୋଜନାରେ କ୍ୟାନସର ଚିକିତ୍ସା ପାଇଁ ନୂଆ ୧୨୧ଟି ପ୍ୟାକେଜ୍ ଯୋଡ଼ିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଉପଲବ୍ଧ ସୁବିଧା ଅପେକ୍ଷା ଏହି ନୂଆ ପ୍ୟାକେଜ୍ ଗୁଡ଼ିକ

◆◆ପୃଷ୍ଠା ୭

## ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ବାର୍ଷିକ ଉତ୍ସବ ଅବସରରେ ଝରଣା ପଟ୍ଟନାୟକ ଓ ଡ. ନାରାୟଣ ପଣ୍ଡା ପାଇବେ ଆନୁଷ୍ଠାନିକ ସାରସ୍ୱତ ସମ୍ମାନ

ଶ୍ରୀବତ୍ସଙ୍କୁ ବାଲେଶ୍ୱର ବରପୁତ୍ର; ଗଳ୍ପରେ ବାସନ୍ତୀ, କବିତାରେ ରାଜୀବ, ପ୍ରବନ୍ଧରେ ଦେବାଶିଷ, ଗୀତିକବିତାରେ ସବିତା, ସମ୍ପାଦନାରେ ଭଗବାନ, ଶିଶୁ ସାହିତ୍ୟରେ ପ୍ରଶାନ୍ତ, ଯୁବପ୍ରତିଭାରେ ସସ୍ମିତା, ସମାଜସେବାରେ ବିଭୂଦତ୍ତ, ଶିକ୍ଷାବିତ୍ ଭାବେ ସୁଧାଂଶୁ ଏବଂ ମଧୁସୂଦନ ଓ କେଶବଙ୍କୁ ସାମ୍ବାଦିକ ସମ୍ମାନ



ପ୍ର. ଝରଣା ପଟ୍ଟନାୟକ



ଡ. ନାରାୟଣ ପଣ୍ଡା



ଶ୍ରୀବତ୍ସ ଜେନା



ବାସନ୍ତୀ ମହାନ୍ତି



ରାଜୀବ ପାଣି



ଡ. ଦେବାଶିଷ ପାତ୍ର



ମହାପାତ୍ର ସବିତା ହୋତା



ଭଗବାନ ସାହୁ



ପ୍ରଶାନ୍ତ କୁମାର ଦାଶ



ସସ୍ମିତା ଦାସ



ବିଭୂଦତ୍ତ ପାଣିଗ୍ରାହୀ



ସୁଧାଂଶୁ ପଣ୍ଡା



ମଧୁସୂଦନ ମହାନ୍ତି



କେଶବ ଚନ୍ଦ୍ର ନାଥ

ବାଲେଶ୍ୱର , ୧୯/୭ (ନି.ପ୍ର): ବାଲେଶ୍ୱରରୁ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଓ ସାହିତ୍ୟ ସଂସ୍କୃତି ପତ୍ରିକା 'ସାଗରିକା'ର ବାର୍ଷିକ ଉତ୍ସବ ସମାରୋହ ତଥା ମିଳିତ ସମ୍ମାନ ପ୍ରଦାନ ଉତ୍ସବ ଆସନ୍ତା ୨୬ ତାରିଖ ରବିବାର ଦିନ ପୂର୍ବାହ୍ନ ୯ ଘଟିକା ସମୟରେ ବାଲେଶ୍ୱରର ସହରସ୍ଥ ଭେନିଆ ପାରାଡାଇଜ୍‌ଠାରେ ଯଥାରୀତି ଅନୁଷ୍ଠିତ ହେବ। ଚଳିତବର୍ଷ ବିଶିଷ୍ଟ ଲେଖକ ବିଶିଷ୍ଟ ଲେଖିକା ପ୍ରଫେସର ଝରଣା ପଟ୍ଟନାୟକଙ୍କୁ 'ଧ୍ୱନି ପ୍ରତିଧ୍ୱନି ସାରସ୍ୱତ ସମ୍ମାନ', ଡ. ନାରାୟଣ ପଣ୍ଡାଙ୍କୁ 'ସାଗରିକା ସାରସ୍ୱତ ସମ୍ମାନ' ପ୍ରଦାନ କରାଯିବ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ବରପୁତ୍ର ସମ୍ମାନ ଦକ୍ଷ ପ୍ରଶାସକ ତଥା ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ଜେନା, ଗଳ୍ପ ସମ୍ମାନ ଡ. ବାସନ୍ତୀ ମହାନ୍ତି, କବିତା ସମ୍ମାନ ରାଜୀବ ପାଣି, ପ୍ରବନ୍ଧ ସମ୍ମାନ ଡ. ଦେବାଶିଷ ପାତ୍ର, ବିଦ୍ୟୁତଲତା ଦେବୀ ଗୀତି କବିତା ସମ୍ମାନ ମହାପାତ୍ର ସବିତା ହୋତା, ସମ୍ପାଦନା ସମ୍ମାନ ଭଗବାନ ସାହୁ, ଶିଶୁ ସାହିତ୍ୟ ସମ୍ମାନ ପ୍ରଶାନ୍ତ କୁମାର ଦାଶ, ଯୁବ ପ୍ରତିଭା ସମ୍ମାନ ସସ୍ମିତା ଦାସ, ସମାଜସେବା ଓ ଲୋକସମ୍ପର୍କ ସମ୍ମାନ ବିଭୂଦତ୍ତ ପାଣିଗ୍ରାହୀ, ଶିକ୍ଷାବିତ୍ ସମ୍ମାନ ସୁଧାଂଶୁ ପଣ୍ଡା, ଓ ମଧୁସୂଦନ ମହାନ୍ତି ଏବଂ କେଶବ ଚନ୍ଦ୍ର ନାଥଙ୍କୁ ସାମ୍ବାଦିକ ସମ୍ମାନ ପ୍ରଦାନ ବୋଲି 'ଧ୍ୱନି ପ୍ରତିଧ୍ୱନି'ର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା ଏକ ପ୍ରେସ୍ ବିଜ୍ଞପ୍ତିରେ ଘୋଷଣା କରିଛନ୍ତି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସମସ୍ତ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ଅନ୍ତର୍ଜାତୀୟ ମହଲରେ ପାକିସ୍ତାନର ଗୁହାରି: କାଶ୍ମୀର ପ୍ରସଙ୍ଗରେ ୟୁକେ ଓ ୟୁରୋପକୁ ପଠାଇବ ସଂସଦୀୟ ଦଳ

ନୂଆଦିଲ୍ଲୀ,୧୮/୭ : କାଶ୍ମୀର ପ୍ରସଙ୍ଗରେ ଅନ୍ତର୍ଜାତୀୟ ମହଲରେ ଧ୍ୟାନ ଆକର୍ଷଣ କରିବା ପାଇଁ ପାକିସ୍ତାନ ୟୁନାଇଟେଡ କିଙ୍ଗଡମ୍ ଏବଂ ୟୁରୋପରେ ଏକ କୂଟନୈତିକ ପ୍ରଚାର ଅଭିଯାନ କରିବା ପାଇଁ ଯୋଜନା କରୁଛି। ଯେଉଁଥିରେ ସଂସଦୀୟ ପ୍ରତିନିଧି, ଆଇନଜୀବୀ, ନୀତି ନିର୍ଦ୍ଧାରକ, ଥିଙ୍କ୍ ଟ୍ୟାଙ୍କ ଏବଂ ଗଣମାଧ୍ୟମ ସଂଗଠନଗୁଡ଼ିକୁ ସାମିଲ କରାଯିବ ବୋଲି ଜଣାପଡ଼ିଛି। ଜମ୍ମୁ ଏବଂ କାଶ୍ମୀର ଏକ ଆଭ୍ୟନ୍ତରୀଣ ମାମଲା ଏବଂ ଆତଙ୍କବାଦ ଦ୍ୱାରା ପ୍ରଭାବିତ ପରିବେଶରେ ପାକିସ୍ତାନ ସହିତ ଆଲୋଚନା ଆଗକୁ ବଢ଼ିପାରିବ ନାହିଁ ବୋଲି ଭାରତ

◆◆ପୃଷ୍ଠା ୭


ସାଗରିକା
ଧ୍ୱନି ପ୍ରତିଧ୍ୱନି
ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୬
ଅବଗଣନା
୦୮ ଦିନ ବାକି
ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।
ସମସ୍ତଙ୍କୁ ସାଦର ଆମନ୍ତ୍ରଣ।
୨୬ ଜୁଲାଇ, ୨୦୨୬, ରବିବାର ପୂର୍ବାହ୍ନ @ ୯ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

## ସୋଲପଟାରେ ରଥଯାତ୍ରା

ବାଲେଶ୍ୱର, ୧୮/୭ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ୍ ଅନ୍ତର୍ଗତ ଛାନୁଆଁ ଗ୍ରାମପଞ୍ଚାୟତସ୍ଥ ସୋଲପଟାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ଠାକୁର ସେବକ ରାମଚନ୍ଦ୍ର ମାଝୀ ଓ କଳ୍ପନା ମାଝୀଙ୍କ ନେତୃତ୍ୱରେ ଅଜୟ ବେହେରା, ସତ୍ୟରଞ୍ଜନ ରାଉତ, ଅଜୟ ନାୟକ, ବିଜୟ ବେହେରା ଓ ଆଦିକନ୍ଦ ମାଝୀ ପ୍ରମୁଖ ଶହ ଶହ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ରଥକୁ ଟାଣି ଟାଣି ଲକ୍ଷବାଡ଼ିସ୍ଥ ପଞ୍ଚଲିଙ୍ଗେଶ୍ୱର ମାଉସୀବାଡ଼ି ପର୍ଯ୍ୟନ୍ତ ନେଇଥିଲେ। ସନ୍ଧ୍ୟାରେ କଳାକାରମାନେ କୀର୍ତ୍ତନ ଓ ଭଜନ ପରିବେଷଣ କରିଥିଲେ। ଶେଷରେ ମନ୍ଦିର କମିଟି ତରଫରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## କଟକରେ କଂଗ୍ରେସର 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୧୮/୭ (ନି.ପ୍ର): କଟକ ଶହୀଦ ଭବନଠାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଛାତ୍ରଙ୍କ ପାଇଁ ଅଭିଯାନ 'ଛାତ୍ରୋଂ କି ଗୁଞ୍ଜ' କାର୍ଯ୍ୟକ୍ରମ କଟକର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ, ପିସିସି ସଭାପତି ଭକ୍ତ ଚରଣ ଦାସ ଓ ସହ ପ୍ରଭାରୀ ମୟୁର ଜୟକୁମାର ଉଦବୋଧନ ଦେଇଥିଲେ। କଂଗ୍ରେସ ନେତୃତ୍ୱ ଛାତ୍ର ମାନଙ୍କୁ ତାଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ସ୍ୱର ଉତୋଳନ କରିବାକୁ ପରାମର୍ଶ ଦେବା ସହ ସେମାନଙ୍କ ପ୍ରତ୍ୟେକ ଅଧିକାର ପାଇଁ ଅହିଂସାତ୍ମକ ଢଙ୍ଗରେ ପ୍ରବଳ ଦାବୀ କରିବାକୁ କହିଥିଲେ। ବିଜେପି ସରକାର ଦେଶର ନିରୀହ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସହିତ କ୍ରୁର ଖେଳ ଖେଳୁଛି ଏବଂ ଛାତ୍ର ସମାଜ ଯଦି ପାଟି ଖୋଲିବନି ତେବେ ଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ବୋଲି ଚେତାଇ ଦେଇଥିଲେ। ତେବେ ଛାତ୍ରଙ୍କ ସମସ୍ତ ସମସ୍ୟା ଶୁଣି ତାର ସମାଧାନ ପାଇଁ ରାହୁଲ ଗାନ୍ଧୀ ଏହି ଅଭିଯାନ ଆରମ୍ଭ କରିଛନ୍ତି ତେଣୁ କଂଗ୍ରେସ ଛାତ୍ରଙ୍କ ପ୍ରତ୍ୟେକ ସମସ୍ୟା ପାଇଁ ଲଢେଇ କରିବ ବୋଲି ଦୃଢତାର ସହ କହିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୋଂ କି ଗୁଞ୍ଜର ଅଭିଯାନର ସଂଯୋଜକ କୋକୋ ପାଢ଼ୀ ଓପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, କଟକ ସିଟି କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ର, ଛାତ୍ରନେତା ବିଭୁତି ଭୂଷଣ ମହାପାତ୍ର, ହରିଶଙ୍କର ମାଢି ଉପସ୍ଥିତ ରହି ଛାତ୍ରଙ୍କ ମନୋବଳ ଦୃଢ କରିବା ସକାଶେ ପରାମର୍ଶ ଦେଇଥିଲେ । କଂଗ୍ରେସ ଦଳର ଅନେକ କର୍ମକର୍ତାଙ୍କ ସହ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଏହି ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

## ଟାଇମ୍‌ପାସ୍ ପୁସ୍ତକପର୍ବ: ଡ. ବିବୁଧରଞ୍ଜନଙ୍କ ୧୨ଖଣ୍ଡ ଗ୍ରନ୍ଥାବଳୀ ଲୋକାର୍ପିତ



ଭୁବନେଶ୍ୱର, ୧୮/୭ (ନି.ପ୍ର): 'ନିର୍ଭୀକ, ସ୍ୱଚ୍ଛ ଏବଂ ସମାଜର ତଥାକଥିତ ବଡ଼ଲୋକଙ୍କ ଔଦ୍ଧତ୍ୟ ବିରୁଦ୍ଧରେ ବିବୁଧରଞ୍ଜନଙ୍କ ବାର୍ତ୍ତା ଖୁବ୍ ଶାଣିତ।' ଭୁବନେଶ୍ୱର ୧୮/୭: ଟାଇମପାସ ପ୍ରକାଶନ ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁସ୍ତକପର୍ବରେ ଲୋକାର୍ପିତ ହୋଇଯାଇଛି ବିଶିଷ୍ଟ ଲେଖକ ଡକ୍ଟର ବିବୁଧରଞ୍ଜନଙ୍କ ୫୬ଟି ପୁସ୍ତକକୁ ନେଇ ୧୨ଖଣ୍ଡ ଗ୍ରନ୍ଥାବଳୀ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସୂଚନା କମିଶନର ତଥା ଅବସରପ୍ରାପ୍ତ ବରିଷ୍ଠ ଆଇ.ପି.ଏସ. ଅଧିକାରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ କହିଥିଲେ ଯେ ନିର୍ଭୀକ, ସ୍ୱଚ୍ଛ ଏବଂ ସମାଜର ତଥାକଥିତ ବଡ଼ଲୋକଙ୍କ ଔଦ୍ଧତ୍ୟ ବିରୁଦ୍ଧରେ ବିବୁଧରଞ୍ଜନଙ୍କ ବାର୍ତ୍ତା ଖୁବ୍ ଶାଣିତ। ଏଥିସହିତ ଆଧ୍ୟାତ୍ମିକତାର ସୁଗନ୍ଧ ଭିନ୍ନ ରାସ୍ତାରେ ଚାଲିବାର ଆହ୍ୱାନ ମଧ୍ୟ ତାଙ୍କ ଲେଖାରେ ଥାଏ। ବିଶିଷ୍ଟ କଥାକାର ତଥା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନସଚିବ ଦେବପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲେଖକଙ୍କ ସାହସିକ ଉଦ୍ୟମର ଭୂୟସୀ ପ୍ରଶଂସା କରି କହିଥିଲେ ଯେ ବ୍ୟକ୍ତିଗତ ଭାବେ ଲେଖକ କୋମଳ ହୃଦୟର ହୋଇଥିଲେ ବି ସାମାଜିକ ବ୍ୟବସ୍ଥା ପ୍ରତି ସେ ସବୁବେଳେ ଖୁବ୍ ରୁକ୍ଷ। ଜଣେ ସଶକ୍ତ ଲେଖକ ବ୍ୟବସ୍ଥା ବଦଳେଇ ଦେବାର କ୍ଷମତା ରଖେ। ବରିଷ୍ଠ ସାମ୍ବାଦିକ ତଥା 'ନିର୍ଭୟ'ର ସଂପାଦକ ନବୀନ ଦାସ ଲେଖକଙ୍କ ପୁସ୍ତକ ଓ ବ୍ୟକ୍ତିତ୍ୱ ଉପରେ ମତ ଦେଇ କହିଥିଲେ ଯେ ବିବୁଧରଞ୍ଜନଙ୍କ ଲେଖା ଖୁବ୍ ସତ୍ୟନିଷ୍ଠ ଓ ସାହସିକ। ସେସବୁକୁ ଠିକ୍ ଭାବେ ନପଢି ସମାଲୋଚନା କରାଯିବା ଦୁର୍ଭାଗ୍ୟଜନକ। ଲୋକାର୍ପଣ ଅବସରରେ ଫ୍ଲୋରିଡ଼ା ଆମେରିକାରୁ ଆସିଥିବା ନିଷ୍ଠାପର ପାଠକ ଉତ୍କଳେନ୍ଦୁ ମିଶ୍ର ଯୋଗଦେଇ ପ୍ରଥମ ସେଟ୍ ଗ୍ରନ୍ଥାବଳୀ କ୍ରୟ କରିଥିଲେ। ଲେଖକ ଡ. ବିବୁଧରଞ୍ଜନ ନିଜ ଦୀର୍ଘ ଲେଖକୀୟ ଜୀବନର ସଂଘର୍ଷ ଓ ସୃଜନଯାତ୍ରା ସଂପର୍କରେ ସୂଚନା ଦେବା ସହିତ ସଂପୃକ୍ତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରି କହିଥିଲେ ଯେ ତାଙ୍କର ସବୁ ଲେଖା ହେଉଛି ସତ୍ୟର ଅନ୍ୱେଷଣ। ଲେଖକ ତଥା 'ଟାଇମପାସ୍'ର ନିର୍ଦ୍ଦେଶକ ସରୋଜ ବଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ଉତ୍ସବ ସଂଚାଳନ କରିଥିଲେ। ପରିଚାଳନାରେ ସହଯୋଗ କରିଥିଲେ ବିଭୂତି ଖୁଣ୍ଡିଆ, ତିଲୋତ୍ତମା ଦାସ, ସୁବ୍ରତ ମହାନ୍ତି, ମୁକ୍ତିଜିତ ସାହୁ, ପ୍ରିୟାଂଶୁ ପ୍ରିୟଦେବ ଓ ସମାସ ବଳ! ଶତାଧିକ ଲେଖକ ଓ ବିବୁଧପ୍ରେମୀ ପାଠକ ପୁସ୍ତକପର୍ବରେ ଯୋଗଦେଇ ଏହାକୁ ସଫଳ କରିଥିଲେ।

## ଆମୋନିଆ ସଠିକ୍ ପରିଚାଳନା ନିମନ୍ତେ ଇଫ୍‌କୋ ପରିସରରେ ଦିନିକିଆ କର୍ମଶାଳା

ପାରାଦୀପ, ୧୮/୭ (ନି.ପ୍ର): ରାଜ୍ୟ କାରଖାନା ଓ ବୟଲର ନିର୍ଦ୍ଦେଶାଳୟ, ରାଜ୍ୟ ଶ୍ରମ ଅନୁଷ୍ଠାନ ସହଭାଗିତାରେ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ଆମୋନିଆ ଗ୍ୟାସ୍‌ର ସଠିକ୍ ପରିଚାଳନା ନିମନ୍ତେ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା । ଆମୋନିଆ ଗ୍ୟାସ ପରିବହନ, ପରିଚାଳନା, ଗଚ୍ଛିତ ରଖିବା ଆଦିକୁ କିପରି ସଠିକ୍ ଭାବେ କରାଯିବ ଏହାକୁ ଏହି କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା । ମୁଖ୍ୟଅତିଥି ଭାବେ ଶ୍ରମ କମିଶନର ତଥା ରାଜ୍ୟ କାରଖାନା ଓ ବୟଲର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ ପାରାଦୀପ ଏଡିଏମ୍ ନିରଂଜନ ବେହେରା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଫଆଣ୍ଡବି ଉପ ନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ, ପାରାଦୀପ ଜୋନ୍ ଉପ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ସହକାରୀ ନିର୍ଦ୍ଦେଶକ କଟକ ଚନ୍ଦ୍ରଶେଖର ବେହେରା, କଟକ ମଣ୍ଡଳ ଉପ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ, ପାରାଦୀପ ଇଫକୋ ୟୁନିଟ୍ ହେଡ୍ ପି.କେ.ମହାପାତ୍ର, ପିପିଏଲ୍ ୟୁନିଟ୍ ହେଡ୍ ଏସ. ଗିରୀଶ ପ୍ରମୁଖ ଯୋଗ ଦେଇଥିଲେ । ଏହି ଦିନିକିଆ କର୍ମଶାଳାରେ ରାଜ୍ୟର ୧୬୦ଟି ଶିଳ୍ପ ସଂସ୍ଥାରେ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଇଫକୋ ପକ୍ଷରୁ ଏହି ଦିନିକିଆ କର୍ମଶାଳାର ସଫଳ ଆୟୋଜନ କରାଯାଇଥିଲା ।

## ଝାଟିମାଟି ଘରେ ଯନ୍ତ୍ରଣାରେ ଛଟପଟ କମଳିନୀ: ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁନାହାଁନ୍ତି



ଖଇରା, ୧୮/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ରାଇକୁଳା ଗାଁର କମଳିନୀ ମାଝୀ(୭୦) । କର୍କଟ ରୋଗରେ ପିଡିତ ଏହି ବୃଦ୍ଧା ଝାଟିମାଟି ଘର ଭିତରେ ଯନ୍ତ୍ରଣାରେ ଛଟପଟ ହେଉଥିଲେ ହେଁ ପାଖରେ କାଣି କଉଡିଟିଏ ନଥିବାରୁ ତାଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରୁନି । ସେହିଭଳି ସରକାରୀ ସ୍ତରରେ ଆବାସ ଘର କଣ୍ଡିଏ ବି ମିଳିପାରିନି । କୌଣସୀ ବଦାନ୍ୟ ବ୍ୟକ୍ତି ସାହାଯ୍ୟ କଲେ ମାଙ୍କୁ ଯନ୍ତ୍ରଣାରୁ ଉପଶମ ମିଳିପାରନ୍ତା ବୋଲି କମଳିନୀଙ୍କ ସେବାଶୁଶ୍ରୁଷା କରୁଥିବା ଏକମାତ୍ର ସାହାରା ଭାବେ ଝିଅ ସରସ୍ୱତୀ ନିବେଦନ କରିଛନ୍ତି। ସ୍ୱାମୀ ମଧୁମାଝୀ ପାଖାପାଖି ୮ବର୍ଷ ତଳେ ଦୁର୍ଘଟଣାରେ ଆଖିବୁଜି ସାରିଛନ୍ତି । ଏକମାତ୍ର ଝିଅ ସରସ୍ୱତୀ ମଧ୍ୟ ବିବାହ କରିସାରିଛନ୍ତି। ନିକଟରେ ରଜ ସମୟରେ କମଳୀନୀଙ୍କ ଗଳାରେ ଯନ୍ତ୍ରଣା ହେବା ପରେ ଝିଅ ସହାୟତରେ ଭଦ୍ରକ ଯାଇ ଔଷଧ ଆଣିଥିଲେ । ହେଲେ ସେଥିରେ ଉପସମ ନହେବାରୁ କଟକ ଯାଇ ପରୀକ୍ଷାନିରିକ୍ଷା କରିବା ପରେ ଗଳାରେ କର୍କଟ ହୋଇଥିବା ଜଣାପଡିଥିଲା । ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସାକେନ୍ଦ୍ରରେ ଚିକିତ୍ସା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ ହେଁ ଯିବାଆସିବା ପାଇଁ ତାଙ୍କପାଖରେ ଅର୍ଥର ଘୋର ଅଭାବ ବାଧକ ସାଜିଛି । ତୃତୀୟ ଅବସ୍ଥାରେ ପହଞ୍ଚିସାରିଥିବା ଏହି ବୃଦ୍ଧାକୁ ସହାୟତା କରିବାକୁ ଚାହୁଁଥିବା ବ୍ୟକ୍ତି ମୋବାଇଲ ନମ୍ବର ୯୬୯୨୭୯୬୭୪୯ରେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

## କ୍ଲାଇମେଟ୍ ପଂଚାୟତ ବୈଠକ: ପରିବେଶ ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ




ପାରାଦୀପ, ୧୮/୭ (ନି.ପ୍ର): ପାରାଦୀପ ମଧବନସ୍ଥିତ ଅଫିସର୍ସ କ୍ଲବ୍ ପରିସରରେ ଆଜି ଅପରାହ୍ନରେ କ୍ଲାଇମେଟ୍ ପଂଚାୟତ ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ନିର୍ବାଚନ ମଣ୍ଡଳୀସ୍ତରୀୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ । ପରିବେଶ ସୁରକ୍ଷା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଗଛ ମାଆ ପାଇଁର ଆହ୍ୱାନ ଦେଇଥିଲେ । ଦିନକୁ ଦିନ ବିଶ୍ୱତାପମାନ ବଢିବାରେ ଲାଗିଛି। ଏହାକୁ ଗୁରୁତ୍ୱ ଦେଇ ସମସ୍ତେ ବୃକ୍ଷରୋପଣ କରି ପରିବେଶରେ ସନ୍ତୁଳନ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ବାଦ ପକ୍ଷରୁ ଆୟୋଜିତ ଏହି ସମାବେଶରେ ପୌରହିତ୍ୟ କରିଥିଲେ ଜିଲ୍ଲା ପ୍ରତିନିଧି ଶୁଭକାନ୍ତ ପଢିହାରୀ। ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ପାରିଷଦ ସୁବ୍ରତ କୁମାର ପ୍ରଧାନ, ପରିବେଶବିତ୍ ଅମରେଶ ନରେଶ ସାମନ୍ତ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ପାରାଦୀପର ବିଭିନ୍ନ ସମାଜିକ ଅନୁଷ୍ଠାନ, ସମାଜସେବୀ, ପରିବେଶବିତ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପରିବେଶ ପ୍ରଦୂଷଣ ରୋକିବା ଓ ବ୍ୟାପକ ବୃକ୍ଷରୋପଣ କରିବାକୁ ମତ ପ୍ରକାଶ କରିଥିଲେ ।

## ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ପାରାଦ୍ୱୀପରେ ୧୨୩ ଜଣ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ




ପାରାଦ୍ୱୀପ, ୧୮/୭ : ପ୍ରଧାନମନ୍ତ୍ରୀ ଯକ୍ଷ୍ମା (ଟିବି) ମୁକ୍ତ ଭାରତ ଅଭିଯାନ ଅଧୀନରେ ଏଏମ୍/ଏନଏସ ପୋର୍ଟସ୍ ପକ୍ଷରୁ ଜଗତସିଂହପୁର ଜିଲ୍ଲା ଯକ୍ଷ୍ମା (ଟିବି) କାଉନସିଲ୍? ସହଭାଗିତାରେ କୁଜଙ୍ଗ ବ୍ଲକ ଏବଂ ପାରାଦ୍ୱୀପ ପୌରାଞ୍ଚଳର ୧୨୩ ଜଣ ଯକ୍ଷ୍ମା ରୋଗୀଙ୍କୁ ୩୪୪ଟି ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ବଣ୍ଟନ କରିଛି। ଏହି ବହୁ-କ୍ଷେତ୍ରିକ ପଦକ୍ଷେପ ଟି ଯକ୍ଷ୍ମା ବିରୋଧୀ ଲଢ଼େଇକୁ ମଜବୁତ କରିବାରେ ପୁଷ୍ଟିକର ଖାଦ୍ୟ ସହାୟତାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି, ଯାହାକି ଏହି ରୋଗ ସହିତ ଲଢୁଥିବା ବ୍ୟକ୍ତିଙ୍କ ପାଇଁ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମାଧାନ ପ୍ରଦାନ କରିଥାଏ । ଏହି ବାସ୍କେଟ୍ ର ଅଂଶବିଶେଷ ଭାବରେ ମିଲ୍କ ପାଉଡର (କ୍ଷୀର ଗୁଣ୍ଡ), ଡାଲି, ରୋଷେଇ ଉପଯୋଗୀ ତେଲ, ଶସ୍ୟ ଜାତୀୟ ସାମଗ୍ରୀ ଏବଂ ମିଲେଟ୍ ଭଳି ବିଶେଷ ଭାବରେ ପ୍ରସ୍ତୁତ ଖାଦ୍ୟ ବାସ୍କେଟ୍ ପ୍ରଦାନ କରାଯାଇଥିଲା। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଏବଂ ରୋଗୀମାନଙ୍କୁ ଶୀଘ୍ର ସୁସ୍ଥ ହେବାରେ ସାହାଯ୍ୟ କରିବା ପାଇଁ ଏହି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ବିଶେଷ ରୂପେ ଚୟନ କରାଯାଇଛି। ଏଏମ୍ /ଏନ୍ଏସ୍ ପୋର୍ଟସ୍ ୨୦୨୩ ମସିହାରୁ ଏହି ରୋଗୀମାନଙ୍କୁ ସହାୟତାର ହାତ ବଢ଼ାଇ ଆସୁଛି ଏବଂ ସେମାନେ ଯେପରି ଅତ୍ୟାବଶ୍ୟକ ସେବା ଓ ସଠିକ୍ ସମୟରେ ସହାୟତା ପାଇପାରିବେ ତାହା ସୁନିଶ୍ଚିତ କରି ୩୦୦୦ ରୁ ଅଧିକଙ୍କ ଜୀବନରେ ସୁଧାର ଆଣିଛି।ଏହି କାର୍ଯ୍ୟକ୍ରମ ପାରାଦ୍ୱୀପସ୍ଥିତ ବିଜୁ ମେମୋରିଆଲ ହସ୍ପିଟାଲର ସମ୍ମିଳନୀ କକ୍ଷରେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଥିବା ଅତିଥିମାନଙ୍କ ମଧ୍ୟରେ ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ରଶ୍ମି ରଞ୍ଜନ ପଟ୍ଟନାୟକ, ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ବିପିନ ବିହାରୀ ପାତ୍ର, ଜିଲ୍ଲା ପବ୍ଲିକ ପ୍ରାଇଭେଟ ମିଳିତ ସଂଯୋଜକ ଶ୍ରୀ ମହମ୍ମଦ ଓ୍ୱାକାର ଅଲ୍ଲୀ, ପାରାଦ୍ୱୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର ବସନ୍ତ କୁମାର ରାଉତ, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଚିକିତ୍ସା ସଂଯୋଜକ ଶ୍ରୀ ସୟଦ ଅମିନୁଲ ଇସଲାମ, ପାରାଦ୍ୱୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଯକ୍ଷ୍ମା ସ୍ୱାସ୍ଥ୍ୟ ପରିଦର୍ଶକ ଶ୍ରୀ ସୁମିତ୍ର କୁମାର ସ୍ୱାଇଁ ଏବଂ ପାରାଦ୍ୱୀପର ଯକ୍ଷ୍ମା ଚାମ୍ପିଅନ କୁମାରୀ ବନିତା ବର୍ମନ ପ୍ରମୁଖ ସାମିଲ ଥିଲେ। ଏହା ସହିତ ଏଏମ୍ /ଏନ୍ଏସ୍ ପୋର୍ଟସ୍ ର ବରିଷ୍ଠ ଅଧିକାରୀ ଯଥା ମେକାନିକାଲ ବିଭାଗର ମୁଖ୍ୟ ଶ୍ରୀ ଲକ୍ଷ୍ମୀକାନ୍ତ ସାହୁ, ଇଲେକ୍ଟ୍ରିକାଲ ବିଭାଗର ମୁଖ୍ୟ ଶ୍ରୀ ପ୍ରବୀଣ ରାୟ ଏବଂ ଲଜିଷ୍ଟିକ୍ସ ବିଭାଗର ମୁଖ୍ୟ ଶ୍ରୀ ସ୍ମୃତି ରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ। ବିନା ଭୟ କିମ୍ବା ସଂକୋଚରେ ଆଗକୁ ଆସିବା ପାଇଁ ଅନୁପ୍ରାଣିତ କରିଥାଏ। ଡାକ୍ତର ପଟ୍ଟନାୟକ ଯକ୍ଷ୍ମା ରୋଗୀମାନଙ୍କୁ ନିଜର ରୋଗ ନଲୁଚାଇ ଏହାର ଚିକିତ୍ସା କରିବାକୁ କହିବା ସହ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ସ୍ୱଷ୍ଟତାର ସହିତ ସଠିକ୍ ସମୟରେ ଡାକ୍ତରୀ ସେବା ନେବାର ଆବଶ।




**01. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 15.07.26 | 2200 | 16.07.26 | 0345 |
| 08407 | ଭଦ୍ରକ-ପୁରୀ | 15.07.26 | 2130 | 16.07.26 | 0355 |
| 08421 | ଅନୁଗୁଳ-ପୁରୀ | 16.07.26 | 0500 | 16.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 16.07.26 | 0230 | 16.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 16.07.26 | 0500 | 16.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 16.07.26 | 0800 | 16.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 16.07.26 | 0630 | 16.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 16.07.26 | 0700 | 16.07.26 | 1230 |
| 08437 | ପଲାସା-ପୁରୀ | 15.07.26 | 2100 | 16.07.26 | 0200 |
| 08557 | ଗୁଣୁପୁର-ପୁରୀ | 15.07.26 | 1830 | 16.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 15.07.26 | 1230 | 15.07.26 | 2130 |
| 08553 | ଜଗଦଲପୁର-ପୁରୀ | 15.07.26 | 0600 | 16.07.26 | 0140 |
| 08555 | ରାୟଗଡ଼ା-ପୁରୀ | 15.07.26 | 1430 | 16.07.26 | 0400 |
| 08559 | ସମ୍ବଲପୁର-ପୁରୀ | 15.07.26 | 2200 | 16.07.26 | 0615 |
| 08336 | ଜୁନାଗଡ଼ ରୋଡ଼-ପୁରୀ | 15.07.26 | 2050 | 16.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 15.07.26 | 1000 | 15.07.26 | 2100 |
| 08565 | ଶାଲିମାର-ପୁରୀ | 15.07.26 | 1800 | 16.07.26 | 0600 |
| 08331 | ରାଉରକେଲା-ପୁରୀ | 15.07.26 | 1940 | 16.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 15.07.26 | 0900 | 15.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 15.07.26 | 1430 | 16.07.26 | 0300 |
| 08567 | ବଡ଼ବିଲ-ପୁରୀ | 15.07.26 | 0735 | 15.07.26 | 1730 |

**02. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 16.07.26 | 1505 | 16.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 16.07.26 | 1815 | 17.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 16.07.26 | 2100 | 17.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 16.07.26 | 2115 | 17.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 16.07.26 | 2130 | 17.07.26 | 0315 |
| 08444 | ପୁରୀ-ତାଳଚେର | 17.07.26 | 0005 | 17.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 17.07.26 | 0100 | 17.07.26 | 0430 |
| 08422 | ପୁରୀ-ଅନୁଗୁଳ | 17.07.26 | 0215 | 17.07.26 | 0745 |
| 08438 | ପୁରୀ-ପଲାସା | 17.07.26 | 0400 | 17.07.26 | 0915 |
| 08558 | ପୁରୀ-ଗୁଣୁପୁର | 17.07.26 | 0245 | 17.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 17.07.26 | 0230 | 17.07.26 | 1105 |
| 08554 | ପୁରୀ-ଜଗଦଲପୁର | 16.07.26 | 1915 | 17.07.26 | 1315 |
| 08556 | ପୁରୀ-ରାୟଗଡ଼ା | 17.07.26 | 0130 | 17.07.26 | 1430 |
| 08560 | ପୁରୀ-ସମ୍ବଲପୁର | 17.07.26 | 0330 | 17.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ଼ | 17.07.26 | 0700 | 17.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 16.07.26 | 2030 | 17.07.26 | 0640 |
| 08566 | ପୁରୀ-ଶାଲିମାର | 17.07.26 | 0030 | 17.07.26 | 1330 |
| 08332 | ପୁରୀ-ରାଉରକେଲା | 17.07.26 | 0300 | 17.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 17.07.26 | 0045 | 17.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 17.07.26 | 0115 | 17.07.26 | 1330 |
| 08568 | ପୁରୀ-ବଡ଼ବିଲ | 16.07.26 | 1945 | 17.07.26 | 0700 |

**03. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 23.07.26 | 2200 | 24.07.26 | 0345 |
| 08407 | ଭଦ୍ରକ-ପୁରୀ | 23.07.26 | 2130 | 24.07.26 | 0355 |
| 08421 | ଅନୁଗୁଳ-ପୁରୀ | 24.07.26 | 0500 | 24.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 24.07.26 | 0230 | 24.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 24.07.26 | 0500 | 24.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 24.07.26 | 0800 | 24.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 24.07.26 | 0630 | 24.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 24.07.26 | 0700 | 24.07.26 | 1230 |
| 08437 | ପଲାସା-ପୁରୀ | 23.07.26 | 2100 | 24.07.26 | 0200 |
| 08557 | ଗୁଣୁପୁର-ପୁରୀ | 23.07.26 | 1830 | 24.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 23.07.26 | 1230 | 23.07.26 | 2130 |
| 08553 | ଜଗଦଲପୁର-ପୁରୀ | 23.07.26 | 0600 | 24.07.26 | 0140 |
| 08555 | ରାୟଗଡ଼ା-ପୁରୀ | 23.07.26 | 1430 | 24.07.26 | 0400 |
| 08559 | ସମ୍ବଲପୁର-ପୁରୀ | 23.07.26 | 2200 | 24.07.26 | 0615 |
| 08336 | ଜୁନାଗଡ଼ ରୋଡ଼-ପୁରୀ | 23.07.26 | 2050 | 24.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 23.07.26 | 1000 | 23.07.26 | 2100 |
| 08565 | ଶାଲିମାର-ପୁରୀ | 23.07.26 | 1800 | 24.07.26 | 0600 |
| 08331 | ରାଉରକେଲା-ପୁରୀ | 23.07.26 | 1940 | 24.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 23.07.26 | 0900 | 23.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 23.07.26 | 1430 | 24.07.26 | 0300 |
| 08567 | ବଡ଼ବିଲ-ପୁରୀ | 23.07.26 | 0735 | 23.07.26 | 1730 |

**04. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 24.07.26 | 1505 | 24.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 24.07.26 | 1815 | 25.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 24.07.26 | 2100 | 25.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 24.07.26 | 2115 | 25.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 24.07.26 | 2130 | 25.07.26 | 0315 |
| 08444 | ପୁରୀ-ତାଳଚେର | 25.07.26 | 0005 | 25.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 25.07.26 | 0100 | 25.07.26 | 0430 |
| 08422 | ପୁରୀ-ଅନୁଗୁଳ | 25.07.26 | 0215 | 25.07.26 | 0745 |
| 08438 | ପୁରୀ-ପଲାସା | 25.07.26 | 0400 | 25.07.26 | 0915 |
| 08558 | ପୁରୀ-ଗୁଣୁପୁର | 25.07.26 | 0245 | 25.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 25.07.26 | 0230 | 25.07.26 | 1105 |
| 08554 | ପୁରୀ-ଜଗଦଲପୁର | 24.07.26 | 1915 | 25.07.26 | 1315 |
| 08556 | ପୁରୀ-ରାୟଗଡ଼ା | 25.07.26 | 0130 | 25.07.26 | 1430 |
| 08560 | ପୁରୀ-ସମ୍ବଲପୁର | 25.07.26 | 0330 | 25.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ଼ | 25.07.26 | 0700 | 25.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 24.07.26 | 2030 | 25.07.26 | 0640 |
| 08566 | ପୁରୀ-ଶାଲିମାର | 25.07.26 | 0030 | 25.07.26 | 1330 |
| 08332 | ପୁରୀ-ରାଉରକେଲା | 25.07.26 | 0300 | 25.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 25.07.26 | 0045 | 25.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 25.07.26 | 0115 | 25.07.26 | 1330 |
| 08568 | ପୁରୀ-ବଡ଼ବିଲ | 24.07.26 | 1945 | 25.07.26 | 0700 |

**05. ସୁନାବେଶ ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 24.07.26 | 2200 | 25.07.26 | 0345 |
| 08407 | ଭଦ୍ରକ-ପୁରୀ | 24.07.26 | 2130 | 25.07.26 | 0355 |
| 08421 | ଅନୁଗୁଳ-ପୁରୀ | 25.07.26 | 0500 | 25.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 25.07.26 | 0230 | 25.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 25.07.26 | 0500 | 25.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 25.07.26 | 0800 | 25.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 25.07.26 | 0630 | 25.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 25.07.26 | 0700 | 25.07.26 | 1230 |
| 08563 | ବାଙ୍ଗିରିପୋଷି-ପୁରୀ | 24.07.26 | 1430 | 25.07.26 | 0300 |

**06. ସୁନାବେଶ ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 25.07.26 | 1505 | 25.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 25.07.26 | 1815 | 26.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 25.07.26 | 2100 | 26.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 25.07.26 | 2115 | 26.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 25.07.26 | 2130 | 26.07.26 | 0315 |
| 08444 | ପୁରୀ-ତାଳଚେର | 26.07.26 | 0005 | 26.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 26.07.26 | 0100 | 26.07.26 | 0430 |
| 08422 | ପୁରୀ-ଅନୁଗୁଳ | 26.07.26 | 0215 | 26.07.26 | 0745 |
| 08564 | ପୁରୀ-ବାଙ୍ଗିରିପୋଷି | 26.07.26 | 0115 | 26.07.26 | 1330 |

**07. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08423 | ବ୍ରହ୍ମପୁର-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0230 |
| 08431 | ଦଶପଲ୍ଲା-ପୁରୀ | 15.07.2026 ଠାରୁ 25.07.2026 | 2330 | ପରବର୍ତ୍ତୀ ଦିନ | 0330 |
| 08419 | ଅନୁଗୁଳ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0430 |
| 08411 | କେନ୍ଦୁଝରଗଡ଼-ପୁରୀ | 15.07.2026 ଠାରୁ 25.07.2026 | 2100 | ପରବର୍ତ୍ତୀ ଦିନ | 0505 |
| 08415 | ପାରାଦ୍ୱୀପ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0540 |
| 08425 | ବ୍ରହ୍ମପୁର-ପୁରୀ | 16.07.2026 ଠାରୁ 26.07.2026 | 0530 | ସେହି ଦିନ | 0930 |
| 08409 | ଭଦ୍ରକ-ପୁରୀ | 16.07.2026 ଠାରୁ 26.07.2026 | 0420 | ସେହି ଦିନ | 1020 |
| 08433 | ଦଶପଲ୍ଲା-ପୁରୀ | 16.07.2026 ଠାରୁ 26.07.2026 | 0800 | ସେହି ଦିନ | 1315 |
| 08451 | ଖୋର୍ଦ୍ଧା ରୋଡ଼-ପୁରୀ | 16.07.2026 ଠାରୁ 26.07.2026 | 1330 | ସେହି ଦିନ | 1430 |

**08. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ଅନ୍ୟ ସତନ୍ତ୍ର ଟ୍ରେନ**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08452 | ପୁରୀ-ଖୋର୍ଦ୍ଧା ରୋଡ଼ | 16.07.2026 ଠାରୁ 26.07.2026 | 1445 | ସେହି ଦିନ | 1545 |
| 08432 | ପୁରୀ-ଦଶପଲ୍ଲା | 16.07.2026 ଠାରୁ 26.07.2026 | 1430 | ସେହି ଦିନ | 1830 |
| 08424 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 1530 | ସେହି ଦିନ | 2100 |
| 08412 | ପୁରୀ-କେନ୍ଦୁଝରଗଡ଼ | 16.07.2026 ଠାରୁ 26.07.2026 | 1615 | ସେହି ଦିନ | 2345 |
| 08416 | ପୁରୀ-ପାରାଦ୍ୱୀପ | 16.07.2026 ଠାରୁ 26.07.2026 | 1745 | ସେହି ଦିନ | 2355 |
| 08420 | ପୁରୀ-ଅନୁଗୁଳ | 16.07.2026 ଠାରୁ 26.07.2026 | 1900 | ପରବର୍ତ୍ତୀ ଦିନ | 0030 |
| 08426 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 2230 | ପରବର୍ତ୍ତୀ ଦିନ | 0300 |
| 08410 | ପୁରୀ-ଭଦ୍ରକ | 17.07.2026 ଠାରୁ 27.07.2026 | 0200 | ସେହି ଦିନ | 0700 |
| 08434 | ପୁରୀ-ଦଶପଲ୍ଲା | 17.07.2026 ଠାରୁ 27.07.2026 | 0315 | ସେହି ଦିନ | 0645 |

ରଥଯାତ୍ରା ସତନ୍ତ୍ର ଟ୍ରେନ ଗୁଡ଼ିକ ସତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ। ବ୍ରହ୍ମପୁର ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ଼ ନଯାଇ ଭାୟା-ଅରୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ।

ECOR YATRA APP
RailOne
କିମ୍ବା ପ୍ଲେ ଷ୍ଟୋର୍‌ରୁ ଡାଉନ୍‌ଲୋଡ୍ କରନ୍ତୁ
RailOne ଏକିକୃତ ରେଲୱେ ଆପ୍

ରଥଯାତ୍ରା ମୋବାଇଲ୍ ଆପ୍
ସମସ୍ତ ସୂଚନା ପାଇଁ ପୂର୍ବ ତଟ ରେଳପଥର ରଥଯାତ୍ରା ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ




ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
ଡାଏଲ୍ କରନ୍ତୁ 139 ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା, ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର
D-06/26-27
www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୯ ଜୁଲାଇ ୨୦୨୬
email : rabibarachayan2015@gmail.com





# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୪୧ ମାଗାନ୍ଦିଆ (ବୁଦ୍ଧଙ୍କ ପ୍ରତି କ୍ରୋଧ ପୋଷଣ କରୁଥିବା ସୁନ୍ଦରୀ କନ୍ୟା)(କ)

ମାଗାନ୍ଦିଆ ଏତେ ସୁନ୍ଦର ଝିଅ ଥିଲେ ଯେ ଅନେକ ଧନୀଲୋକ ତାକୁ ବିବାହ କରିବାକୁ ଚାହୁଁଥିଲେ। ତାଙ୍କ ପିତାମାତା ସର୍ବଦା ସେହି ସବୁ ବରମାନଙ୍କୁ ପ୍ରତ୍ୟାଖ୍ୟାନ କରିଦେଉଥିଲେ, ଯେଉଁମାନଙ୍କୁ କନ୍ୟା ପାଇଁ ଉପଯୁକ୍ତ ମନେକରୁନଥିଲେ। ଏପରିକି ତାଙ୍କ ପିତାମାତା ଯେତେବେଳେ ତାଙ୍କ ପାଇଁ ଜଣେ ଉପଯୁକ୍ତ ବରପାତ୍ର ପାଇଲେ, ସେତେବେଳେ ମଧ୍ୟ କନ୍ୟାଟି ଜଣେ ରାଜା ବ୍ୟତୀତ ଅନ୍ୟକାହାକୁ ବିବାହ କରିବାକୁ ମନା କରିଦେଇଥିଲେ। ସେ ନିଜର ସୁନ୍ଦରତା ବଳରେ ଭଲ ପରିବାରରେ ବିବାହ କରିବାକୁ ଦୃଢ଼ ସଂକଳ୍ପ ଥିଲେ।

ଦିନେ ଯେତେବେଳେ ବୁଦ୍ଧ ସଂସାରକୁ ଅବଲୋକନ କରୁଥିଲେ, ସେତେବେଳେ ସେ ଦେଖିଲେ ଯେ ମାଗାନ୍ଦିଆଙ୍କ ପିତାମାତା ଆଧ୍ୟାତ୍ମିକତା କ୍ଷେତ୍ରରେ ବିକଶିତ ଥିଲେ। ସତ୍ୟ ପ୍ରତି ସେମାନଙ୍କର ଆଖି ଖୋଲିବା ନିମନ୍ତେ ବୁଦ୍ଧଙ୍କ ଗୋଟିଏ ମାତ୍ର କଥନର ଆବଶ୍ୟକତା ଥିଲା। ବୁଦ୍ଧ ସେହି ସ୍ଥାନ ନିକଟରେ ଯାଇ ପହଞ୍ଚିଲେ ଯେଉଁଠାରେ ବ୍ରାହ୍ମଣ ନିଜ ଗ୍ରାମର ବାହାରେ ଅଗ୍ନି-ଯଜ୍ଞ କରୁଥିଲେ।

ଯେତେବେଳେ ମାଗାନ୍ଦିଆଙ୍କ ପିତା ବୁଦ୍ଧଙ୍କୁ ଆସୁଥିବାର ଦେଖିଲେ, ସେ ତାଙ୍କର ଶାରୀରିକ ସୌନ୍ଦର୍ଯ୍ୟ, ଶାନ୍ତ ଓ ଆଦର୍ଶ ଆଚରଣ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ବ୍ରାହ୍ମଣ ମନେକଲେ ଯେ ତାଙ୍କ ଝିଅଙ୍କୁ ବିବାହ ଦେବାପାଇଁ ତାଙ୍କଠାରୁ ଉପଯୁକ୍ତ ବ୍ୟକ୍ତି ଆଉ କେହି ହୋଇପାରିବେ ନାହିଁ। ସେ କହିଲେ, "ହେ ଭିକ୍ଷୁ, ଆପଣ ଦୂରକୁ ଯାଆନ୍ତୁ ନାହିଁ। ଯେପର୍ଯ୍ୟନ୍ତ ମୁଁ ମୋ କନ୍ୟାକୁ ଆପଣଙ୍କ ସହିତ ଦେଖା ନକରାଇଛି, ସେପର୍ଯ୍ୟନ୍ତ ଏହିଠାରେ ଅପେକ୍ଷା କରନ୍ତୁ। ଆପଣ ତା' ପାଇଁ ଜଣେ ଆଦର୍ଶ ଜୀବନସାଥୀ ଓ ସେ ତୁମ ପାଇଁ ମଧ୍ୟ।"

ବୁଦ୍ଧ କିଛି ନକହି ନୀରବ ରହିଲେ। ବରଂ ସେ ଭୂମି ଉପରେ ନିଜର ପାଦଚିହ୍ନ ଛାଡ଼ି ଚାଲିଗଲେ। ବ୍ରାହ୍ମଣ ବହୁତ ଉତ୍ସାହର ସହିତ ନିଜ ପତ୍ନୀଙ୍କୁ ଖବର ଦେଲେ। "ପ୍ରିୟ, ଶୀଘ୍ର ତାକୁ ପ୍ରସ୍ତୁତ କରାଅ। ମୁଁ ତୁମର କନ୍ୟା ପାଇଁ ଏକ ଯୋଗ୍ୟପୁରୁଷକୁ ଦେଖିଛି।" ଯେତେବେଳେ ସେହି ତିନିଜଣ ଉକ୍ତ ଜାଗାକୁ ଫେରିଆସିଲେ, ସେଠାରେ କେଉଁଠି ବୁଦ୍ଧ ନଥିଲେ। ସେମାନେ କେବଳ ପାଦଚିହ୍ନ ଦେଖିଲେ।

ସଂକେତକୁ ବୁଝିପାରୁଥିବା ପତ୍ନୀ କହିଲେ, "ମୋତେ ଲାଗୁନାହିଁ ଯେ ଏହି ପଦଚିହ୍ନ ଥିବା ବ୍ୟକ୍ତି ଜଣକ ଆମ ଝିଅକୁ ବିବାହ କରିବେ। ସେ ଏପରି ବ୍ୟକ୍ତି ଯିଏ ସାଂସାରିକ ସୁଖକୁ ପରିତ୍ୟାଗ କରିଦେଇଛନ୍ତି।"

"ତୁମର ସେ ସଂକେତର ପର୍ଯ୍ୟାଲୋଚନାକୁ ରଖ। ତୁମେ ଜଳପାତ୍ରରେ କୁମ୍ଭୀର ଦେଖ, ଆଉ ଘର ମଝିରେ ଡକାୟତମାନଙ୍କୁ। ଦେଖ, ସେ ଗଛମୂଳରେ ବସିଛନ୍ତି। ଆରେ, ତୁମେ କ'ଣ କେବେ କାହାକୁ ଏତେ ସୁନ୍ଦର ରୂପରେ ଦେଖିଛ! ଝିଅ, ଚାଲ। ଏଥର ତୁମର ବର ଏତେ ନିଖୁଣ ଯେ ତୁମେ ମନା କରିପାରିବ ନାହିଁ।"

"ହେ ଭିକ୍ଷୁ, ମୁଁ ମୋ ଝିଅକୁ ତୁମ ସହ ବିବାହ ଦେବାକୁ ଚାହେଁ" - ବ୍ରାହ୍ମଣ ବୁଦ୍ଧଙ୍କୁ କହିଲେ। ବୁଦ୍ଧ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ଓ ବୁଝାଇବାକୁ ଚେଷ୍ଟା କଲେ ଯେ ସେ ନିଜର ସମସ୍ତ ସାଂସାରିକ ସୁଖକୁ ପରାସ୍ତ କରିଛନ୍ତି। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮



# ମିନିଗଳ୍ପ-୧୫



## ମାମଲା (ଣ)

### ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ

ଗୋସାଇଁଙ୍କର ଝିଅ ଛଅଟି। ଗୋଟିଏ ପୁଅ। ଅଳପ ଦରମାରେ ଚାକିରୀ। କଷ୍ଟେମଷ୍ଟେ ସାନଭାଇ ପାରି ଯିବାରୁ ହଳବଳଦ, ଜମି, ଅମାର, ଛାତ ଦି'ବଖରା ବନେଇଲେ। ଗୋସେଇଁଆଣୀ ସର୍ବଗୁଣ ସମ୍ପନ୍ନା। ରୋଷେଇବାସ, ବାଡ଼ ବୁଜିବାଠାରୁ , ହସ୍ତକର୍ମ, କନ୍ଥା ରେଜେଇ ତିଆରି, ମଫଲର ସ୍ୱେଟରବୁଣା, ଛାପା, ଚାଙ୍ଗୁଡ଼ା, ଅନ୍ଧୁଳି, ଗୋରୁପଘା, ଘାସକଟା, ଗାଇଦୁହାଁ, ଗୋବରପୋଛା, ଘଷିପକା,ଗଛଚଢ଼ା, କୁରାଢ଼ୀହଣା, ଧାନଉଷୁଆଁ, ଭଜାଭଜି, ପିଠାପଣା ସବୁଥିରେ କେହି ବାରିବାର ନାହିଁ। କାମରେ ଝାଳସିଂଘାଣି ଏକାକାର ହୋଇଯାଏ ଦିନତମାମ। ଗୋସାଇଁଙ୍କୁ ପୁଣି ରାତିରେ ପାଦସେବା କରିବାକୁ ପଡ଼ିବ। ଛୁଆପିଲା ଚବିଶଘଡ଼ି ରାଉରାଉ। ହୁମଦାମ, ପିଟାପିଟି, ଶୋଧାଶୋଧି। ଏସ୍କୁ ତୁଲେଇବା ଗୋସେଇଁଆଣୀ ପାଇଁ କାଠିକର ପାଠ ହୋଇଯାଏ। ଗୋସେଇଁଆଣୀ ଶେଷରେ ଭଲସୂତ୍ରଟିଏ କାଢ଼ନ୍ତି। କେହି କାହା ସହ କଥା ହୁଅନା। ପାଟିବନ୍ଦ। ଏମିତି ହେଲା ଯେ ମା' ଝିଅ ପାଟି ବନ୍ଦ କରି ରହିଗଲେ। ଝିଅ ବାହାଘରକୁ ଫିଟିଲା ପାଟି।

ପୁଅ ଗୋଟିଏ ବୋଲି ବେଶି ଗେହ୍ଲା ଖୋଜେ। ଏଣୁ, ସବୁ ଭଉଣୀ ଅଭିମାନ କରନ୍ତି। ଝିଅଙ୍କ ଗହଳରେ ଜାକିଜୁକି ହୋଇ ସେ ବି ଝିଅ ପାଲଟି ଯାଇଥାଏ। ବଡ଼ପାଟି କରିବା ମନା। ଟେବୁଲରେ ପାପୁଲି ବାଡେଇ ତବଲା ବଜେଇବା ମନା। ସିଟି ମାରିବା ମନା। ଅଲକ୍ଷଣା କାମ।

ଥରେ ଭାଇ ପଢୁଥାଏ। ନୂଆନୂଆ ଟୁନାସାମଲଠୁ ଶିଖି ମୁହଁ ଗୋଜ କରି ହୁଇସିଲ୍ ମାରୁଥାଏ, ହାଏରେ ହାଏ ବରଷେ ମେଘ ରିମଝିମ। ବିରକ୍ତ ହୋଇଗଲେ କଲେଜ ପଢୁଆ ଭଉଣୀ। ଅଭଦ୍ର କେଉଁଠିକାର। ପାଠ ପଢି ମଣିଷ ହବୁ ତ ମୋ ସହ କଥା ହେବୁ। ଭାଇକୁ କାଟିଲା ଭଉଣୀ କଥା। ପାଟି ବନ୍ଦ। ଏକବାର ବନ୍ଦ।

ସେଇ ଭଉଣୀ ବାହା ହେଲା। ତାକୁ ଛାଡ଼ିବାକୁ ଗଲା ଭାଇ। ସେତେବେଳେ ଭାଇ ବଡ଼ ହୋଇଯାଇଥାଏ। ବସିଥାଏ ଭିଣୋଇଙ୍କ ଚଉରାମୂଳ ଚାନ୍ଦିନୀରେ। ଭିଣୋଇ ପଚାରିଲେ ଭାଇ ଭଉଣୀ କଥା ତ କାହିଁକି ହଉନ। କଣ ହେଇଚି କି ?

ଭଉଣୀ କାଠଝରକା ଫାଙ୍କରୁ କହିଲେ : ମୁଁ ତାକୁ ମଣିଷ ହେଲେ ମୋ ସହ କଥା ହବ ବୋଲି କହିଛି।

ଭିଣୋଇ ହସିଲେ।

ଭାଇ ଲୁହ ଛଳଛଳ।

ଭିଣୋଇ କହିଲେ: ସେ କଣ ଏଯାଏ ହୋଇନି ?

ଭଉଣୀ ନୀରବ ରହିଲା।

ଟିକିଏ ପରେ କହିଲା: ମୋ ଭାଇ ପରି ଭାଇ ଜଗତରେ ଅଛି। ସେ ପା ଠାକୁରଟିଏ।

ମଥାକୁ ଆଉଁସି ଦେଲା ଭାଇର ଭଉଣୀ। ମାମଲା ଖଲାସ।

ଦୁଃଖ ରହିଗଲା ଯେ ଟୁନା ସାମଲ ପରି ରଙ୍ଗବତୀ ସ୍ୱରରେ ଉସ୍ତାଦ ହୋଇ ପାରିଲାନି ଭାଇ ॥

॥ ମାମଲା ଖଲାସ ॥

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ
(ମୋ) ୯୭୭୬୫୪୬୧୩୦

# ପାଉଁଜିର ପାଣ୍ଡୁଲିପି-୨୯

**ବିପିନ ମହାନ୍ତି**

## ପ୍ରେମିକା ଓ ପାଉଁଜି



ପ୍ରେମିକା ଓ ପାଉଁଜି କେଜାଣି କାହିଁକି ସ୍ମୃତିରେ ଆସନ୍ତି ଆଜି
କେବେ ଦିନେ ମୋ'ର ଯଉବନ ତା'ର ପ୍ରେମେ ଲାଗିଥିଲା ବାଜି
ସେ ପ୍ରେମିକା ନାହିଁ ସେ ପାଉଁଜି ନାହିଁ, ନାହିଁ ବି ଆଉ ସେ' ପାଦ
ତଥାପି କେଜାଣି, କାହିଁକି ମୋ' ପଛେ ଗୋଡ଼ାଉଛି ଅପବାଦ।

ପ୍ରେମ କରିବାଟା ଭୁଲ୍ ଯଦି ହୁଏ ସେ ଭୁଲ୍ କରିଛି ମୁହିଁ
ପାପୀ ମଣିଷଟେ ଯଦି ପ୍ରେମିକଟେ ମୁଁ ବା ବାଦ୍ ଯିବି କାହିଁ
ସେମିତି ପ୍ରେମିକା ସେମିତିକା ପ୍ରେମ ଯୁଗେଯୁଗେ ମିଳୁଥାଉ
ନିନ୍ଦା ଅପବାଦ ମୁଣ୍ଡରେ ମୁଣ୍ଡେଇ ଶେଷ ନିଃଶ୍ୱାସ ମୋ' ଯାଉ।

ବଦନାମ ସିନା ଦେଇଛି ତା' ପ୍ରେମ ପ୍ରେମିକ କରିଛି ମୋତେ
ଦିଗ୍ବିଜୟୀ ମୁଁ ପ୍ରେମ ପାଇଁ ତା'ର ପରାକ୍ରମ ମୋ'ର ଯେତେ
କାଶ୍ମୀରଠାରୁ କନ୍ୟାକୁମାରୀ ମୋ' ପ୍ରେମର ପ୍ରତିଛବି
ଯିଏ ବି ଦେଖୁଛି ସିଏ ବି କହୁଛି ଏଇ ସେ' ପ୍ରେମିକ କବି।

ପ୍ରେମିକ ନହେଲେ ଜିଅନ୍ତା ଜୁଇରେ ଜଳିବା ସହଜ ନୁହେଁ
ସଚ୍ଚା ପ୍ରେମିକଟେ ମିଠା ଦହନରେ ମହାର୍ଘ ମୁହୂର୍ତ୍ତ ଜିଏ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

# କହି ହେଇନାହିଁ ଯାହା...

**ସୈରିନ୍ଧ୍ରୀ ସାହୁ**



ତୁମେ କେବେ ଆସ ମୋ ଆଖି କୋଣରେ
ଲୁହ ବୁନ୍ଦାଟିଏ ହୋଇ
କେବେ ପୁଣି ଆସ ସ୍ୱପ୍ନ ରାଇଜେ
ନିଦକୁ ଉଡ଼େଇ ନେଇ
ରାତି ଆକାଶର ଏକୁଟିଆ ତାରା
ହାତଠାରି ଡାକେ ମୋତେ
ଜଳାଅନା ଆଉ ବିରହ ନିଆଁରେ
ଜଳିବି ଆଉ ମୁଁ କେତେ ? ♥

# କବିତା



## ସଂଯୋଗ

**ଶିଶିର ନାୟକ**

ସମସ୍ତେ ଏବେ ସଂଯୁକ୍ତ
ସବୁଠିଁ ୱାଇଫାଇର ସଂକେତ
ତମେ ଖାଲି ବିଚ୍ଛିନ୍ନ ହେଇ ଯାଉଛ

ନେଟୱାର୍କର ବାହାରେ ମୁଁ ଏବେ
କାହାରି ଫୋନ ନାହିଁ
କେହି ଖୋଜନ୍ତିନି
କାହାକୁ ପାଏନି
ଭାସି ଆସେ ସେଇ ଯାନ୍ତ୍ରିକ ସ୍ୱର
ସମ୍ଭବ ନୁହେଁ ଏବେ ଯୋଗାଯୋଗ

ଦିନେ ଥିଲା, ସମ୍ପୂର୍ଣ୍ଣ ସିଗନାଲ ମୋର
ହୃଦୟରେ ବସିଥିଲା
ତମରି ନାଆଁରେ ଟାୱାର
ଥିଲା ତୀବ୍ର ନେଟୱାର୍କ

ତା ପରେ ଅଫଲାଇନ୍
ଅଚିହ୍ନା ଦ୍ୱନ୍ଦ୍ୱ ଓ ବିଚ୍ଛେଦରେ
ହୃଦୟର ସରଭର୍ କୋଠରୀଟି
ଅଚାନକ ହେଇଗଲା ଧ୍ୱଂସ

ସମସ୍ତଙ୍କ ଭିତରେ ଥାଇ ବି
ମୋବାଇଲର ସିମ୍ କାର୍ଡ ପରି
ଭିତରେ ମୁଁ ନୀରବ
ହରେଇଥିବା ନେଟୱାର୍କ ପରି ନିସଂଗ

ଏ ସହର ଶୋଇଗଲା ପରେ
ଅନେଇ ରହେ ମୁଁ ଆକାଶକୁ
କାଳେ ତାରା ଓ ଜହ୍ନ ଭିତରେ
ମିଳିଯିବ କିଛି ସଂକେତ
କାଳେ ଥିବ ତମେ ଅନଲାଇନରେ

କାଳେ ମିଳିଯିବ ତମେ
ମୋର ଏଇ ବ୍ୟର୍ଥ ସଂଯୋଗରେ ।

♥ ଘର ନଂ -୧୦୪, ମଞ୍ଜନାଥ ଭିଲା, ଫେଜ -୨, ବାଲିଅନ୍ତା, ଭୁବନେଶ୍ୱର ୭୫୨୧୦୧ ,
ମୋ -୯୯୩୭୪୯୦୬୪୭

## ବର୍ଷା ଋତୁ

**ପ୍ର. ଗିରିଜା ଶଂକର ଶର୍ମା**



ଝରି ପଡୁଥିବା ବର୍ଷାର ବିନ୍ଦୁରେ
ସହସ୍ର ଇଂଦ୍ରଧନୁର ସମାହାର,
ଏବେ ଆକାଶର ବରଯାତ୍ରୀମାନେ
ପୃଥିବୀଙ୍କୁ ପିନ୍ଧେଇ ଦେବେ
ସଦ୍ୟସ୍ନାତ ଶ୍ୟାମଳ ପାଟଶାଢ଼ୀ
ଘଡ଼ଘଡ଼ିମାନେ ବଜେଇବେ
ଶଂଖ ଓ ମହୁରୀ ।
ତାରାମାନେ ବିଛେଇ ଦେବେ ସବୁଆଡ଼େ
ଚିକ୍‌ମିକ୍ ତାରାଫୁଲ
ଆକାଶ ଓ ପୃଥିବୀର ପରିଣୟ
ସମସ୍ତେ ଦେଖିବେ ।

ଏ ବର୍ଷ ନିଦାଘରେ ସୂର୍ଯ୍ୟର ସିପାହୀମାନେ
ଫିଟେଇ ଦେଇଥିଲେ ପୃଥିବୀର ପିଠି ।
ସିଝେଇ ଦେଇଥିଲେ
ଗଛବୃକ୍ଷ ଜୀବଜନ୍ତୁ ଓ କୀଟ ପତଂଗମାନଙ୍କୁ
କର୍ଫ୍ୟୁ ଜାରି ରଖିଥିଲେ ମଧ୍ୟାହ୍ନରେ
କେହି ଆସନା ପାଖକୁ
ଜଳିଯିବ ନିଆଁର ଧାସରେ

ଏ ବର୍ଷ ନିଦାଘର ଉତ୍ତାପ
କଲବଲ କରିଥିଲା
ନଈନାଳ, ପୋଖରୀ ଗାଡ଼ିଆ
ଶୁଖି ଯାଇଥିଲା,
ନିଦାଘର ନିଷ୍ଠୁର ସ୍ପର୍ଶରେ ।
ସବୁଆଡ଼େ ମୃଗତୃଷ୍ଣାର
ଶୃଙ୍ଖଳା ଆଲିଙ୍ଗନ, ନିର୍ଦ୍ଦୟ ଚୁମ୍ବନ ।

ଏବେ ବର୍ଷା ପଡୁଛି ଝରି
ରିମ୍‌ଝିମ୍ ଶବ୍ଦରେ
ବିରହୀ ପ୍ରିୟାର ତେଜହୀନ ଆଖିରେ
ନିରନ୍ତର ବହୁଥିବା ଅଶ୍ରୁପରି
ଶୁଖିଲା ଧୂସର ମାଟି
ଏବେ ସଦ୍ୟସ୍ନାତ ଧରିତ୍ରୀ ।

ବର୍ଷା ଆଣିଛି ଆଶା ଭଲ ଫସଲର
ବର୍ଷା ଆଣିଛି ଆଶା ଶାନ୍ତି ଓ ପ୍ରଗତିର
ବର୍ଷା ଆଣିଛି
ଆଶା ଏକ ଉନ୍ନତ ଭବିଷ୍ୟତର ।

♥ ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୮୯୧୭୪୯୪୦୯୫



## ପୁଣିଥରେ ଆସିବ କି

**ଭକ୍ତ ଚରଣ ସୁନାନୀ**

ସତ କୁହ
ପୁଣି ଥରେ ଆସିବ କି ମତେ ଭେଟିବାକୁ
ଆମ ଗାଁ ନଈ କୂଳକୁ
ଯେଉଁଠି ତୁମେ ହସୁଥିବ ମତେ ଚାହିଁ
ଆଉ ମୁଁ ସାଇତି ରଖୁଥିବି
ତୁମ ପ୍ରତିଟି ହସକୁ ।

ତୁମେ ଚାଲୁଥିବ ନଈ ଧାରେ
ମୁଁ ଗାଉଥିବି ଗୀତ
ତୁମ ପାଉଁଜିର ଶବଦରେ ହଜୁଥିବ ମନ
ଠିକଣା ଖୋଜୁଥିବ ପାଦ
ଫୁଲରେ ହସୁଥିବ ବାଟ।

ତୁମେ ନଈ ପାଣିରେ ଦେଖୁଥିବ ନିଜ ମୁହଁ
ମୁଁ ଲେଖୁଥିବି କବିତା
ତୁମ ଓଠରୁ ସାଉଁଟି ଶବ୍ଦ
କୁଳୁକୁଳୁ ବହୁଥିବ ନଈ
ତୁମ ଗୋରା ପାଦକୁ ଛୁଇଁ
ପବନରେ ଉଡୁଥିବ ତୁମ ମେଘୁଆ କେଶ ।

♥ ଖୁଣ୍ଟିଆ, କଳାହାଣ୍ଡି

## ପାଦଶବ୍ଦ

**ଶୁଭସ୍ମିତା ତ୍ରିପାଠୀ**



ଯଦି କେବେ ବିନା ଆପତ୍ତିରେ
ଗୋଟେ ନୀଳ ଚଢେଇ ଉଡ଼ିଆସେ
ତମ ପାଖକୁ
ଭିଜା ଡେଣାରେ ଆଣିଦେଇ
କେଇ ଟୋପା ବର୍ଷା,
ତା' ଇଲାକାର ଖଣ୍ଡେ ଆକାଶ
ଆଉ ଭାରି ଭାରି ଗୋଟେ
ନୀଳ ରଙ୍ଗର ମନ
ତେବେ ବୁଝିନେବ
ମୁଁ ବର୍ଷାଓଦା ଝର୍କା ତଳେ ଲେଖୁଛି କବିତା
କେଉଁ ଏକ ମେଘ ମେଘ ଉଦାସୀ ସଞ୍ଜରେ,
ଲେଖୁଛି ଗୋଟେ ତାତିଲା ପୃଥିବୀ ପାଇଁ,
ଲେଖୁଛି କେଇ ଖଣ୍ଡ ଦରଫୁଟା
ଧାନଫୁଲଙ୍କ ଦରଜ,
ଲେଖୁଛି ଗୋଟେ ମାଟିକାନ୍ଥରେ
ଅରୁଆ ଚାଉଳ ପିଠଉର
ପଦ୍ମବନ ଅଙ୍କା ହେବାର ସ୍ୱପ୍ନ !

ଯଦି କେବେ ରଙ୍ଗବେରଙ୍ଗର ଫୁଲବଣରୁ
ସନ୍ନ୍ୟାସ ନେଇଯାଏ କେଉଁ ପ୍ରଜାପତି,
ଖୋଲା ଝର୍କା ଦେଇ
ଚାଲି ଆସେ ତମ ପାଖକୁ
ମିଛ କରି ରଙ୍ଗ ଆଉ ବାସ୍ନାର ମୋହ
ଆଉଜି ଯାଏ ତୁମ ପ୍ରିୟ ଉପନ୍ୟାସ
ଛାତିରେ ଘଡ଼ିଏ,
ସାଥିରେ ଆଣି କେଇ ଟୋପା
ମହୁ ବାସ୍ନାର ଲୁହ
ବୁଝିନେବ, ପାଣି ଦେଇ
ଜିଆଇଁ ଦେଉଛି ମୁଁ
ତୁମ ପୃଥିବୀର ଶେଷ ଧାଡିରେ ଛିଡା
ଗୋଟେ ନାଁ ନଥିବା ଫୁଲଗଛର ହସ,
ମୋ ଗୋଲାପୀ ଓଢଣୀର
ଏମ୍ବ୍ରୋଡରୀ ଧଡିରେ
ଗଣ୍ଠି କରି ବାନ୍ଧି ଦେଉଛି
ବ୍ୟର୍ଥତା ଟିକକ ତାର !

ଯଦି କେବେ କେଉଁ
ଦୋ'ଦୋ ଚିହ୍ନା ଆଖି ହଳକରେ
ଭେଟିନିଅ କେବେ କାହା
ଫୁଲ ଓଜନର ଅଭିମାନ
କି କେଉଁ ଉଚ୍ଛୁଳା ନଈର ସାଇତା ଆବେଗ
ବୁଝିନେବ, ମୁଁ ଅଚେତ କୁଆଁତାରାର ତଳେ
ଆଉଁସି ଦେଉଛି ମୋ ନିଜ
ଖଣ୍ଡଖଣ୍ଡ ଶାମୁକାର ପାପୁଲି, ସେତେବେଳେ
ଆଖି ଫେରେଇ ଚାହିଁବନି ଆକାଶକୁ
ସେଇଠି ମୌସୁମୀ ମୁଁ
ଆସ୍ତେ ଆସ୍ତେ ଫେରୁଥିବି ସମୁଦ୍ର, ଅଥଚ
ସମୁଦ୍ରର ଠିକଣାରେ
ନିରୁଦ୍ଦିଷ୍ଟ ଥିବ ମୋ ଇତିହାସ
ଫେରିବ ତୁମ ହରିତ ଜଙ୍ଗଲର ପୃଥିବୀକୁ
ବୁଝିବ, ଆକାଶ ଖୁବ୍ ହସିଲେ କାନ୍ଦିନିଏ
ଆଉ ତା'ପରେ ଆହୁରି ସୁନ୍ଦର ହୁଏ
କେରାଏ ସ୍ୱପ୍ନ ରଙ୍ଗର ଫୁଲ ଉପରେ
ସକାଳ ଆଲୁଅର ସ୍ପର୍ଶ !

♥ ବ୍ରହ୍ମପୁର, ଗଞ୍ଜାମ

## ଶ୍ରାବଣ

**ମୂଳ ଅସମୀୟା : ଗଙ୍ଗାମୋହନ ମିଲି**
**ଅନୁବାଦ : ଶୈଳବାଳା ମହାପାତ୍ର**





କଳାହାଣ୍ଡିଆ ମେଘ ଉଡ଼ିଆସି
ଛୁଇଁ ଦେଖିବାକୁ ଚାହେଁ
ଚାଷୀର ପଖିଆ !

ନୂଆ ତିଆରି
ସରୁ ସରୁ ହିଡ଼ମାନଙ୍କରୁ ଛୁଟିଆସେ
ମାଟିର ସୁନ୍ଦର ବାସ୍ନା

ପାନପିକର ସ୍ପର୍ଶରେ
ଚାଷ ଜମି ଦିଶେ ଭିନ୍ନ ରଙ୍ଗ
ଉତଫୁଲ୍ଲିତ ଚାରିପାଖ

'ମଇ' ଉପରେ ବସିବ ବୋଲି
ଅପେକ୍ଷା କରିଥାଏ
ଜାମୁକୋଳି ଦାଗର ଗଞ୍ଜି ପିନ୍ଧା
କିଶୋର
ବଳଦ ଲାଞ୍ଜର ଛାଟରେ
ପୁଲକିତ ହୁଏ ତା'ର ମାଟିଲଗା ଶରୀର

ଯୌବନରେ ପାଦ ଦେଇ
ସୈନିକ ଭଳି ଡେଇଁ ପଡ଼ନ୍ତି
ବେଙ୍ଗମାନେ
ଗାତ, ଖାଲ ଓ ପଥର ଖୋଲକୁ

ଜାଲଧରା ଛୋଟ ଛୋଟ ମାଛର
ପତ୍ରପୋଡ଼ା
କନଶିରୀ ଶାଗ
ଆଃ ! ପରମ ତୃପ୍ତିର ପଖାଳ ଭାତ !!

ଖାଲ ଜମି ହେଉ କି
ପାଣିଆ ଧାନର କ୍ଷେତ
ସବୁଠି ସବୁଜ ରଙ୍ଗର ନାଚ

ଏଇ ବର୍ଷାରେ ନାଆ ପାଇଁ
କାଠ ଆଣିବାକୁ ଯାଇ
ଫେରିନି ନାଉରୀଆ
ଉତ୍କଣ୍ଠିତ
ତା'ର ସ୍ତ୍ରୀ ପିଲା ପରିବାର

ରୁଆଳିର ଆଙ୍ଗୁଠି ସ୍ପର୍ଶରେ
କଅଁଳ ତଳି
ରୁଆ ହେଉଥାଏ
ଆକାଂକ୍ଷିତ ମାର୍ଗଶୀର
ଶସ୍ୟର ବର୍ଣ୍ଣମାଳା !!

♥ ପୁରୀ,
ମୋ: ୭୦୦୮୫୮୬୫୦୧

# ନିରନ୍ତର ଅସରନ୍ତି ମାନବିକ କରୁଣାର ବାର୍ତ୍ତା ବହନ କରି ମାନବର ଜୀବନକୁ ଅର୍ଥପୂର୍ଣ୍ଣ କରୁ ସାହିତ୍ୟ : ଡ. ସୁଷମା ମିଶ୍ର

**ଡ. ସୁଷମା ମିଶ୍ର** ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ କେବଳ କବିତା, ଗଳ୍ପ କି ଶିଶୁସାହିତ୍ୟ ଲେଖନ୍ତି ନାହିଁ, ବହୁ ଉଚ୍ଚକୋଟିର ପ୍ରବନ୍ଧ ଓ ସମାଲୋଚନା ଲେଖି ସେ ପ୍ରମାଣିତ କରିସାରିଛନ୍ତି ନିଜର ପାରଦର୍ଶିତା । କଳ୍ପନା ନୁହେଁ, ବାସ୍ତବତାର କଥା କହିଥାଏ ତାଙ୍କର ଲେଖନୀ । ଜଣେ ସମ୍ବେଦନଶୀଳ ଲେଖିକା ଭାବରେ ସେ ଗୋଟେଇ ପାରନ୍ତି ମାର୍ମିକ ଅନୁଭୂତିକୁ, ସେ ସଜାଡି ପାରନ୍ତି ଅନୁଭବର ଅନୁରାଗକୁ ବେଶ୍ ସନ୍ତର୍ପଣରେ । ତାଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ **କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ମୋ ପାଇଁ କବିତା ହେଉଛି ଆତ୍ମାର ସ୍ପନ୍ଦନ ଏବଂ ଜୀବନ ଜୀଇଁବାର ଏକ ମାଧ୍ୟମ । ମନ ଭିତରେ ସୃଷ୍ଟି ହେଉଥିବା ଅନେକ ଅକୁହା ଭାବନା, ବିଭିନ୍ନ ଘଟଣାବଳୀ ପ୍ରତି ସ୍ପର୍ଶକାତର ମନୋଭାବ ଏବଂ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ନେଇ ମୋର ସ୍ୱତଃସ୍ଫୂର୍ତ୍ତ ଭାବ ପ୍ରକାଶ, କବିତାର ରୂପ ନିଏ । କବିତା ସହିତ ମୋର ଯୋଡ଼େଇ ମେଘ ସହିତ ବର୍ଷାର ସମ୍ପର୍କ ପରି । ସ୍ମୃତିର ଉଜାଣି ସ୍ରୋତକୁ ଛୁଇଁଲେ ମୋ ବହମାନ ସୃଜନର ଆଦ୍ୟସ୍ଫୁରଣ ହୋଇଥିବା ପିଲା ଦିନ ଆଖି ଆଗରେ ନାଚିଉଠେ । ଶୈଶବକୁ ଅତି ଯତ୍ନରେ ଗଢୁଥିବା ମୋ ବୋଉ ଅକ୍ଷର ଶିଖାଇବା ପୂର୍ବରୁ ଅଧିକ ଚିତ୍ର ଓ ଅଳ୍ପ ଅକ୍ଷର ସମ୍ବଳିତ ବହି ପଢ଼ାଉଥିଲା । ବୋଉର ବାରମ୍ବାର କହିବା ଯୋଗୁ ବହିର ଲେଖା ଏମିତି ମନେ ରହୁଥିଲା ଯେ ଅକ୍ଷର ନ ଜାଣି ବି ବହି ଧରି ମୁଁ ଓ ମୋ ତଳ ଭାଇ ଗଡ ଗଡ କରି ପଢ଼ି ଦେଉଥିଲୁ । କୋଉ ପୃଷ୍ଠାରେ କଣ ଲେଖା ହୋଇଛି , ଆମେ ପଢ଼ିବା ଦେଖି ଅନ୍ୟମାନେ ଆଶ୍ଚର୍ଯ୍ୟ ହେଉଥିଲେ । ଏହି କଥା ବୋଉଠାରୁ ଶୁଣିଚି ।

ଜେଜେ ମାଆଙ୍କ ପାଖରୁ ଭଳିକି ଭଳି କାହାଣୀ ଶୁଣିବା ଆମର ନିୟମିତ ଅଭ୍ୟାସ ଥିଲା । ମା' ଆରମ୍ଭ କରନ୍ତି 'ସୁଖ କହିବି ନା ଦୁଃଖ କହିବି ନା ଅଙ୍ଗେ ଲିଭା କଥା କହିବି ?' ଅଜା ଆଇଙ୍କ ବହି ଓ ଅଜାଙ୍କ ଗୀତରେ ଗୀତରେ ଲେଖା ଚିଠି ତଥା ବିଜ୍ଞାନ ଲେଖକ ବଡ ମାମୁଙ୍କ ସରଳ ବିଜ୍ଞାନ ବହି ପଢ଼ି ଆମେ ବଡ ହୋଇଛୁ । ଏହି ସବୁର ପ୍ରଭାବ ମୋ ଭିତରେ ସାହିତ୍ୟର ଇନ୍ଧନ ସୃଷ୍ଟି କରିବା ସ୍ୱାଭାବିକ । କଥା କଥାକେ ଜେଜେମା' ଗୀତ ଭାଙ୍ଗୁଥିଲେ ମନରୁ । ମତେ ଖୁଆଇଲା ବେଳେ ହେଉ କି ମୁଁ ରଷିଲେ ହେଉ ମାଆଙ୍କ ଗୀତ ଶୁଣି ଶୁଣି ମୁଁ ବି ଏମିତି କହିବା ପାଇଁ ଓ ବୁଦ୍ଧି ହେବା ପରେ କିଛି ଲେଖିବା ପାଇଁ ଚେଷ୍ଟା କରିଥିବି ।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ସାହିତ୍ୟ ପଥରେ ମୋର ସବୁଠାରୁ ବଡ଼ ପ୍ରେରଣା ହେଉଛନ୍ତି ମୋର ନନା, ବୋଉ (ଶ୍ରୀଯୁକ୍ତ ଦିବାକର ମିଶ୍ର ଏବଂ ଶ୍ରୀମତୀ ଦେବଲକ୍ଷ୍ମୀ ମିଶ୍ର) । ଉଭୟଙ୍କର ଲେଖାଲେଖି, ସାହିତ୍ୟ ସମ୍ପୃକ୍ତି ଏବଂ ଆଉ ଘରର ସାରସ୍ୱତ ପରିବେଶ ହିଁ ମୋ ଭିତରେ ସାହିତ୍ୟ ପ୍ରତି ଗଭୀର ଅନୁରାଗ ସୃଷ୍ଟି କରିଥିଲା । ସେତେବେଳେ ମୋ ପରି କୁନି ପିଲାଟିର ଦରୋଟି କଥାକୁ ମୋ ଦ୍ୱାରା ରୂପ ଦେଇ ଠୁକୁଠୁକୁ ଚାଲିରେ ସାହିତ୍ୟର ବାଟ ଚଲାଇଥିବା ହାତ ଥିଲା ମୋ ବୋଉର । ବୋଉକୁ ମୋ ସାହିତ୍ୟର ଆଦ୍ୟଗୁରୁ ଭାବେ ସର୍ବପ୍ରଥମେ ସ୍ମରଣ କରିବି ।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ କବି ଜୀବନକୁ ?**

■■ ଆମ ଘରେ ବହୁତ ବହି ଓ ଶିଶୁ ପତ୍ରିକା ଥିଲା । ସେହି ପୁସ୍ତକ ସମୂହକୁ ନେଇ ଘରେ ତିଆରି ହୋଇଥିଲା 'କାଶୀନାଥ ପାଠାଗାର' । ସନ୍ତାନମାନଙ୍କ ଭିତରେ ସାହିତ୍ୟ ପାଇଁ ଭଲପାଇବାର ଆବେଗ ବୁଣିଦେବା ଲକ୍ଷ୍ୟ ନେଇ, ବୋଉ ଆରମ୍ଭ କରିଥିଲା ଏକ ହାତଲେଖା ପତ୍ରିକା, 'ବାଳପ୍ରଭା' । ସେଥିରେ ନିଜ ଲେଖା ସ୍ଥାନ ପାଇବା ଥିଲା ମୋ ସାହିତ୍ୟ ଯାତ୍ରାର ପ୍ରଥମ ପ୍ରବେଶ । ଅଷ୍ଟମ କି ନବମ ଶ୍ରେଣୀରେ ମୀନାବଜାର ଓ ତା ପରେ ପରେ ମନପବନ, ଟିକି ଦୁନିଆ ଇତ୍ୟାଦିରେ ଲେଖା ପ୍ରକାଶ ପାଇବାର ସେଇ ସବୁ ପ୍ରଶଂସିତ ଅନୁଭୂତି ଆଜିବି ମୋ ହୃଦୟର ସମ୍ପତ୍ତି ।

ମୋର ଗୃହିଣୀ ବୃତ୍ତି ମୋ ଅନ୍ତରକୁ ପରିବ୍ୟାପ୍ତ କରିବାରେ ସହାୟକ ହୋଇଛି । ସଂସାର ନିର୍ମାଣ କରୁଥିବା ନାରୀ ଜଣେ କବି ଓ ନାରୀର ନାରୀତ୍ୱ ହେଉଛି ତାର କବିତ୍ୱ ଏଇ ଭାବନା ମତେ ଏଇ ବିଚିତ୍ର ଜୀବନର ଅନ୍ତରଙ୍ଗ ଅନୁଭବୀ କରିଦେଇଛି । ପାଦ ସଂଲଗ୍ନ ମାଟିରେ ଦୃଢ଼ ଭାବରେ ଛିଡାହୋଇଚି ବୋଲି ଭାବନାର ଆକାଶରେ ନିଜକୁ ମୁଁ ଲୋଟାଇ ଦେଇଛି ଅତି ସହଜରେ । ସାହିତ୍ୟ ପ୍ରତି ମୋହଗ୍ରସ୍ତ ହୋଇ ବଞ୍ଚିବାରେ ମୋର ଯେଉଁ ଆନନ୍ଦ ତାହାକୁ ମୋ ପରିବାର ଲୋକେ ପୂର୍ଣ୍ଣପ୍ରାଣରେ ଗ୍ରହଣ କରିଛନ୍ତି । ଏହି ଆନ୍ତରିକ ଗ୍ରହଣଶୀଳତା ମୋ କବି ଜୀବନକୁ ପ୍ରୋତ୍ସାହିତ କରୁଛି ।



**ସୁଖୀ ପରିବାର : ସ୍ୱାମୀ, ପୁତ୍ର, ପୁତ୍ରବଧୂ ଓ ନାତି ସହ କବି ସୁଷମା ମିଶ୍ର...**

■ **ଅଳ୍ପରେ ଡକ୍ଟର ସୁଷମା ମିଶ୍ର**



ପିତା - ଶ୍ରୀ ଦିବାକର ମିଶ୍ର
ମାତା - ଶ୍ରୀମତୀ ଦେବଲକ୍ଷ୍ମୀ ମିଶ୍ର
ଜନ୍ମ ତାରିଖ - ୨୦ ଜୁନ୍, ୧୯୬୦
ଜନ୍ମ ସ୍ଥାନ - ବୀରପ୍ରତାପପୁର, ପୁରୀ

**ପ୍ରକାଶିତ ପୁସ୍ତକ (କବିତା)**

୧- ଆଦି ପୁରୁଷ
୨-ବରବର୍ଣ୍ଣିନୀ
୩-ହାତ ମୁଠାରେ ସ୍ୱପ୍ନ
୪-ମୁଖରିତ ନିରବତା

**ଗଳ୍ପ ସଂକଳନ-**

୧-ଅନ୍ତରଙ୍ଗ ସମୟ
୨-ମାର୍ଫତ ମାଟି
୩-'The Intimate Earth' (ଇଂରାଜୀରେ ଅନୁଦିତ ପୁସ୍ତକ)

**ପ୍ରବନ୍ଧ ଓ ସମାଲୋଚନା**

୧- ଗଦ୍ୟ କବିତାର ଅନ୍ତର୍ଛନ୍ଦ: ସତୁରିରୁ ସମ୍ପ୍ରତି
୨-ନାରୀ: ଭୂମି ଓ ଭୂମିକା

**ଶିଶୁ ସାହିତ୍ୟ**

୧ - ଆସ ଦେଖିବା ଇନ୍ଦ୍ରଧନୁ (ପିଲାଙ୍କ କବିତା ବହି)



**ସ୍ମରଣୀୟ ମୁହୂର୍ତ୍ତ : ନିଜ ନନା ବୋଉଙ୍କ ସହ କବି...**

■ **ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?**

■■ ସାହିତ୍ୟ କେବେ ସ୍ଥିର ବା ଜଡ଼ ହୋଇ ରହିପାରେନି । ସମୟ ବହି ଚାଲେ । ଯୁଗ ବଦଳେ । ବଦଳିଯାଏ ସଭ୍ୟତାର ରୂପ । ବିଶ୍ୱଗ୍ରାମର ପ୍ରଭାବ ପ୍ରାଚୀନ ସାଂସ୍କୃତିକ ଧାରା ଓ ସାମାଜିକ ଚଳଣିକୁ ନୂତନ ମୋଡ ପ୍ରଦାନ କରେ । ନୂତନତ୍ୱକୁ ଧାରଣ କରିବା ସୃଷ୍ଟିର ନିୟମ । ସାହିତ୍ୟ ସଦାକାଳେ ସମାଜର ଦର୍ପଣ ଓ ସଂସ୍କୃତିର ମୁଖପତ୍ର । ପରିବର୍ତ୍ତିତ ସ୍ଥିତିର ଆହ୍ୱାନରେ ନବ ପିଢିର ଲିଖନ ଶୈଳୀ ପ୍ରଭାବିତ । ଆଜି କଲମ ମୁନରେ କେତେପ୍ରକାର ପରୀକ୍ଷା ନିରୀକ୍ଷା କରୁଛନ୍ତି ଯୁବ ପିଢି । ଚିନ୍ତନ, ପ୍ରକାଶଭଙ୍ଗୀ, ଭାଷା ପ୍ରୟୋଗ ଆଦି ପ୍ରତି କ୍ଷେତ୍ରରେ ସେମାନଙ୍କ ସ୍ୱାତନ୍ତ୍ର୍ୟ ପାଠକୀୟ ଦୃଷ୍ଟି ଆକର୍ଷଣ କରୁଚି ।

ସାଧାରଣ ମଣିଷର ସୁଖ-ଦୁଃଖ, ସଂଘର୍ଷ ଓ ସଫଳତାର କଥାକୁ ସରଳ ଭାଷାରେ ପ୍ରକାଶ କରିପାରିଲେ ସାହିତ୍ୟ ସର୍ବଗ୍ରାହ୍ୟ ହୋଇପାରିବ । ପିଲାଟି ଦିନରୁ ପିଲାମାନଙ୍କୁ ମାତୃଭାଷାରେ ଦୀକ୍ଷିତ କରାଇବା ଜରୁରୀ । ଗାଁ ଗହଳରୁ ସହର ଯାଏ ସବୁଠାରେ ପାଠାଗାର ବ୍ୟବସ୍ଥା ଆହୁରି ବ୍ୟାପକ ହୋଇପାରିଲେ କନିଷ୍ଠ, ବରିଷ୍ଠ ଆଦି ସବୁ ବର୍ଗର ଲୋକମାନଙ୍କର ପଠନ ଆଗ୍ରହ ଫଳପ୍ରଦ ହୋଇପାରିବ । ଆଜିର ଡିଜିଟାଲ୍ ଯୁଗରେ କେବଳ ମୁଦ୍ରିତ ପୁସ୍ତକ ନୁହେଁ, ବରଂ ସୋସିଆଲ୍ ମିଡିଆ ମାଧ୍ୟମରେ ଅଡିଓ କିମ୍ବା ଭିଡିଓ ଦ୍ୱାରା ସାହିତ୍ୟ ଲୋକମାନଙ୍କ ପାଖରେ ପହଞ୍ଚି ଯାଉଛି । ବିଶେଷ କରି ଶୁଣିବା (ଅଡିଓ) ମାଧ୍ୟମର ଏକ ସ୍ୱତନ୍ତ୍ର ପ୍ରଭାବ ରହିଛି, ଯାହା ଅକ୍ଷର ଚିହ୍ନି ନଥିବା ମଣିଷ ପାଖରେ ବି ଭାବକୁ ପହଞ୍ଚାଇ ପାରୁଛି ।

ସାହିତ୍ୟ ସମ୍ମିଳନୀ କେବଳ ସହରର ଶୀତ ତାପ ନିୟନ୍ତ୍ରିତ କକ୍ଷରେ ସୀମିତ ନରହୁ । ପ୍ରତିଟି ଗାଁ ର ସ୍କୁଲ୍-କଲେଜ୍ ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ତଥା ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ନିୟମିତ ଅନୁଷ୍ଠିତ ହୋଇ ପାରିଲେ ସାହିତ୍ୟ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବା ସହଜ ହୋଇପାରିବ ।

■ **କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ମାତୃଭାଷା ଏବେ ସଙ୍କଟଗ୍ରସ୍ତ । ଆଧୁନିକତା ଓ ପାଶ୍ଚାତ୍ୟ ଶିକ୍ଷାକୁ ମାଧ୍ୟମ କରୁଥିବା ପିଲାମାନେ ନିଜ ଭାଷା ଠାରୁ ଦୂରେଇ ଯାଉଛନ୍ତି । ମା ଓ ପିଲାଙ୍କ ଭିତରେ ଥିବା ନାଭିନାଡ ସମ୍ପର୍କ ପରି ପିଲାଙ୍କ ସହିତ ମାତୃଭାଷାର ସମ୍ପର୍କ । କିନ୍ତୁ ପିଲାଙ୍କୁ ଏପରି ପ୍ରାକୃତିକ ସମ୍ପର୍କ ଠାରୁ ଛିନ୍ନ କରିବା ମୂଳରେ ଅଛି ମା'ର ଭୂମିକା । ପିଲାଏ ଯେ ଏକକାଳୀନ ଅନାୟାସରେ ପାଞ୍ଚୋଟି ଭାଷା ଆୟତ୍ତ କରିପାରିବେ ଏହି ବିଷୟରେ ସେ ଅଜ୍ଞ । ଶିକ୍ଷାର ମାଧ୍ୟମ ଇଂରାଜୀ ବା ହିନ୍ଦୀ ହେବାରେ ମାତୃଭାଷା ଯେ ସଙ୍କଟରେ, ତା ନୁହେଁ । ମା ଭାବୁଚି ମୋ ପିଲା ଘରେ ବି ବିଦ୍ୟାଳୟର ଭାଷାରେ କହିବା ଅଭ୍ୟାସ କଲେ ସେ ଅନର୍ଗଳ କହିପାରିବ । ତେଣୁ ଘରେ ପିଲା ସହିତ ମା' ଅଣ ଓଡ଼ିଆ ପରି କେବଳ ଇଂରାଜୀ ଓ ହିନ୍ଦୀରେ କଥା ଆରମ୍ଭ କରେ । ଏହି ଧାରା ପ୍ରଚଳନ ଯୋଗୁ ମାତୃଭାଷା ଆଜି ସଙ୍କଟରେ । ମାତୃଭାଷା ପାଇଁ ପିଲାଟି ଭିତରେ ଭଲପାଇବାର ଆବେଗକୁ ନ ରୋପିବା, ମା ଓ ମାକୁ ସମର୍ଥନ କରୁଥିବା ବାପାଙ୍କର ଏକ ଅକ୍ଷମଣୀୟ ଅପରାଧ ସଦୃଶ । ଏଥିପ୍ରତି ଧ୍ୟାନ ଦେଇ ମାତୃଭାଷାକୁ ଶିଶୁ ତୁଣ୍ଡରେ ଫୁଟାଇବା ପାଇଁ ଅଭିଯାନ ଏକ ଆନ୍ଦୋଳନରେ ପରିଣତ ହେବା ଉଚିତ୍ । ମାତୃଭାଷାକୁ ସଙ୍କଟ ମୁକ୍ତ କରିବାରେ ସାହିତ୍ୟ ହିଁ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ । ପିଲାମାନଙ୍କ ପାଇଁ ଆକର୍ଷଣୀୟ ଚିତ୍ର ସହିତ ସେମାନଙ୍କ ମନସ୍ତତ୍ତ୍ୱକୁ ଛୁଉଁଥିବା ଭଳି ଗୀତ ଓ କାହାଣୀ ସୃଷ୍ଟି କରି ପଢେଇପାରିଲେ, ପିଲାଦିନରୁ ମାତୃଭାଷା ପ୍ରତି ଅନୁରାଗ ଜନ୍ମିବ । ସାହିତ୍ୟ ହେଉଛି ଭାଷାର ପ୍ରାଣବିନ୍ଦୁ, ତେଣୁ ସାରସ୍ୱତ ସୃଷ୍ଟି ସମ୍ପଦ ଦ୍ୱାରା ହିଁ ମାତୃଭାଷାର ସୁରକ୍ଷା ସମ୍ଭବ ।



**ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...**

■ **ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ମୁଁ ଭାବୁଛି ଯତିପାତ ରହିତ ଗଦ୍ୟ ଛନ୍ଦରେ ଭଲ କବିତା ଲେଖିବା ପାଇଁ କୌଣସି ଧରାବନ୍ଧା ରୀତିନୀତି ନାହିଁ । ଯେଉଁ କବିତାର ଭୁଲି ହେଉନଥିବା ଭାବ ଓ ଭାଷାର ଅନ୍ତର୍ଛନ୍ଦ ପାଠକର ହୃଦୟକୁ ବିଭୋର କରେ, ଚେତନାକୁ ଜାଗ୍ରତ କରେ ତାହାକୁ କୁହାଯାଇ ପାରିବ ଭଲ କବିତା । ଶାବ୍ଦିକ କସରତ ବା ମସ୍ତିଷ୍କ ପ୍ରସୂତ କବିତାରେ କବିର କବିତ୍ୱ ହୁଏ ପ୍ରବଞ୍ଚିତ । ଏହା ମର୍ମସ୍ପର୍ଶୀ ହୋଇପାରେନି । କବିତା କବି ହୃଦୟର ଏକ ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି । ଭଲ କବିତା କେମିତି ଲେଖାହେବ ତାର ମାପଚୁପ କିଛି ରୂପରେଖ ନଥିଲେ ବି କବି ବ୍ରଜନାଥ ରଥ ଏକଦା ବ୍ୟକ୍ତ କରିଥିଲେ, 'ଭଲ କବିତାର ପାଞ୍ଚୋଟି ଗୁଣ ବା ଶକ୍ତି ରହିବା କଥା । ସେଗୁଡ଼ିକ ହେଉଛି, ଆକର୍ଷଣୀ ଶକ୍ତି । ସଞ୍ଚାରିଣୀ ଶକ୍ତି, ସମ୍ମୋହିନୀ ଶକ୍ତି, ସମ୍ବୋଧିନୀ ଶକ୍ତି ଓ ସଂସ୍କାରିଣୀ ଶକ୍ତି ।'

କବି ରମାକାନ୍ତ ରଥ ଏହି ପ୍ରସଙ୍ଗରେ ଲେଖିଛନ୍ତି, 'ଯଦି ଉଚ୍ଚାଙ୍ଗ ଲେଖାଟିଏ ଲେଖିବାର କିଛି ନିୟମ ରହିଥା'ନ୍ତା ତେବେ କିଛି ଦିନ ପରେ ତାହା ପ୍ରାଞ୍ଜଳ ହୋଇଯାଆନ୍ତା । ବର୍ଷ ବର୍ଷ ଧରି ଲେଖିବା ପରେବି ନୂଆ ଲେଖାଟିଏ ଲେଖିଲା ବେଳକୁ ପ୍ରଥମଥର ଲେଖିବା ବେଳର ଆନ୍ଦୋଳିତ ଭାବ ଅନୁଭବ କରିବାକୁ ପଡୁନଥାନ୍ତା ।'

ସାହିତ୍ୟ ଉପଲବ୍ଧିର ଦୁନିଆକୁ ବାଟ ଦେଖାଇପାରେ । ପୁସ୍ତକପ୍ରେମୀ ଜାଣନ୍ତି ବହି ଠାରୁ ଭଲ ବନ୍ଧୁଟିଏ ନାହିଁ । ସାହିତ୍ୟର ବିଭିନ୍ନ ପ୍ରକାର ଲେଖାର ଚରିତ୍ର ଓ ଦୃଶ୍ୟ ଭିତରେ ବେଳେବେଳେ ପାଠକ ନିଜକୁ ଆବିଷ୍କାର କରେ । ସାହିତ୍ୟ ମାଧ୍ୟମରେ ମାନସିକତା ପରିବର୍ତ୍ତନ ସହସା ସମ୍ଭବ ନହେଲେବି ବହୁଳ ଭାବରେ ପ୍ରଭାବିତ ହୁଏ । ସନ୍ଥକବି ଭୀମ ଭୋଇଙ୍କ ଉଦାତ୍ତ ସ୍ୱର, 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ଲୋକମାନଙ୍କ ମାନସପଟରେ ସ୍ୱାର୍ଥପରତାର ବଳୟରୁ ଊର୍ଦ୍ଧ୍ୱକୁ ଯିବାର ଏକ ଯୁଗାନ୍ତକାରୀ ଆହ୍ୱାନ । ଦେଶପ୍ରେମ, ସମ୍ବେଦନଶୀଳତା, ଶୋଷଣ ଅବା କୁସଂସ୍କାର ମୁକ୍ତ ବିଚାର ଓ ଅନ୍ୟାନ୍ୟ ଅନେକ ଆଦର୍ଶ ସମ୍ବଳିତ ସାହିତ୍ୟ ଧୀର ପାଣି ପଥର କାଟିବା ସଦୃଶ ପାଠକର ମାନସିକତାକୁ ପରିବର୍ତ୍ତନ କରେ ।

■ **ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?**

■■ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ମୁଁ ଶତ ପ୍ରତିଶତ ଆଶାବାଦୀ । ଆମ ଭାଷା ଏକ ସମୃଦ୍ଧ ଶାସ୍ତ୍ରୀୟ ଭାଷା ଏବଂ ଏହାର ଚେର ଭେଦି ଯାଇଛି ଗହୀର ମାଟି ତଳକୁ । ଯେଉଁ ମାଟିରେ ଆଦିକବି ସାରଳା ଦାସ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭଳି ମହାନ ସାଧକମାନେ ଭାଷାର ଭିତ୍ତି ସ୍ଥାପନ କରିଛନ୍ତି, ଯେଉଁ ରାଜ୍ୟ ଭାଷା ଭିତ୍ତିକ ପ୍ରଦେଶ, ଯେଉଁ ଭାଷାକୁ ରକ୍ଷା କରିଥିଲେ ମହାରଥୀ ସାଧକମାନେ, ସେହି ଭାଷାର ଭବିଷ୍ୟତ ଚିର ଉଜ୍ଜଳ । ଯୁବପିଢ଼ି ଓଡ଼ିଆ ସାହିତ୍ୟକୁ ନୂତନ ଚିନ୍ତାଧାରାରେ ଋଦ୍ଧିମନ୍ତ କରୁଛନ୍ତି । ଏଥି ସହିତ ଅନ୍ୟ ଭାଷାର ଉଚ୍ଚକୋଟୀର ସାହିତ୍ୟକୁ ଓଡ଼ିଆରେ ଏବଂ ଓଡ଼ିଆର କୃତିଗୁଡ଼ିକୁ ବିଭିନ୍ନ ଭାରତୀୟ ଓ ବିଦେଶୀ ଭାଷାରେ ଅନୁବାଦ କରି ବିଶ୍ୱ ଦରବାରରେ ପହଞ୍ଚାଇବାର ଯେଉଁ ପ୍ରୟାସ କରୁଛନ୍ତି, ତାହା ଆମ ଭାଷାକୁ ପରିପୁଷ୍ଟ କରୁଛି । ଏଣୁ ଆମ ଭାଷା ସାହିତ୍ୟର ଏକ ପୁଷ୍କଳ ଭବିଷ୍ୟତ ରହିଛି ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଲେଖକ ଜୀବନରେ ପୁରସ୍କାର ଏକ ସାମୂହିକ ସ୍ୱୀକୃତି । ମୋ ମତରେ ଏହାର ଗୁରୁତ୍ୱ ରହିଛି, କାରଣ ଏହା ଦ୍ୱାରା ଲେଖିବାର ଦାୟିତ୍ୱବୋଧ ଆହୁରି ବଢ଼ିଯାଏ ଏବଂ ଆଗକୁ ଲେଖିବା ପାଇଁ ଆତ୍ମବିଶ୍ୱାସ ସାଉଁଟିହୁଏ । ତେବେ ପୁରସ୍କାର କେବେହେଲେ ସୃଜନଶୀଳତାର ଚୂଡ଼ାନ୍ତ ମାପକାଠି ହୋଇପାରିବ ନାହିଁ । ଲେଖା ପଢ଼ିସାରି ପାଠକ ଦେଉଥିବା ଚିଠି, ଫୋନ୍ କଲ୍‌ରେ କଥା କିମ୍ବା ମେସେଜ୍‌ର ଭାଷା ସର୍ବୋପରି ପାଠକୀୟ ଶ୍ରଦ୍ଧା ସାରସ୍ୱତ ଜୀବନର ସବୁଠାରୁ ବଡ଼ ପୁରସ୍କାର । ସାହିତ୍ୟ, ନିରନ୍ତର ଅସରନ୍ତି ମାନବିକ କରୁଣାର ବାର୍ତ୍ତା ବହନ କରି ମାନବର ଜୀବନକୁ ଅର୍ଥପୂର୍ଣ୍ଣ କରୁ । ❤❤

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚ୍ଛରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୩୧**

ଆନନ୍ଦ ଭିନ୍ନ ଏକ କଥା ଭାବୁଥିଲା । କହିଲା, "ତାହାହିଁ ଏ ଦେଶର ବିଶେଷତ୍ୱ। ଏଠି ଏତେ ସବୁ ବୈଚିତ୍ର୍ୟ ଭିତରେ ଐକତ୍ୱ ସଂଭବ ହୋଇଛି ମଣିଷର ତ୍ୟାଗ ଓ ଭଲପାଇବା ପାଇଁ। ଜାତି, ବର୍ଣ୍ଣ ଓ ସଂପ୍ରଦାୟର ବିଭେଦତା ଭିତରେ ଅବ୍ୟାହତ ରହିଛି ଗଙ୍ଗା ଯମୁନା ପରି ଏଇ ଦୁଇଟି ଧାରା। ମନ୍ଦିର ପ୍ରସଂଗରେ ଯେଉଁ କଥା ରଖୁଛନ୍ତି, ମୋର ଅନୁମାନ, ସୁଦୂର ଭବିଷ୍ୟତରେ ତାହା ଭାରତରୁ ଲୋପ ପାଇଯିବ। ସମାଜରୁ ଜାତିଭେଦ ପ୍ରାଚୀରର କ୍ରମବିଲୁପ୍ତି ଏହାର ପ୍ରାଥମିକ ସୂଚନା। କିନ୍ତୁ ସେ ଅବସ୍ଥା ଦେଖିବାକୁ ଆମେ ହୁଏତ ନଥିବା।"

ନିଶ୍ଚଳ ଅବସ୍ଥାରେ ସେମିତି ବସି ରହିଥିଲା ଜେନି। ମୁଖମଣ୍ଡଳର ଭାବ ଥିଲା ସଂପୂର୍ଣ୍ଣ ସ୍ଥିର। ସେଠି ହର୍ଷ, ବିଷାଦ, ସୁଖ କିମ୍ବା ଦୁଃଖ ଲେଶମାତ୍ର ନଥିଲା। ଦୁଇବର୍ଷର ବ୍ୟବଧାନ ଭିତରେ ଆନନ୍ଦ ଅନୁଭବ କରୁଥିଲା, ସେ ମୁଖମଣ୍ଡଳର ତଫାତ୍। ଅନେକ କିଛି ପରିବର୍ତ୍ତନ ହୋଇଯାଇଛି ଏଥିରେ। ତାଙ୍କ ଅନ୍ତର ଭିତରେ ମଧ ପ୍ରବାହିତ ହେଉଛି ପ୍ରଶାନ୍ତିର ଏକ କ୍ଷୀଣ ସ୍ରୋତ।

ଅବାରିତ ଧାରାରେ ସମୟ ପ୍ରବାହିତ ହୋଇଯାଉଥିଲା ମଧ୍ୟାହ୍ନ ଆଡ଼କୁ। ଆମ୍ରବୀଥିକାର କେଉଁ ପତ୍ର ସନ୍ଧିରୁ ରହିରହି କୋକିଳର କୁହୁଧ୍ୱନି ମୁଖରିତ କରିଦେଉଥିଲା ସମଗ୍ର ଉଦ୍ୟାନ ପରିବେଶକୁ। ହେଲେ ଦିଗହରା ସାଥୀଟିର ପ୍ରତିଧ୍ୱନି ପହଞ୍ଚି ପାରୁ ନଥିଲା ସାଥି କୋକିଳଟି ନିକଟରେ।

ପ୍ରଶାନ୍ତି ଆସି ଆମନ୍ତ୍ରଣ ଜଣେଇଲା ମଧ୍ୟାହ୍ନଭୋଜନ ନିମନ୍ତେ। "ଆସନ୍ତୁ ଜେନି ମାମ୍! ଆପଣଙ୍କୁ ନିଶ୍ଚୟ ଭୋକ ହେବଣି। ଖାଇ ସାରିବା ପରେ ଯେତେ ସମୟ ଇଚ୍ଛା ଆଳାପ କରିବେ ଆନନ୍ଦ ବାବୁଙ୍କ ସହିତ। ଆପଣଙ୍କ ନିକଟରେ ମୁଁ କୃତଜ୍ଞ ମାଡାମ। ଆପଣଙ୍କ ପ୍ରଦତ୍ତ ଉପହାର ବିନିମୟରେ ମୋତେ ପ୍ରାପ୍ତ ହୋଇଛି ଏ ଦୁର୍ମୂଲ୍ୟ ଜୀବନ। ମୋର ଯାହା କିଛି ଆପଣଙ୍କୁ ମୂଲ୍ୟବାନ ମନେ ହେଉଛି, ସେ ସବୁ ଆପଣଙ୍କର ପରୋକ୍ଷ ଦାନ।" କହିଲା ପ୍ରଶାନ୍ତି। ଆଖିରେ ତାର କୃତଜ୍ଞତାର ଛାପ ଓ ମୃଦୁ ହସ।

"ସବୁ ପ୍ରଭୁଙ୍କର କୃପା ଏବଂ କରୁଣା ପ୍ରଶାନ୍ତି, ପ୍ରତିଟି ମୁହୂର୍ତ୍ତର ସ୍ପନ୍ଦନରେ ଏକ ବିରାଟ ଭବିଷ୍ୟତର ମଞ୍ଜି ପୋତା ହୋଇଥାଏ। ଆମେ ସାଧାରଣ ମଣିଷ ତାକୁ ବୁଝିବା କେଡ଼େ ଅସଂଭବ। ହଉ ଚାଲ, ଆସ ଆନନ୍ଦ।" କହି ଜେନି ଉଠିଲା।

ପ୍ରଶାନ୍ତିର ଏ ମହାନ୍ ଅନୁଭବ ପାଇଁ ମନେମନେ ଜେନି ତାକୁ ତାରିଫ୍ କରୁଥିଲା। ହୋଟେଲ୍‌ରେ ସେ ଚିଜଟି ଦେଲାବେଳେ ସେ ନିଜେ ବି ତ ଭାବି ନଥିଲା, ଯା' ପଛରେ ଏତେ ବଡ଼ ରହସ୍ୟ ଲୁଚି ରହିଛି ବୋଲି । ଏବେ ବି ସ୍ୱପ୍ନ ଭଳି ମନେହେଉଛି ତାକୁ । ସେଇ ମୁହୂର୍ତ୍ତର ଛୋଟିଆ ଉପହାରଟି ଦୁର୍ମୂଲ୍ୟ ହୋଇ ଶୋଭା ପାଉଛି ପ୍ରଶାନ୍ତିର ସିନ୍ଥିରେ।

ଭୋଜନାନ୍ତେ ବିଶ୍ରାମ ଅନାବଶ୍ୟକ ଥିଲା ଜେନି ନିମନ୍ତେ। ସେ ପ୍ରକାର ଅଭ୍ୟାସରୁ ସମ୍ପୂର୍ଣ୍ଣ ମୁକ୍ତଥିଲା ସିଏ। ଆନନ୍ଦ ବିଶ୍ରାମ କଲା ଏବଂ ସିଏ ଚାଲି ଆସିଲା ଉଦ୍ୟାନକୁ। ପୂର୍ବୋକ୍ତ ଆମ୍ରବୀଥିକା ତଳେ ନିରବରେ ବସି ରହିଲା । ଅପରାହ୍ନ ନଇଁ ଆସିଲେ ସେ ଫେରିଯିବ ତା'ର ପୂର୍ବସ୍ଥାନ ମଠକୁ, ଯେଉଁଠି ପ୍ରତୀକ୍ଷା କରିଥିବେ ରାଧିକାମାତା ।

ଘରର କାମଦାମ ତୁଟେଇ ଶିଶୁ କନ୍ୟାକୁ ଆନନ୍ଦଙ୍କ ଜିମାଦେଇ ପ୍ରଶାନ୍ତି ଆସିଲା ଜେନି ପାଖକୁ। କହିଲା, "ଜେନି ମାମ୍ ! ମୁଁ ପରା ଆପଣଙ୍କ ପାଇଁ ବିଛଣା ସଜାଡ଼ି ଥିଲି ବିଶ୍ରାମ ନେବା ପାଇଁ ? ଏ ଜ୍ୟେଷ୍ଠ ମାସିଆ ଖରାବେଳେ ଖାଇସାରି ଟିକେ ଶୋଇ ପଡ଼ିଥିଲେ ଆପଣଙ୍କୁ ଭଲ ଲାଗିଥାନ୍ତା । ଅଥଚ ଆପଣ ଏଠି ?" ପ୍ରଶାନ୍ତି ମୁଖରେ କୌତୂହଳ ଜଡ଼ିତ ହସ।

"ମୁଁ ସେ ପ୍ରକାର ଅଭ୍ୟାସରୁ ମୁକ୍ତ ପ୍ରଶାନ୍ତି। ବରଂ ଏଠି ଏ ଖୋଲା ପବନରେ ଗଛତଳେ ବେଞ୍ଚ ଉପରେ ବସି ରହିବାକୁ ଭଲ ଲାଗୁଛି ।" କହିଲା ଜେନି ଏବଂ ଯୋଗକଲା- "ବରଂ ତୁମେ ଯାଇ ଟିକେ ବିଶ୍ରାମ କର।"

"ନାଇଁ ଜେନି ମାମ୍, ଦୀର୍ଘଦିନର ବ୍ୟବଧାନରେ ଆପଣଙ୍କ ସହିତ ସାକ୍ଷାତ ହୋଇଛି ଯେତେବେଳେ, ଟିକେ କଥାଭାଷା ନ ହେଲେ ଆଦୌ ଭଲ ଲାଗିବ ନାହିଁ।"

ଦୁହେଁ ବସିଲେ ପାଖାପାଖି ।

"ଆପଣଙ୍କ ସହିତ ମୋର ପୁନରାୟ ଭେଟ ହେବ ଏବଂ ଆପଣ ଆସିବେ ଅତିଥି ହୋଇ ଆମ ଘରକୁ, ଏକଥା ମୁଁ ଆଦୌ କଳ୍ପନାରେ ବି ଭାବି ନଥିଲି ଜେନି ମାମ୍ । ଆନନ୍ଦ ବାବୁଙ୍କ ସହ ହୋଟେଲ୍ ଛାଡ଼ିଲା ପରେ, ମୁଁ ଅନେକ ଭାବିଛି ଆପଣଙ୍କ କଥା । ଯେତିକି ଦିନ ହୋଟେଲ୍‌ରେ ପରିଚାରିକା ଭାବେ ରହିଥିଲି, ଆପଣଙ୍କ ପରି ଆଉ କାହାକୁ ଦେଖି ନଥିଲି ଜୀବନରେ। ପ୍ରକୃତରେ ଆପଣ ନିଆରା।" କହିଲା ପ୍ରଶାନ୍ତି ।

"ମଣିଷର କଳ୍ପନା ଓ ଭାବନା ଉପରେ ମଣିଷର ଭବିଷ୍ୟତ ପରିଚାଳିତ ହୁଏନାହିଁ ପ୍ରଶାନ୍ତି। ସବୁ ସେଇ ଅଦୃଷ୍ଟର ଖେଳ। ତୁମ ସହ ଆଉ ପୁଣିଥରେ ଦେଖାହେବ, ଏହା ବି ଥିଲା ମୋର କଳ୍ପନାରୁ ବାହାରେ।"- କହିଲା ଜେନି।

"ଏହା ସତ୍ତ୍ୱେ ବି ଆପଣ ଆନନ୍ଦଙ୍କ ପ୍ରତି ଅନୁରକ୍ତା, ଏ ଅନୁଭବ ମୋର ସେତେବେଳେ ହୋଇଥିଲା ହୋଟେଲ୍‌ରେ। ଆପଣଙ୍କ ଆଗମନର ମୂଳାଧାର କ'ଣ ଏଇଆ ନୁହେଁ ?" ଭୟଜଡ଼ିତ କଣ୍ଠରେ ରହି ରହି ନିଜର ଭାବନା ଟିକକ ବ୍ୟକ୍ତ କରିଦେଲା ପ୍ରଶାନ୍ତି।

ମହୁ ଫେଣାରେ ଟେକାଟିଏ ବାଜିଲେ ଯେମିତି ଚଳଚଞ୍ଚଳ ହୋଇ ଉଠନ୍ତି ମଧୁ ମକ୍ଷିକାଗଣ, ଠିକ୍ ସେମିତି ପ୍ରଶାନ୍ତିର ଏଇ କଥା ପଦକରେ ଜେନିର ମନ ଚଞ୍ଚଳ ହୋଇ ଉଠିଲା। ଏ କଥାବି ଲକ୍ଷ୍ୟ କଲା ପ୍ରଶାନ୍ତି। ନାରୀଟିଏ ଅନ୍ୟ ଏକ ନାରୀର ମନକଥା ସହଜରେ ପଢ଼ିପାରେ। କଥାର ପ୍ରସଙ୍ଗ ବଦଳେଇ ଦେଲା ପ୍ରଶାନ୍ତି। କହିଲା, "ଆନନ୍ଦ ବାବୁଙ୍କ ଭାଜନ ମୁଁ ନୁହେଁ ଜେନି ମାମ୍, ପରିସ୍ଥିତି ମୋତେ ଏଠି ଆଣି ସଂଯୋଗ କରିଛି ସିନା !" ଟିକେ ରହି, "ମୋର ଅନୁରୋଧ ରଖିବେ ମାମ୍ । ଆପଣ ଆଉ ମଠକୁ ଯିବେନାହିଁ କି ଗୋପପୁରକୁ। ରହିବେ ଏଇଠି, ଆମରି ଏଇ ଘରେ, ପରିବାରର ଗୋଟେ ଅଂଶ ହୋଇ।"

"ପ୍ରଶାନ୍ତି ଠିକ୍ କହୁଛି ମାଡାମ୍! ଆପଣ ଏଇଠି ରହି ଯାଆନ୍ତୁ। ମଠରେ ଆପଣଙ୍କୁ ନିଶ୍ଚୟ ଭଲ ଲାଗୁ ନଥିବ। ଆଉ ଗୋପପୁର ? ତାହା ଶ୍ରୀମନ୍ଦିରଠୁଁ ଅନେକ ଦୂର। ଏଇଠି ଅବସ୍ଥାନ କଲେ ପ୍ରଭୁଙ୍କର ଖୁବ୍ ନିକଟ ସାନ୍ନିଧରେ ରହିବା ପରି ଲାଗିବ।" ଏମାନଙ୍କ ନିକଟତର ହେଉ ହେଉ ଆନନ୍ଦ କହିଲା । ମୁଖମଣ୍ଡଳରେ ତା'ର ଆଗ୍ରହକୁ ଲକ୍ଷ୍ୟ କଲା ଜେନି ।

ଦଣ୍ଡେ ନିରବ ରହି ଜେନି କହିଲା, "ତାହା ମୁଁ ଭାବି ନାହିଁ କି ସ୍ଥିର କରିନାହିଁ ଆନନ୍ଦ। ଯଦି ମନରେ କେବେ ଏପରି କିଛି ସିଦ୍ଧାନ୍ତ ଆସେ, ତାହାଲେ ଆସିବି ନିଶ୍ଚୟ। ଯଦି ଆସିବି ତେବେ ଜଣେ ସନ୍ନ୍ୟାସିନୀ ଭାବେ ଆସି ଏଠି ଅବସ୍ଥାନ କରିବି, ଗୈରିକ ବସନ ଭୂଷଣରେ ବିଭୂଷିତା ହୋଇ। ତୁମ ପୂଜାଘର ହେବ ମୋ ନିତ୍ୟ ପ୍ରଭୁଦର୍ଶନର ଶ୍ରୀମନ୍ଦିର। ଉଭୟ ମଠ, ମନ୍ଦିର ଓ ଗୋପପୁରର ମିଶ୍ରିତ ଉପଲବ୍ଧି ମୋତେ ମିଳିପାରିବ ଏଠାରେ। ଏବେ ମୋତେ ମେଲାଣି ଦିଅ।"

ବୁକୁତଳେ ତଥାପି ବି ବେଜାଏ ବେଦନା ଭରି ଜେନି ସେଦିନ ଖୁସି ମନରେ ବାହୁଡ଼ି ଆସିଥିଲା ମଠକୁ। ଉତ୍ତୀର୍ଣ୍ଣ ପ୍ରାୟ ସଂଧ୍ୟା। ମଠରେ ଆରତିବେଳା ଉପଗତ। ତରତର ହୋଇ ସ୍ନାନ ଶୌଚରେ ମନଦେଲା ଜେନି, ଯଥା ସମୟରେ ଆଳତି ମଣ୍ଡପକୁ ଯିବବୋଲି।

॥ ମହୋଦଧି ॥

ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଜେନି ଅଟକି ରହିଥିଲା ଏକ ଟ୍ରାଫିକ ଛକରେ; ବିପରୀତମୁଖୀ ଚାରିଗୋଟି ରାସ୍ତାର ସଂଯୋଗ ସ୍ଥଳରେ। ଚାରିଦିଗକୁ ଚାରୋଟି ରାସ୍ତା। ସମ୍ମୁଖଭାଗ ରାସ୍ତା ପଡ଼ିଛି ଆନନ୍ଦ ଭବନକୁ। ଦକ୍ଷିଣ ପାର୍ଶ୍ୱସ୍ଥ ରାସ୍ତା ଯାଇଛି ଗୋପପୁର, ବାମମାର୍ଗର ଅପେକ୍ଷାକୃତ ସରୁ ରାସ୍ତାଟି ସର୍ପିଳ ଗତିରେ ଆଗେଇ ଯାଇଛି ଇସକନ୍ ସଂସ୍ଥାକୁ। ଆଉ ପଶ୍ଚାଦ୍‌ଭାଗ ଦୀର୍ଘ ରାସ୍ତାଟି ଲମ୍ବି ଯାଇଛି ସୁଦୂର ଲଣ୍ଡନ ନଗରୀକୁ।

କିନ୍ତୁ ଜେନି ଚିତ୍‌ହୋଇ ଶୋଇ ରହିଛି ଇସକନ୍ ମଠର ଦଶଫୁଟ୍ ଲମ୍ବ ପ୍ରସ୍ଥ ବିଶିଷ୍ଟ ଏକ କୋଠରିରେ, ଯାହା ତାକୁ ଗତକାଲି ସନ୍ଧ୍ୟାବେଳୁ ମିଳିଛି। ପୂର୍ବରୁ ରହୁଥିବା ଘରଟି ଏ ନୁହେଁ। ଏ କୋଠରିଟି ସଂପୂର୍ଣ୍ଣ ନୂଆ ତା' ପାଇଁ । ରାଧିକାମାତାଙ୍କ ପାର୍ଶ୍ୱବର୍ତ୍ତୀ କୋଠରି ।

ଜେନିର ଚେତନା ଅନୁମାନ କରିନେଇଛି ସବୁକିଛି। ସ୍ୱାମୀଜୀଙ୍କର ଆଗ୍ରହ ଜଡ଼ିତ ପ୍ରଶ୍ନ ଏବଂ ଜେନିର ନିରବତା ତାଙ୍କୁ ଆଶାୟୀ କରିଛି । ଜେନି ହେବ ଏ ମଠର ପରବର୍ତ୍ତୀ ସନ୍ନ୍ୟାସିନୀ, ଇସକନ୍ ସଂସ୍ଥାରୁ ଉଦ୍ଭୁତ ଏକ ଉତ୍ସର୍ଗୀତ ସତ୍ତା, ଯିଏ କୃଷ୍ଣତତ୍ତ୍ୱ ଓ ଦର୍ଶନକୁ ଆଗକୁ ନେଇପାରିବ। ସେଥିପାଇଁ ବୋଧହୁଏ ଏ ଆଶୁ ବ୍ୟବସ୍ଥା। ନୋହିଲେ ଏତେ ଶୀଘ୍ର କୋଠରି ମିଳିବା ସମ୍ଭବ ନଥିଲା।

ସଂସ୍ଥା ସହିତ ସ୍ୱଳ୍ପଦିନର ସଂସର୍ଗ ଓ ସଂପର୍କ ଭିତରେ ଜେନି ଦେଖିଛି ଅନେକ ଭାରତୀୟ ଯୁବସନ୍ନ୍ୟାସୀ ଓ ସନ୍ନ୍ୟାସିନୀମାନଙ୍କୁ। ଲକ୍ଷ୍ୟ କରିଛି ସେମାନଙ୍କ ଭିତରର କ୍ଷୁଧାକୁ, ଅଭାବକୁ ଓ ବିଫଳତାକୁ। ଆଉ ସବୁଠୁଁ ବେଶି ଦେଖିଛି ସେମାନଙ୍କ ଭିତରର ଆଗ୍ରହ ଓ ଅନାଗ୍ରହତାକୁ। ଗୋଟେ ଆନୁଷ୍ଠାନିକ ଧର୍ମ ସଂସ୍ଥାର ଲମ୍ବ ଛାତଟିଏ ସେମାନଙ୍କୁ ଆଶ୍ରିତ ଓ ସୁରକ୍ଷିତ କରିଛି। ପେଟର ଭୋକ ପାଇଁ ଦୁଇବେଳା ପ୍ରସାଦ ମିଳିଛି, ଆଉ ମିଳିଛି ମଧ୍ୟ ଦେହ ଢାଙ୍କିବା ପାଇଁ କପଡ଼ା । ସେମାନଙ୍କ ଭିତରୁ ଯାହାର ନିଷ୍ଠା ଓ ଆଗ୍ରହ ବଢ଼ିଛି ଏ ଦିଗରେ, ସେ ଚଢ଼ିଛି ପାହାଚ, ଅଧିଷ୍ଠିତ ହୋଇଛି ବଡ଼ ପାହ୍ୟାରେ । ପ୍ରବଚନ, ଉପଦେଶ, ଆଦେଶ ଓ ଅନ୍ୟକୁ ମାର୍ଗ ବତେଇ ଦେବାର ଯୋଗ୍ୟତା ପାଇଛି।

ଧର୍ମ ହୋଇଛି ମଣିଷ ପାଇଁ ଏକ ଢାଲ ଅଥବା ଏକ କବଚ। ତାରି ଭିତରୁ କେହି କେହି ଅପସାରିତ ହୋଇ ଯାଇଛନ୍ତି ଏ ସଂସ୍ଥା ଠାରୁ । କେତେବେଳେ ସ୍ୱେଚ୍ଛାରେ ଅଥବା କେତେବେଳେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଦ୍ୱାରା ବିତାଡ଼ିତ ହୋଇ।

ଏ ପ୍ରସଙ୍ଗରେ ଜେନିର ଉପଲବ୍ଧି କିନ୍ତୁ ଭିନ୍ନ। ଧର୍ମକୁ ଢାଲ କରିବା ପରିବର୍ତ୍ତେ, ମାନବିକ କର୍ମ ଓ ଧର୍ମ ସହିତ ଐଶ୍ୱରିକ ଚେତନାକୁ ଅନ୍ତଃକରଣ କରିନେବାଟା ବୋଧହୁଏ ଅଧିକ ଶ୍ରେୟ ହୁଅନ୍ତା ମଣିଷ ପାଇଁ।

ବାସ୍ତବିକ୍ ପ୍ରକୃତିଦେବୀଙ୍କ ଭିତରେ ପୂରି ରହିଛି ଏ ସବୁ ଗୁଣ। ସେ ହିଁ ଜଣେ ଉପଯୁକ୍ତ ଗୃହିଣୀ । ଆଧ୍ୟାତ୍ମବାଦୀ ଜଗତ ଓ ଈଶ୍ୱରଙ୍କ ଭିତରେ ଅଭିନ୍ନତା ଦେଖିପାରୁଥିବା ନାରୀଟିଏ। ପ୍ରାଚୀନ ଭାରତୀୟ ନାରୀର ଅସଲ ପ୍ରାଣସତ୍ତାର ମୂର୍ତ୍ତିମନ୍ତ ପ୍ରତୀକ ସିଏ । ଏମିତି କିଛି ମହତ ଆକାଂକ୍ଷାର ଝଲକ ରହିଛି ବି ପ୍ରଶାନ୍ତି ନିକଟରେ।

କ୍ରମେ ପ୍ରଶାନ୍ତିର ରୂପଟି ଆହୁରି ମହନୀୟା ଲାଗିଲା ଜେନିକୁ। ପୂର୍ବାପେକ୍ଷା ଆହୁରି ବେଶି ସୁନ୍ଦର ଦିଶିଲା ପ୍ରଶାନ୍ତି। ଏହା ସତ୍ତ୍ୱେ ବି ଈର୍ଷାର ହରିଣଛୁଆଟିଏ ନାଚିକୁଦି ହେଉଥିଲା ଜେନିର ମନ ତଳେ । ଦୁଇଦିନ ତଳୁ, ଆନନ୍ଦଙ୍କ ଗୃହରୁ ପ୍ରତ୍ୟାବର୍ତ୍ତନ କରିବା ପରଠାରୁ, ସେ ଏମିତି ନାଚିକୁଦି ହେଉଥିବା ଅନୁଭବ କରୁଛି। ଏଥିପାଇଁ ସାମାନ୍ୟ ବିବ୍ରତବୋଧ ବି କରୁଥିଲା ସେ।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

# ଡିଜିଟାଲ କ୍ରାନ୍ତି ବନାମ ସତ୍ୟ ସୂଚନା

ଗୋପାଳ ମହାପାତ୍ର



ଡିଜିଟାଲ କ୍ରାନ୍ତି ସୂଚନାକୁ ଲୋକତାନ୍ତ୍ରିକ କରିଦେଇଛି। ଏବେ ସୂଚନା ବା ଖବର ଜାଣିବା ପାଇଁ କୌଣସି ଖବରକାଗଜ ଦେଖିବା ବା ପଢ଼ିବାର ଆବଶ୍ୟକତା ନାହିଁ। ପକେଟରେ ଥିବା ମୋବାଇଲ ଫୋନ ସାରା ଦୁନିଆର ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ଖବର ଆମ ପାଖରେ ପହଞ୍ଚାଇ ଦେଇ ପାରୁଛି। ସମୟ ଥିଲା ସୂଚନା /ସମ୍ବାଦଙ୍କୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଦି ଦିନ ଲାଗୁଥିଲା ହେଲେ ଏବେ ଗୋଟିଏ ସେକେଣ୍ଡରେ ସାରା ବିଶ୍ୱର ସୂଚନା ମିଳି ଯାଉଛି। ନିସନ୍ଦେହ ଭାବେ ଏହା ମାନବ ଇତିହାସର ଏକ ବଡ଼ ଉପଲବ୍ଧି। କିନ୍ତୁ ଉପଲବ୍ଧି ମଧ ଏକ ଗୁରୁତର ବିରୋଧାଭାଷକୁ ଜନ୍ମଦେଇଛି। ମାନବ ଇତିହାସରେ ବୋଧହୁଏ ପ୍ରଥମ ଥର ପାଇଁ ଏତେ ଅଧିକ ସୂଚନା ଉପଲବ୍ଧ ହେଉଛି, ତଥାପି ସତ୍ୟକୁ ନେଇ ଅନିଶ୍ଚିତତା ରହିଛି। ବିଡ଼ମ୍ବନା ହେଉଛି ଆଜିର ସଙ୍କଟ ସୂଚନାର ଅଭାବକୁ ନେଇ ନୁହେଁ ବରଂ ସୂଚନାର ପ୍ରାମାଣିକତାକୁ ନେଇ। କଥା ଏତିକିରେ ସରି ନାହିଁ ଯେ ସୂଚନା ବା ସମ୍ବାଦ କେଉଁ ସୂତ୍ରରୁ ବା କେଉଁଠାରୁ ମିଳିଲା ବରଂ କଥା ହେଉଛି ଅସଂଖ୍ୟ ସୂଚନା, ଦାବି, ଭିଡିଓ, ପୋଷ୍ଟ ଏବଂ ମନ୍ତବ୍ୟ ଭିତରୁ କେଉଁଟା ସତ୍ୟ ସେ କଥା ଜାଣିବା କେମିତି ?

ଏକଦା ସୂଚନା ଦୁର୍ଲଭଥିଲା କିନ୍ତୁ ଏବେ ସୂଚନା ସର୍ବତ୍ର। ଏହି ପରିବର୍ତ୍ତନ ଗଣମାଧ୍ୟମର ଭୂମିକାକୁ ମଧ ବଦଳାଇ ଦେଇଛି। ପ୍ରଶ୍ନ ଏବେ ନୁହେଁ ଯେ ପ୍ରଥମେ ସୂଚନା/ସମ୍ବାଦ କିଏ ଦେଇଛି ବରଂ ପ୍ରଶ୍ନ ହେଉଛି କିଏ ବିଶ୍ୱସନୀୟ ସୂଚନା ଦେଇଛି ବା ଦେଉଛି। ଏଠାରେ ହିଁ ମୁଦ୍ରିତ ଗଣମାଧ୍ୟମର ପ୍ରାସଙ୍ଗିକତାର ପ୍ରଶ୍ନ ଆରମ୍ଭ ହୋଇଥାଏ। ଡିଜିଟାଲ ମାଧ୍ୟମ ଏବଂ ସାମାଜିକ ଗଣ ମାଧ୍ୟମ ସୂଚନାର ପ୍ରବାହକୁ ଗତି ଦେଇଛି। ଏମାନେ ସୂଚନା / ସମ୍ବାଦକୁ ଅଧିକ ଖୋଲା ଏବଂ ସହଭାଗିତା ପୂର୍ଣ୍ଣ କରିଦେଇଛନ୍ତି। ପରନ୍ତୁ ଏମାନେ ସମ୍ବାଦ, ମତ, ପ୍ରଚାର, ମନଗଢ଼ା କାହାଣୀ ଏବଂ ଅପପ୍ରଚାର ମଧ୍ୟରେ ସୀମାକୁ ଧୁଆଁଳିଆ କରି ଦେଇଛନ୍ତି। ଏବେ ଏକ ଅସତ୍ୟ ଅର୍ଦ୍ଧସତ୍ୟ ସମ୍ବାଦ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚ ପାରିଛି। ଭ୍ରାମକ ଭିଡ଼ିଓ ଜନ ମତକୁ ପ୍ରଭାବିତ କରି ପାରୁଛି ଏବଂ ଏକ ମିଥ୍ୟା ସୂଚନା ସାମାଜିକ ସଂଘର୍ଷର କାରଣ ମଧ ହୋଇପାରିବ ନୁହେଁ ହୋଇପାରୁଛି। ସୂଚନାର ଲୋକତାନ୍ତ୍ରିକକରଣ ହୋଇଛି କିନ୍ତୁ ସତ୍ୟର ନୁହେଁ। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ - ଯଦି ପ୍ରତି ବ୍ୟକ୍ତି ପ୍ରକାଶକ ତେବେ ସମ୍ପାଦକ ? ଏଭଳି କାରଣ ମୁଦ୍ରିତ ଗଣମାଧ୍ୟମକୁ ବିଶିଷ୍ଟ କରିଦେଇଛି। ଖବର କାଗଜର ଶକ୍ତି କେବଳ କାଗଜରେ ଛାପିବାରେ ନଥାଏ, ଶକ୍ତି ତାର ସମ୍ପାଦକୀୟ ପ୍ରକ୍ରିୟାରେ ନିହିତ ରହିଛି। ରିପୋର୍ଟିଙ୍ଗ, ତଥ୍ୟର ତର୍ଜମା, ତଥ୍ୟର ସ୍ରୋତ, ଆଇନଗତ ପରୀକ୍ଷଣ ଏବଂ ସମ୍ପାଦକୀୟ ଉତ୍ତର ଦାୟୀତ୍ୱ ଏସବୁ ପ୍ରକ୍ରିୟା ମିଶି ସୂଚନାକୁ ସମ୍ବାଦରେ ଏବଂ ସମ୍ବାଦକୁ ବିଶ୍ୱସନୀୟ ସାର୍ବଜନିକ ଜ୍ଞାନରେ ପରିବର୍ତ୍ତିତ କରିଥାଏ। ଡିଜିଟାଲ ଯୁଗରେ ଏହି ପ୍ରକ୍ରିୟା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି।

ଭାରତୀୟ ସାମ୍ବାଦିକତାର ଇତିହାସ ମଧ ଏହି ତଥ୍ୟକୁ ପୁଷ୍ଟି କରିଥାଏ। ସ୍ୱାଧିନତା ଆନ୍ଦୋଳନ ବେଳେ ଖବର କାଗଜ ସୂଚନାର ମାଧ୍ୟମ ନଥିଲା ବରଂ ରାଷ୍ଟ୍ରୀୟ ଚେତନାର ବାହକ ଥିଲା। ସ୍ୱାଧିନ ଭାରତରେ ଗଣମାଧ୍ୟମର ଭୂମିକାର କଠିନ ପରୀକ୍ଷା ୧୯୭୫ର ଜରୁରୀ କାଳୀନ ପରିସ୍ଥିତି ବେଳେ ହୋଇଥିଲା। ସେ ସମୟରେ ସୂଚନା ଉପରେ ନିୟନ୍ତ୍ରଣ ପାଇଁ ଉଦ୍ୟମ କରାଯାଇଥିଲା। ଖବର କାଗଜର ପ୍ରକାଶନ ଉପରେ ସେନସରସିପ ଲାଗୁ କରାଯାଇଥିଲା ଏବଂ ଅଭିବ୍ୟକ୍ତିର ସ୍ୱାଧିନତାକୁ ସୀମିତ କରି ଦିଆ ଯାଇଥିଲା। ଅନେକ ସମ୍ପାଦକ / ସମ୍ବାଦିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସତ୍ୟ ପରିବେଷଣରେ ବ୍ରତୀ ଥିଲେ, କିନ୍ତୁ ମଜାଦାର କଥା ହେଉଛି ଆଜିର ସଙ୍କଟ ସେଇ ଜରୁରୀକାଳୀନ ପରିସ୍ଥିତି ସମୟର ସଙ୍କଟ ଠାରୁ ଭିନ୍ନହେଲେ ମଧ ତାହା ସହ ଯୋଡି ହୋଇଛି। ୧୯୭୫ରେ ସୂଚନାକୁ ରୋକା ଯାଉଥିଲା ଏବେ ସୂଚନାର ବଢ଼ି ମାଡ଼ିଚାଲିଛି। ସେତେବେଳେ ଲୋକଙ୍କୁ ସତ୍ୟ ଜାଣିବାକୁ ଦିଆଯାଉନଥିଲା କିନ୍ତୁ ଏବେ ସୂଚନାର ସାଗର ମଧ୍ୟରେ ବାସ୍ତବିକ ସତ୍ୟ କେଉଁଟା ତାକୁ ଜାଣିବା ମୁସ୍କିଲ ହୋଇ ପଡୁଛି। ପରିସ୍ଥିତି ବଦଳିଛି କିନ୍ତୁ ପ୍ରଶ୍ନ ହେଉଛି – ଲୋକଙ୍କ ପାଖରେ ବିଶ୍ୱସନୀୟ ସୂଚନ ପହଞ୍ଚବ କେମିତି ?

ଏଠାରେ ମୁଦ୍ରିତ ଗଣମାଧ୍ୟମର ସମକାଳୀନ ପ୍ରାସଙ୍ଗିକତା ନିହିତ ରହିଛି। ଏମାନେ ଡିଜିଟାଲ ମାଧ୍ୟମ ଭଳି ଗତିଶୀଳ ନୁହଁନ୍ତି। କିନ୍ତୁ ଏମାନେ ବିଶ୍ୱସନୀୟତା, ଉତ୍ତରଦାୟୀତ୍ୱ ଏବଂ ସମ୍ପାଦକୀୟ ଅନୁଶାସନର ପରମ୍ପରାର ପ୍ରତିନିଧିତ୍ୱ କରୁଛନ୍ତି ଯାହାର ଆବଶ୍ୟକତା ସୂଚନାର ଉପଲବ୍ଧତାରେ ନୁହେଁ ବରଂ ବିଶ୍ୱସନୀୟ ସୂଚନାର ଉପଲବ୍ଧତାରେ ସୁଦୃଢ଼ ହୋଇଥାଏ। ଗଣମାଧ୍ୟମ ତାର ପରମ୍ପରା, ସମ୍ପାଦକୀୟ ସଂସ୍କୃତି ଏବଂ ସାର୍ବଜନିକ ଉତ୍ତରଦାୟିତ୍ୱ ବଜାୟ ରଖିଲେ ଏହାର ଗୁରୁତ୍ୱ କମିବ ନାହିଁ ବରଂ ବଢ଼ିବ ଓ ଲୋକତନ୍ତ୍ରକୁ ସୁଦୃଢ଼ କରିବାରେ ସହାୟକ ହେବ।

♥ ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଝଡ଼ିତେ ଝଡ଼ିତେ

# ଆହେ ଦୟାମୟରୁ ଲକ୍ଷ୍ମୀ ପୁରାଣ

ବିନୋଦ ମହାରଣା



ଆହେ ଦୟାମୟ ବିଶ୍ୱବିହାରୀ କବିତାଟି ଅଧିକାଂଶ ଓଡ଼ିଶାବାସୀଙ୍କୁ ଜଣା।ବର୍ଷବର୍ଷ ଧରି ଏହି ଗୀତଟିକୁ ସ୍କୁଲରେ ପଢ଼ାଯାଉଥିବାବେଳେ ଜନମାନସରେ ଏହି ଗୀତଟି ଅସ୍ଥି ମଜ୍ଜାଗତ ହୋଇ ରହିଆସିଛି। ପିଲାମାନେ ଖୁସିମନରେ ଏହା ବୋଲୁଥିବାବେଳେ ବୟସ୍କମାନେ ବି ଗୀତଟିକୁ ହାତଛଡ଼ା କରି ନଥାନ୍ତି। ପିଢ଼ି ପରେ ପିଢ଼ି ଏହି ଗୀତଟି ଓଡ଼ିଶାରେ ଚର୍ଚ୍ଚାର କାରଣ ପାଲଟି ଆସିଛି। ହେଲେ ବାସ୍ତବ ପକ୍ଷେ ଏହି ଗୀତଟିର ଆଭିମୁଖ୍ୟ କ'ଣ, କ'ଣ ଏହାର ଉଦ୍ଦେଶ୍ୟ, ପ୍ରକୃତରେ ସତ କ'ଣ, ସାବଲୀଳ ଭାଷାରେ କିପରି ପିଲାଙ୍କୁ ଅନ୍ଧ ଦୁନିଆ ଭିତରକୁ ଠେଲି ଦିଆଯାଉଛି- ଏସବୁର ସମୀକ୍ଷା କରିବାକୁ କେହି ଚାହାଁନ୍ତି ନାହିଁକି ସେପରି ମାନସିକତା ପୋଷଣ କରନ୍ତି ନାହିଁ। ମଣିଷ ଭିତରେ ରହିଥିବା ଏକ ଭାବଗତ ଅନ୍ଧଭାବନା ଏହି ଗୀତଟିର ସମୀକ୍ଷା କରିବାକୁ ମନ ବଳାଇ ନଥାଏ କି ସେଥିପ୍ରତି ସାହସ ମଣିଷ ଜୁଟାଇ ପାରିନଥାଏ।

ଭଗବାନ କିଏ ? ସେ ସତରେ ଅଛନ୍ତି କି ? ଭଗବାନ କେଉଁ ଧର୍ମର ? ସେକାହାକୁ ନିଜର ବୋଲି ଦେଖନ୍ତି ? ଯଦି ଭଗବାନ ସବୁ ମଣିଷଙ୍କୁ ସମାନ ଦେଖନ୍ତି ତେବେ କିଏ ଧନୀ କିଏ ଗରିବ କାହିଁକି ? ମଣିଷ ନିଜେ ସବୁ କରିବି କାହିଁକି ଭଗବାନଙ୍କୁ ଟାଣେ ? ଏସବୁ ପ୍ରଶ୍ନର ଉତ୍ତର ନଖୋଜି ଏହି କବିତାର ପ୍ରଥମ ଦୁଇ ଧାଡ଼ିରେ ରହିଛି- ଆହେ ଦୟାମୟ ବିଶ୍ୱବିହାରୀ, ଘେନ ଦୟାବହି ମୋର ଗୁହାରି। ବିଶ୍ୱରେ ଏକଛତ୍ରବାଦୀ ରାଷ୍ଟ୍ରମାନେ ସାରା ଜଗତକୁ ଶୋଷଣ କରନ୍ତି, ଯୁଦ୍ଧ କରି ଲକ୍ଷ ଲକ୍ଷ ଲୋକଙ୍କୁ ଦୁର୍ଦ୍ଦିନ ଭିତରକୁ ଠେଲିଦିଅନ୍ତି। ବିଶ୍ୱରେ ହିଟଲର, ମୁସୋଲିନଙ୍କ ପରି ଶାସକମାନେ ଅବତୀର୍ଣ୍ଣ ହୋଇ ନରହତ୍ୟାର ନଦୀ ବୁହାଇଥାନ୍ତି। ତଥାପି ଭଗବାନଙ୍କୁ କବିତାରେ କୁହାଯାଇଛି- ଦୟାମୟ ବିଶ୍ୱବିହାରି। ଯଦି ଭଗବାନ ସତ ତେବେ ଜନଗଣଙ୍କୁ ଅମାନୁଷିକ ହତ୍ୟା କରାଯାଉଥିବା ବେଳେ ଭଗବାନ କେଉଁଠି ଥିଲେ ? ମରଣମୁଖୀ ଲୋକେ କ'ଣ ସେମାନଙ୍କ ଧର୍ମର ଦେବତାକୁ ବଞ୍ଚିବା ଲାଗି ପ୍ରାର୍ଥନ କରି ନଥିଲେକି ? ଯଦି ଭଗବାନ ଶୁଣିଥିଲେ ତେବେ କୋଟି କୋଟି ଲୋକଙ୍କୁ ହତ୍ୟା କରାଗଲା କିପରି ?

କବିତାରେ କୁହାଯାଇଛି ଭଗବାନ ଜଳ, ସ୍ଥଳ, ବନ, ଗିରି, ଆକାଶ... ତୁମଲୀଳା ସବୁଠାରେ ପ୍ରକାଶ। ଏହା ଯଦି ସତ ତେବେ ରାଜରାସ୍ତାରେ କାହିଁକି ହତ୍ୟାକାଣ୍ଡ ଘଟୁଛି ? କାହିଁକି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଲୋକଙ୍କୁ ଭଗବାନ ରକ୍ଷା କରିପାରୁନାହାନ୍ତି ? କାହିଁକି ବିପର୍ଯ୍ୟୟ ବେଳେ ଲକ୍ଷଲକ୍ଷ ଲୋକ ଆତୁର ସହକାରେ ଡାକୁଥିବା ସତ୍ତ୍ୱେ ସେ ଆଖିବୁଜି ଦିଅନ୍ତି ? ଯଦି ସବୁକିଛି ତାଙ୍କ ଲୀଳା ତେବେଜଣେ ନାରୀକୁ ଗଣଦୁଷ୍କର୍ମ ହେଉବା ଭୟଙ୍କର ଭିଡ଼ ହତ୍ୟା ହେଉ ବା ଗଣହତ୍ୟା...ଏସବୁ କ'ଣ ତାଙ୍କ ଲୀଳା କି ?

କବିତାରେ ବି କୁହାଯାଇଛି-ମୋର ଧନ, ଜନ ଲୋଡ଼ା ନାହିଁହେ। ଏହି ଧାଡ଼ିଟି କେତେ ଯେ ବିପଦପୂର୍ଣ୍ଣ ତାହାର କେହି ସମୀକ୍ଷା କରିନଥାନ୍ତି। ଅନ୍ୟ ପ୍ରାଣୀ କରି ମଣିଷ ବିବର୍ତ୍ତନର ପ୍ରକ୍ରିୟାରେ ବିକଶିତ ହୋଇଥିବା ଏକ ଉନ୍ନଥ ଧରଣର ପ୍ରାଣୀ। ଅନେକ ନୃତତ୍ତ୍ୱବିତ, ବିବର୍ତ୍ତନବିତ୍ ଏହାକୁ ହଜାରେ ଥର ପ୍ରମାଣିତ କରିସାରିଛନ୍ତି। ମଣିଷ ଯାହା କିଛି ହୋଇଛିବା ଯେଉଁ ସ୍ତରରେ ପହଞ୍ଚିଛି ସେଥିରେ ପ୍ରକୃତିର ହିଁମହାନ ଭୂମିକା ରହିଛି। ଲକ୍ଷଲକ୍ଷ ବର୍ଷତଳର ପ୍ରାକୃତିକ ବିବର୍ତ୍ତନ ମଣିଷର ସବୁକିଛି। ଲାଙ୍ଗୁଡ଼ ହଟାଇବାଠାରୁ ଆରମ୍ଭ କରିସିଧା ହୋଇଚାଲିବା, ଆଗର ଦୁଇଗୋଡ଼କୁ ହାତଭାବେ ବ୍ୟବହାର କରିବା, ନିଆଁର ବ୍ୟବହାର ଶିଖିବା, ଗୁମ୍ଫା ଓ ଗଛ କୋରଡ଼ଛାଡ଼ି ପଦାକୁ ଆସିବା, ଲିପି ଓ ଭାଷା ବ୍ୟବହାର କରିବା- ଏସବୁ ପର୍ଯ୍ୟାୟର ଉନ୍ନୀତ ହେବାଲାଗି ମଣିଷକୁ ଲକ୍ଷଲକ୍ଷ ବର୍ଷ ଲାଗିଯାଇଛି। ଏଥିରେ ରହିଛି ମଣିଷର ଆତ୍ମବିଜ୍ଞାନ, ଅଭିଜ୍ଞତା ଇତ୍ୟାଦି। ପ୍ରଜନନ ଏକ ମହାନ ପ୍ରକ୍ରିୟା। ଏହାକୁ କେହି ବିରୋଧ କରିବା ଅନୁଚିତ। ସମଗ୍ର ଜୀବଜଗତ ଲାଗି ଏହା ଜରୁରୀ। ମାତ୍ର ଗୀତରେ କୁହାଯାଇଛି ଜନ ଲୋଡ଼ା ନାହିଁ ବୋଲି। ଏହା ଏକ ଉନ୍ମାଦ ଚିନ୍ତାଧାରା। ବ୍ରହ୍ମାକୁମାରୀ - ବ୍ରହ୍ମାକୁମାର ସଂଗଠନ ପରି ଲୋକେ ଯଦି ଅବିବାହିତ ରହିବେ ତେବେ ଏହି ଧରା, ସଭ୍ୟତା, ସଂସ୍କୃତି ରହିବ କିପରି ? ଅବିବାହିତ ରହିଲେ ବିଶ୍ୱର କ'ଣ ବିକାଶ ଘଟିବ ? ଅଧିକାଂଶ ମହାପୁରୁଷ, ମହାବିଜ୍ଞାନୀ, ସମାଜବିଜ୍ଞାନୀ, ଦାର୍ଶନିକ, ଗବେଷକ, ମହାକାଶବିତ୍, ଜ୍ୟୋତିର୍ବିଦ୍, ଗଣିତଜ୍ଞ, କବି, ଲେଖକ, ନେତା, ଚିତ୍ରକର ତ ବିବାହ କରିଥିଲେ। 'ଜନ ଲୋଡ଼ା ନାହିଁ' କହି ଏକ ମହାନ ବାର୍ତ୍ତକୁ ଅବମାନନା କରାଯାଉ ନାହିଁକି ? କୌଣସି ଲେଖା ବା ତତ୍ତ୍ୱକୁ କେବେବି କେହି ଅନ୍ଧ ଭାବେ ଗ୍ରହଣ କରିବା ଅନୁଚିତ।

କବିତାରେ ପୁଣି ରହିଛି- ଧନ ଲୋଡ଼ା ନାହିଁ। ସମାଜର କ'ଣ କେବଳ ଧନୀମାନଙ୍କ ସପକ୍ଷରେ ଏହି ମତଟି ଦିଆଯାଇଛି। ପୁଞ୍ଜିପତିମାନେ କେବଳ ଧନ ଉପାର୍ଜନ କରିବେ, ସଞ୍ଚିତ କରିବେ, ଲୋକଙ୍କୁ ଶୋଷଣ କରିବେ-ଏହା ହେଉଛି କବିତାର ବାସ୍ତବ ଉଦ୍ଦେଶ୍ୟ। ଜନତାଙ୍କୁ ଗରିବ ବଳୟରେ ଅର୍ଥାତ ଦାରିଦ୍ର୍ୟ ମଧ୍ୟରେ ବାନ୍ଧିରଖି ଧନୀକ ମାନଙ୍କୁ ଧନ ସଂଚୟର ମାର୍ଗ ଖୋଲିବା ଉଦ୍ଦେଶ୍ୟରେ ଏହା ରଚିତ। ଦାରିଦ୍ର୍ୟ, ଗରିବୀରେ ଦୁନିଆର ସିଂହଭାଗ ଲୋକ ରହୁଥିବାବେଳେ ବସ, ବାସହୀନ ଲୋକଙ୍କ ସଂଖ୍ୟା ଶତାଧିକ କୋଟି। ସେମାନେ ବଞ୍ଚିବାର ଅଧିକାରରୁ ବଞ୍ଚିତ। ସେମାନଙ୍କ ନିକଟରେ ବଞ୍ଚିବା ଲାଗି ସର୍ବନିମ୍ନ ଉପାର୍ଜନ ନାହିଁ। ଧନୀ, ଦୁର୍ନୀତିଗ୍ରସ୍ତ ଲୋକଙ୍କ ହାତରେ ସମ୍ପଦ ଠୁଳ ହେବାରେ ଲାଗିଛି। ଧନ ଅର୍ଥ ଏହା ନୁହେଁ ଯେ, ଅନୀତି, ଦୁର୍ନୀତିକରି ଧନ ଉପାର୍ଜନ କରିବା। ମଣିଷ ପରି ବଞ୍ଚବା ଲାଗି ଯେତିକି ଆବଶ୍ୟକ ସେତିକି ହିଁ ଜଣେ ମଣିଷ ଲାଗି ଯଥେଷ୍ଟ।

ଭଗବାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ବା ଅନୁରୋଧ କରାଯାଇଛି- ମେତେ ଭଲ ବାଟ ପରା ଦେଖାଅ। ଯଦି ଭଗବାନ ସମସ୍ତଙ୍କୁ ଭଲ ବାଟ ଦେଖାଉଥିବେ ତେବେ ଦେଶରେ ହଜାର ହଜାର ଡକାୟତ, ଲୁଟେରା, ହତ୍ୟାକାରୀ, ଦୁଷ୍କର୍ମକାରୀ ସୃଷ୍ଟି ହେଉଛନ୍ତି କିପରି ? ସରକାରୀ ବାବୁମାନେ ଦୁର୍ନୀତିଗ୍ରସ୍ତ ହେଉଛନ୍ତି କିପରି ?

ଜଗନ୍ନାଥଙ୍କୁ ଜଗତର ନାଥ ବୋଲି କୁହନ୍ତି। ଯଦି ସେ ଜଗତର ନାଥ ତେବେତାଙ୍କ ମନ୍ଦିର ଭିତରକୁ ଅନ୍ୟ ଧର୍ମର ଲୋକଙ୍କୁ କାହିଁକି ବାରଣ ? ତାଙ୍କର ସେବା ନିମନ୍ତେ କାହିଁକି କେବଳ ତଥାକଥିତ ଦଇତାପତିମାନେ ନିୟୋଜିତ ହୋଇଛନ୍ତି ? ହିନ୍ଦୁ, ମୁସଲମାନ, ବୌଦ୍ଧ, ଜୈନ, ଖ୍ରୀଷ୍ଟିଆନ ଧର୍ମର ଲୋକ କାହିଁକି ସାମିଲ ନୁହଁନ୍ତି ? ଏକ ହିନ୍ଦୁ ବହୁଳ ରାଷ୍ଟ୍ରରେ ଜଗନ୍ନାଥଙ୍କୁ ନେଇ ନାନା ପ୍ରକାର କୁତ୍ସିତ ଭାବନା କାମ କରୁନାହିଁ କି ? ଏକଥା ସତ୍ୟ ଯେ, ଦ୍ୱାଦଶ ଶତାବ୍ଦୀରେ ତତ୍‌କାଳୀନ ପୁରୀରାଜା ଅନଙ୍ଗଭୀମ ଦେବ ତୃତୀୟ (୧୨୧୧-୧୨୩୮) ଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ବୋଲି ଘୋଷଣା କରିଥିଲେ ଏବଂ ପ୍ରତି ଘରେ ଜଗନ୍ନାଥଙ୍କୁ ପୂଜା କରିବାଲାଗି ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ମୁସଲିମ ଶାସକମାନଙ୍କ ଭାରତ ଆକ୍ରମଣକୁ ଦୃଷ୍ଟିରେ ରଖି ଅନଙ୍ଗଭୀମ ଦେବ ଏହି ନିଷ୍ପତ୍ତି ନେଇଥିଲେ ଯାହାର ଫଳ ଆଜି ଓଡ଼ିଶାରେ ବଳବତ୍ତର ରହିଛି।

ଲୋକେ ଭକ୍ତ ସାଲବେଗଙ୍କ ଜଣାଣକୁ ପ୍ରାଣଭରି ଭଲପାଆନ୍ତି, ଗାୟକମାନେ ତାହାକୁ ବୋଲନ୍ତି। ହେଲେ ଜଗନ୍ନାଥ ମନ୍ଦିର ଭିତରକୁ ମୁସଲିମମାନଙ୍କୁ ପ୍ରବେଶ ମନା। ଯଦି କେହି ପ୍ରବେଶ କରିଯାଏ ତେବେ ମନ୍ଦିରକୁ ବିଶୋଧନ କରାଯାଏ। ଏହା କେଉଁ ପ୍ରକାର ମାନସିକତା ?

ମାନସିକତା ଅନୁସାରେ ମଣିଷ ନିଜ ସ୍ୱାର୍ଥ ଲାଗି ସବୁକିଛି ନିର୍ଣ୍ଣୟ କରେ, ନିଷ୍ପତ୍ତି ଓ ପଦକ୍ଷେପ ନିଏ। ଏପରି ଅବସ୍ଥାରେ ଓଡ଼ିଶା ସରକାର ଘରେ ଘରେ ଲକ୍ଷ୍ମୀ ପୁରାଣ ବଣ୍ଟନ କରିବାଲାଗି ନିଷ୍ପତ୍ତି ନେଇଛନ୍ତି। ଲକ୍ଷ୍ମୀ ପୁରାଣ ଏକ ପ୍ରାଚୀନ କଥାବସ୍ତୁ ଉପରେ ଆଧାରିତ। ଏହାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ କିମ୍ବା ସତ୍ୟତା ନାହିଁ। ଲକ୍ଷ୍ମୀ ପୁରାଣ ବୋଲିଲେ ଯେ ଘର ଧନଧାନ୍ୟରେ ଭରିଯିବ- ଏହା ନୁହେଁ। ନଚେତ ଓଡ଼ିଶାର ଲକ୍ଷଲକ୍ଷ ଲୋକ କାହିଁକି ଗରିବ ? କାହିଁକି ସେମାନେ ବାହାର ରାଜ୍ୟକୁ ଯାଇଜୀବନ ବିପନ୍ନ କରି ଗୋତି ଖଟୁଛନ୍ତି ? କାହିଁକି ଓଡ଼ିଶାର ମୁଣ୍ଡ ପିଛା ଆୟ ଅତି ନ୍ୟୂନ ? କାହିଁକି ଚାଷୀ ଆତ୍ମହତ୍ୟା କରୁଛି ? କାହିଁକି ଚାଷୀ, ଶ୍ରମିକ ପରିବାର ଦୁର୍ଦ୍ଦିନରେ ସଢୁଛନ୍ତି ? ଲକ୍ଷ୍ମୀ ପୁରାଣ ବୋଲିଲେ ଯେ ଏସବୁ ଦୂରହେବ- ଏହା ନୁହେଁ।

ସାବିତ୍ରୀ, ଲକ୍ଷ୍ମୀ ଆଦି ମହିଳା ଗୋଟିଏ ଗୋଟିଏ କାହାଣୀର ଚରିତ୍ର ଯାହା ବିଭିନ୍ନ ଧର୍ମ ପୁସ୍ତକରେ ବର୍ଣ୍ଣିତ। ହେଲେ ସେସବୁର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ଯଦି ଯମଙ୍କୁ ପୂଜାକରି ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ଜୀବନ ବଞ୍ଚାଇ ପାରୁଛନ୍ତି ତେବେ ଆଜି ହଜାର ହଜାର ମହିଳା କାହିଁକି ଅକାଳରେ ବିଧବା ହେଉଛନ୍ତି ? ସେହି ମହିଳାମାନଙ୍କ ମଧ୍ୟରୁ ଅଧିକାଂଶ ତ ଶହଶହ ଦେବଦେବୀଙ୍କ ଭକ୍ତ। ନାନା ପ୍ରକାର ଉପାସ, ପୂଜା, ବ୍ରତ କରୁଛନ୍ତି। ସେମାନେ କ'ଣ ତଥାକଥିତ ଯମ ଦେବତାଙ୍କଠାରୁ ଆଶୀର୍ବାଦ ପାଇବାକୁ ଯୋଗ୍ୟ ନୁହଁନ୍ତିକି ? ବିଭିନ୍ନ କାରଣରୁ ଦୈନିକ ଶହଶହ ମହିଳା ବିଧବା ହୁଅନ୍ତି। ସେମାନଙ୍କ ପ୍ରାର୍ଥନା କାହିଁକି ଯମ କିମ୍ବା କୌଣସି ଦେବତା ଶୁଣନ୍ତି ନାହିଁ ? କେବଳ ଜଣେ ସାବିତ୍ରୀଙ୍କୁ ଲକ୍ଷ୍ୟକରି ସାବିତ୍ରୀ ବ୍ରତ କାଳରେ କୋଟି କୋଟି ଟଙ୍କାର ବ୍ୟବସାୟ ହୁଏ। ହଜାର ହଜାର ମହିଳା ସ୍ୱାମୀଙ୍କ ଲାଗି ବ୍ରତ କରିଥାନ୍ତି। ଯଦି ଅପମୃତ୍ୟୁରୁ ସ୍ୱାମୀ ବଞ୍ଚିପାରନ୍ତି ନାହିଁ କିମ୍ବା ତାଙ୍କୁ କୌଣସି ଦେବତା ବଞ୍ଚାଇପାରନ୍ତି ନାହିଁ ତେବେ ସାବିତ୍ରୀବ୍ରତ ପାଳନ କରିବାର କାରଣ କ'ଣ ? ପୂର୍ବକାଳରେ ସତୀଦାହ ପରି କୁତ୍ସିତ ପ୍ରଥା ଚାଲିଥିଲା। ଶହଶହ ମହିଳା ସତୀ ହେଉଥିଲେ। ସ୍ୱାମୀ ମଲେ ସ୍ତ୍ରୀମାନେ ସତୀ ହେବାର ପରମ୍ପରା ଥିଲା। ମାତ୍ର ସ୍ତ୍ରୀ ମଲେ ସ୍ୱାମୀମାନେ ସତ୍ୟବାନ ହେବାର ପରମ୍ପରା ନଥିଲା। କ'ଣ ପାଇଁ ଏହି ଭିନ୍ନ ନିୟମ ଥିଲା ? ପୁରୁଷ ପ୍ରଧାନ ସମାଜରେ ଏହି ନିୟମ ଏକପାଖିଆ ନଥିଲାକି ? ଏକ ଧର୍ମ ନିରପେକ୍ଷ ରାଷ୍ଟ୍ରରେ କୌଣସି ଧର୍ମକୁ ସରକାର ପ୍ରୋତ୍ସାହନ ଦେବା ଅନୁଚିତ। ଓଡ଼ିଶାରେ ଯେପରି ସରକାର ଲକ୍ଷ୍ମୀ ପୁରାଣର ପ୍ରସାର କରୁଛନ୍ତି ତାହା ନିନ୍ଦନୀୟ। ଏହା ଏକ ଗୁରୁତର ଭୁଲ୍। ଏହା ଧର୍ମୀୟ ମୌଳବାଦର ଏକ ସାଂସ୍କୃତିକ ରୂପ। ଏହାକୁ ସବୁସ୍ତରରେ ବନ୍ଦ କରାଯିବା ଉଚିତ।

♥ ଭୁବନେଶ୍ୱର
ମୋ: ୯୪୩୭୧୬୪୭୬୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର,୧୯ ଜୁଲାଇ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# କଳି ଯୁଗ ଧାମ-ଶ୍ରୀକ୍ଷେତ୍ର



## ଅକ୍ଷୟ କୁମାର ରାଉତ

ଅତି ପ୍ରାଚୀନ କାଳରୁ ଉତ୍କଳ ଭୂଖଣ୍ଡ ବିଭିନ୍ନ ସମୟରେ ବିଭିନ୍ନ ନାମରେ ପରିଚିତ । ପୁରାତନ ଯୁଗରେ କଳିଙ୍ଗ, ଉତ୍କଳ, କୋଙ୍ଗଦ, ତୋଷାଳୀ, ଓଡ୍ରରାଷ୍ଟ୍ର ଓ ଓଡିଶା ନାମରେ ପ୍ରଚଳିତ । କେହି କେହି ଜଗନ୍ନାଥ ଦେଶ ବୋଲି କହିଥାଆନ୍ତି । ସନାତନ ହିନ୍ଦୁଜଗତରେ ଭାରତର ଚାରି ଦିଗରେ ଚାରି ଧାମ ମଧ୍ୟରୁ ଭଗବାନ ନାରାୟଣ ସତ୍ୟ ଯୁଗରେ ବଦ୍ରିକା ଆଶ୍ରମରେ ତପସ୍ୟା କରି ବଦ୍ରିନାଥ କ୍ଷେତ୍ର ପ୍ରତିଷ୍ଠା କରିଥିଲେ । ତେଣୁ ଏହି କ୍ଷେତ୍ର ତପ ପୀଠରେ ବିଷ୍ଣୁଙ୍କର ସ୍ନାନ ମୂର୍ତ୍ତି । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ରାମେଶ୍ୱରରେ ଶିବ ଓ ବିଷ୍ଣୁଙ୍କର ଯଜ୍ଞ କରି ରାମେଶ୍ୱର କ୍ଷେତ୍ର ପ୍ରତିଷ୍ଠା କରିଥିଲେ । ସତ୍ୟ ପୀଠ ରାମେଶ୍ୱର ହେଉଛି ଶୟନ ମୂର୍ତ୍ତି । ଦ୍ୱାପର ଯୁଗରେ ଲୀଳାମୟ ପ୍ରଭୁ ଶ୍ରୀକୃଷ୍ଣ ସେବାଭାବ ପ୍ରସାର କରି , ଦ୍ୱାରିକା କ୍ଷେତ୍ର ପ୍ରତିଷ୍ଠା କରିଥିଲେ । ପ୍ରେମ ପିଠ ଦ୍ୱାରକାନାଥ ହେଉଛନ୍ତି ବେଶ ମୂର୍ତ୍ତି । କଳି ଯୁଗରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବ୍ରହ୍ମର ପ୍ରତୀକ ଭାବରେ ସ୍ୱୟଂ ପ୍ରକଟ ହୋଇ ଏହି ନାମମୟ ଶ୍ରୀକ୍ଷେତ୍ର ପ୍ରତିଷ୍ଠା କରିଥିଲେ । ନାମ ପୀଠ ହେଉଛି ଶ୍ରୀଜଗନ୍ନାଥ ପିଠ ଯେଉଁଠି ପ୍ରଭୁଙ୍କର ଭୋଜନ ମୂର୍ତ୍ତି । ବଦ୍ରିନାଥ ଭକ୍ତି କ୍ଷେତ୍ର, ରାମେଶ୍ୱର କର୍ମ କ୍ଷେତ୍ର, ଦ୍ୱାରକା ଜ୍ଞାନ କ୍ଷେତ୍ର, ଏବଂ ପୁରୁଷୋତ୍ତମ କ୍ଷେତ୍ର ଭୋଗ କ୍ଷେତ୍ର ଭାବରେ ପ୍ରସିଦ୍ଧ ।

ପୁରୁଷୋତ୍ତମ କ୍ଷେତ୍ର ବିଭିନ୍ନ ସମୟରେ ବିଭିନ୍ନ ନାମ ଧାରଣ କରିଥିଲେ ମଧ୍ୟ ସାଧାରଣତ ପୁରୀ ନାମଟି ବହୁ ଲୋକ ବିଦିତ । ପୁରୁଷୋତ୍ତମକୁ ଅପଭ୍ରଂଶରେ'ପୁରୀଆ' ଏବଂ ପୁରୀଆକୁ ପୁରୀ ବୋଲି କହି ଥାଇ ପାରନ୍ତି । ବ୍ରହ୍ମମୟ ଶ୍ରୀଜଗନ୍ନାଥ ଉଡା, ବୁଡା, ଚଳ, ନିଶ୍ଚଳ ସମସ୍ତ ଜୀବ ଜଗତରେ ବ୍ରହ୍ମ ରୂପେ ପୁରି ରହି ଥିବାରୁ ଏହି ଧାମକୁ ପୁରି ବୋଲି କୁହାଯାଇ ପାରେ ।

ଏହି ଦିବ୍ୟ କ୍ଷେତ୍ରର ବହୁ ନାମ ମଧ୍ୟରୁ ପା ଗୋଟି ନାମ ପ୍ରାଚୀନ ଯଥା- ଅନ୍ତର୍ବେଦୀ, ପୁରୁଷୋତ୍ତମ, ଶଙ୍ଖକ୍ଷେତ୍ର , ନୀଳାଦ୍ରି, ପାଦପୀଠ ବା ଉଡୀୟନ ପୀଠ । ଏହି ପା ନାମ ବ୍ୟତିତ ଆହୁରି ଅନେକ ନାମ ରହିଛି । କିଏ କହେ ଏହି କ୍ଷେତ୍ର ହେଉଛି ମର୍ତ୍ତ୍ୟ ବୈକୁଣ୍ଠ, ପତିତପାବନ କ୍ଷେତ୍ର, ନୃସିଂହ କ୍ଷେତ୍ର, ଶ୍ରୀକ୍ଷେତ୍ର, ଦିବ୍ୟ କ୍ଷେତ୍ର, ଭୌମ କ୍ଷେତ୍ର ଓ ଦଶାବତାର କ୍ଷେତ୍ର ।

ଉପରୋକ୍ତ ନାମ ମଧ୍ୟରୁ ପ୍ରସିଦ୍ଧ ନାମ ହେଉଛି ଶ୍ରୀକ୍ଷେତ୍ର । ସର୍ବ କ୍ଷେତ୍ର ଭିତରେ ଶ୍ରେଷ୍ଠ ବା ସର୍ବ କ୍ଷେତ୍ରର ଆରମ୍ଭ ଓ ଶେଷକୁ ଶ୍ରୀକ୍ଷେତ୍ର ବୋଲି କୁହାଯାଏ । ଲକ୍ଷ୍ମୀଙ୍କର ଏହି କ୍ଷେତ୍ରରେ ଅବସ୍ଥିତ ଯୋଗୁଁ କେହି କେହି ଏହାକୁ ଶ୍ରୀକ୍ଷେତ୍ର ବୋଲି କୁହନ୍ତି । ଯନ୍ତ୍ର ରଜ ବା ଶ୍ରୀଚକ୍ର ଏହି କ୍ଷେତ୍ରରେ ଥିବାରୁ ଶ୍ରୀକ୍ଷେତ୍ର ହୋଇଅଛି ।

ଚାରି ଧାମ ମଧ୍ୟରୁ ତିନି ଧାମର ସଂସ୍ଥାପକ ହେଉଛନ୍ତି ଜଗନ୍ନାଥଙ୍କର ତିନି ରୂପ ନାରାୟଣ, ରାମଚନ୍ଦ୍ର, ଶ୍ରୀକୃଷ୍ଣ । ପୁରୁଷୋତ୍ତମ କ୍ଷେତ୍ରର ସଂସ୍ଥାପକ ହେଉଛନ୍ତି ଚାରି ଜଣ ଋଷି ଯଥା - ଅଙ୍ଗିରସ, ଦଣ୍ଡୁ, ମାର୍କଣ୍ଡେୟ ଏବଂ ଭୃଗୁ । ଜଗନ୍ନାଥଙ୍କ ପ୍ରତିନିଧି ଭାବେ ଶ୍ରୀ ସୁଦର୍ଶନ ଗହ୍ମା ପୂର୍ଣ୍ଣିମା, ରାଧାଷ୍ଟମୀ ଓ କୁମାର ପୂର୍ଣ୍ଣିମା ଏହି ତିନି ଦିନ ଦୋଳ ମଣ୍ଡପ ସାହି ଜହ୍ନି ମୁଣ୍ଡିଆ ଛକସ୍ଥ ଅଙ୍ଗିରସ ଆଶ୍ରମ, ଦକ୍ଷୀଣରେ ଗୌଡବାଡ ସାହିସ୍ଥ ଦଣ୍ଡୁ ଆଶ୍ରମ, ଉର ପୂର୍ବ ଦିଗରେ ମାର୍କେଣ୍ଡେୟ ଆଶ୍ରମ ଏବଂ ବାଲିସାହିର ଭୃଗୁଙ୍କ ଆଶ୍ରମକୁ ଉଁଆସି ଦାଣ୍ଡରେ ଯାଇ ଅଭିବାଦନ ଜଣାଇ ଆସିବାର ବିଧି ରହିଛି ।

ସ୍କନ୍ଦ ପୁରାଣରେ କଥିତ ଅଛି ଯେ ଏହି କ୍ଷେତ୍ର ମହା ପ୍ରଳୟରୁ ମୁକ୍ତ । ଏହି ଶ୍ରୀକ୍ଷେତ୍ର ଭଗବାନ ପୁରୁଷୋତ୍ତମଙ୍କର ଶରୀର ସଦୃଶ । ଏହି କ୍ଷେତ୍ରରେ କ୍ଷେତ୍ର ଓ କ୍ଷେତ୍ରାଧିପତି ଅଭିନ୍ନ । ତେଣୁ ଏହି କ୍ଷେତ୍ର ଦେବଲୋକ, ନାଗଲୋକ, ମର୍ତ୍ତ୍ୟଲୋକ ଓ ସମସ୍ତ ଜୀବଜଗତ ପାଇଁ ଦୁର୍ଲଭ ଓ ମୋକ୍ଷପ୍ରଦ । ଜଗତରେ ଏହି କ୍ଷେତ୍ର ଗୁପ୍ତ କ୍ଷେତ୍ର ଓ ଦୁର୍ଲ୍ଲଭ କ୍ଷେତ୍ର । ଏହି କ୍ଷେତ୍ରରେ ଯମରାଜାଙ୍କର କୌଣସି କର୍ତ୍ତୃତ୍ୱ ନଥାଏ । ଏଠାରେ ପ୍ରାଣି । ପ୍ରାଣତ୍ୟାଗ କଲେ ମୋକ୍ଷ ପ୍ରାପ୍ତ ହୋଇଥାଏ । ଗଙ୍ଗାଙ୍କର ଜଳ ମୁକ୍ତି ଦାୟକ, ବାରଣାସୀର ଜଳ, ସ୍ଥଳ ମୁକ୍ତି ପ୍ରଦାୟକ ମାତ୍ର ପରୁଷୋତ୍ତମ କ୍ଷେତ୍ରର ଜଳ, ସ୍ଥଳ, ଆକାଶ ମୋକ୍ଷ ଦାୟକ ।

ବିଭିନ୍ନ ଶାସ୍ତ୍ର, ପୁରାଣରେ ଏହି କ୍ଷେତ୍ର ମହିମାମୟ । ଏଠାରେ ସବୁ ବଡ, ବଡ ଦାଣ୍ଡ, ବଡ ଠାକୁର, ବଡଦେଉଳ, ବଡ ପଣ୍ଡା, ବଡ ଧଣ୍ଡା, ବଡ ବାନା, ପ୍ରସାଦ ଭିତରେ ମହାପ୍ରସାଦ, ସମୁଦ୍ର ମଧ୍ୟରେ ମହୋଦଧି ଓ ଶ୍ମଶାନ ଭିତରେ ସ୍ୱର୍ଗଦ୍ୱାର ଏହି କ୍ଷେତ୍ରର ଶ୍ରେଷ୍ଠତ୍ୱ ପ୍ରତିପାଦନ କରୁଅଛି । କଥାରେ ଅଛି ଦ୍ୱାରକାର କଙ୍କଣ ଜଗନ୍ନାଥଙ୍କ ଠାରେ ଓ ବଦ୍ରି ନାଥର ଜଳ ରାମେଶ୍ୱରେ ଚଢାଇଲେ ତୀର୍ଥଯାତ୍ରା ସଂପୂର୍ଣ୍ଣ ହୁଏ ।

ଦର୍ଶନାର୍ଥୀମାନେ ଶ୍ରୀମନ୍ଦିରକୁ ଆସିଲେ ବେଢା ମଧ୍ୟରେ ଥିବା ବିଭିନ୍ନ ଦେବାଦେବୀଙ୍କୁ ଦର୍ଶନ କରି ରତ୍ନ ସିଂହାସନ ରେ ଥିବା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଯେଉଁ ଦ୍ୱାର ସୁବିଧା ସେହି ଦ୍ୱାର ଦେଇ ଫେରିଥାଆନ୍ତି,କିନ୍ତୁ ଦର୍ଶନ ପାଇଁ ପ୍ରକୃତ ବିଧାନ ହେଉଛି ସିଂହ ଦ୍ୱାର ଦେଇ ପ୍ରବେଶ କରି ପୂର୍ବ ଦିଗରୁ ଅଗ୍ନିଶ୍ୱରଙ୍କ ଠାରୁ ପରିକ୍ରମା ଆରମ୍ଭ କରି ଉର ଦିଗସ୍ଥ ପାତାଳେଶ୍ୱରଙ୍କ ଠାରେ ଦର୍ଶନ ଶେଷ କରି ଉର ବିଜେଦ୍ୱାର ଦେଇ ଜଗମୋହନକୁ ଆସି ଗରୁଡଙ୍କୁ ପରିକ୍ରମା ପରେ ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଅନ୍ତେ ପୁନର୍ବାର ଗରୁଡ ପରିକ୍ରମା କରି, ସେହି ଉର ବିଜେଦ୍ୱାର ଦେଇ କୂର୍ମ ବେଢାର ଐଶାନ୍ୟ କୋଣରେ ଠିଆହୋଇ ମହାଲକ୍ଷ୍ମୀ, ସତ୍ୟନାରାୟଣ ଏବଂ ନୀଳଚକ୍ରକୁ ଏକ ସମୟରେ ଦର୍ଶନ ସାରି, ଆନନ୍ଦ ବଜାରରେ ପ୍ରବେଶ ସହ ମହାପ୍ରସାଦ ସେବନ କରି ପୂର୍ବ ଦ୍ୱାର ଦେଇ ଫେରିବା ଆବଶ୍ୟକ । ପରିକ୍ରମାର ଅନେକ ବିଧାନ ରହିଛି ସେଗୁଡିକ ହେଲା ଗୃଢ ପରିକ୍ରମା, କୂର୍ମ ବେଢା ପରିକ୍ରମା, କଳ୍ପକୂଟ ପରିକ୍ରମା, ବାହାର ବେଢା ପରିକ୍ରମା, ପଂକୋଶୀ ପରିକ୍ରମା । ସିଂହାସନ ଠାରୁ ଚାରିହାତ ବ୍ୟବଧାନରେ ବଳଦେବଙ୍କ ଠାରୁ ବିଗ୍ରହ ମାନଙ୍କୁ ନିଜର ଦକ୍ଷିଣରେ ରଖି ଜଗନ୍ନାଥଙ୍କ ନିକଟ ଦେଇ ପୁନର୍ବାର ବଳଦେବଙ୍କ ପାଖକୁ ଫେରି ଆସିବାକୁ ଗୃଢ ପରିକ୍ରାମା କୁହାଯାଏ । ପୂର୍ବ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ଅଗ୍ନିଶ୍ୱର ମନ୍ଦିର ଠାରୁ ବେଢା ଦର୍ଶନ ଅରମ୍ଭ ତଥା ଶ୍ରୀମନ୍ଦିରକୁ ନିଜର ଦକ୍ଷିଣ ପଟରେ ରଖି ପରିକ୍ରମା ସାରି ପତାଳେଶ୍ୱରଙ୍କ ଠାରେ ଶେଷ ଏବଂ ଆନନ୍ଦ ବଜାରରେ ପ୍ରବେଶ କରି ବାଇଶି ପାହାଚକୁ ଯିବାକୁ କୂର୍ମ ବେଢା ପରିକ୍ରମା କୁହାଯାଏ । ଅନନ୍ତ ପୁରୁଷୋତ୍ତମଙ୍କ ଠାରୁ ପରିକ୍ରମା ଆରମ୍ଭ କରି ମାର୍କଣ୍ଡେୟ ପାଦୁକା, ଗଣପତି ମଙ୍ଗଳା, କଳ୍ପବୃକ୍ଷ ଦେଇ ରୋହିଣି କୁଣ୍ଡଠାରେ ଶେଷ କରିବାକୁ କଳ୍ପ କୂଟ ପରିକ୍ରମା କୁହାଯାଏ । ସିଂହଦ୍ୱାର ଠାରୁ ପେଜନଳା, ଦୁର୍ଗା ମାଧବ ଓ ଭଗବତୀଙ୍କ ମନ୍ଦିର ଅତିକ୍ରମ କରି ପୁନର୍ବାର ସିଂହଦ୍ୱାର ପର୍ଯ୍ୟନ୍ତ ଫେରିବାକୁ ବାହାର ବେଢା ପରିକ୍ରମା କୁହାଯାଏ । ମାର୍ଗଶୀର କୃଷ୍ଣପମୀ ତିଥିରେ ଶଙ୍ଖକ୍ଷେତ୍ର ପରିକ୍ରମା କରାଯାଏ । ସିଂହଦ୍ୱାର ଠାରୁ ସ୍ୱର୍ଗଦ୍ୱାର, ସ୍ୱର୍ଗଦ୍ୱାରରୁ ଶ୍ରୀଲୋକନାଥ, ଶ୍ରୀଲୋକନାଥଙ୍କ ଠାରୁ ଯମେଶ୍ୱର, ଯମେଶ୍ୱରଙ୍କ ଠାରୁ ମଙ୍ଗଳାଘାଟ ଦେଇ ଅମଲାଚଣ୍ଡୀ ଏବଂ ଅଠରନଳା ଦେଇ ବାଲି ଗୁଆଳୀ ବାଟରେ ବିଲ୍ଲେଶ୍ୱର, ବିଲ୍ଲେଶ୍ୱରଙ୍କ ଠାରୁ ଚକ୍ର ତୀର୍ଥ ଦେଇ ସ୍ୱର୍ଗଦ୍ୱାର, ପୁନର୍ବାର ମନ୍ଦିରର ସିଂହ ଦ୍ୱାରକୁ ଫେରିବାକୁ ପଂକୋଶୀ ପରିକ୍ରମା କୁହାଯାଏ ।

ଶ୍ରୀମନ୍ଦିରର ଚତୁର୍ଦ୍ଦିଗରେ ଦୁଇ ଗୋଟି ପ୍ରାଚୀର ଘେରି ରହିଅଛି । ଗୋଟିଏ ହେଉଛି ଭିତର ବେଢା ବା କୂର୍ମ ପ୍ରାଚୀର, ଅନ୍ୟଟି ହେଉଛି ବାହାର ପ୍ରାଚୀର ବା ମେଘନାଦ ପ୍ରାଚୀର । ବଡଦେଉଳ ଚାରି ପାଖକୁ ବେଢି ଯେଉଁ ବିରାଟ ପ୍ରାଚୀର ରହିଛ, ତାର ନାମ କୂର୍ମ ପ୍ରାଚୀର, କୂର୍ମ ପ୍ରାଚୀର ଓ ମୁଖ୍ୟ ମନ୍ଦିର ମଧ୍ୟବର୍ତ୍ତୀ ସ୍ଥାନକୁ ଭିତର ବେଢା କୁହାଯାଏ । ଏହି ପ୍ରାଚେରୀର ଛଅଟା ଦ୍ୱାର ଅଛି। ମେଘନାଦ ପ୍ରାଚୀର ଓ କୂର୍ମ ପ୍ରାଚୀରର ମଧ୍ୟବର୍ତ୍ତୀ ସ୍ଥାନକୁ ବାହାର ବେଢା କୁହାଯାଏ । ମେଘନାଦ ପାଚେରୀର ଚାରି ଦ୍ୱାର ରହିଛି । ମେଘନାଦ ପାଚେରୀ ଓ କୂର୍ମ ପାଚେରୀ ଭିତରେ ଦୂରତା ପ୍ରାୟ ଦେଢଶହ ପୁଟ । କୂର୍ମ ପାଚେରୀ ଠାରୁ ଦେଉଳର ସୀମା ଭତରର ଦୂରତା ପ୍ରାୟ ଏକଶହ ପୁଟ । ଚାରି ଆଡେ ଏହି ଦୂରତା ସମାନ ନଥିଲେ ମଧ୍ୟ ପ୍ରଭେଦ ବେଶୀ ନୁହେଁ ।

କିମ୍ବଦନ୍ତି ଅନୁଯାୟୀ ସାଗର ରାଜା ଲକ୍ଷ୍ମୀଙ୍କର ପିତା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଦୈନିକ ଆସନ୍ତି । ସାଗର ତାର ତଟ ଅତିକ୍ରମ କରିବାରୁ ଲୋକମାନେ କ୍ଷତିରେ ପଡନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁ ଭକ୍ତଙ୍କର ରକ୍ଷା ନିମନ୍ତେ ବରୁଣଙ୍କୁ ଆଦେଶ ଦେଲେ ତୁମେ ମୋର ମନ୍ଦିରକୁ ପଶିବ ନାହିଁ, ତୁମର ନାମରେ ମୋର ଏହି ମେଘନାଦ ପ୍ରାଚୀର ! ଏହା ଭିତରକୁ ତୁମର ଶବ୍ଦ ଶୁଭିବ ନାହିଁ । ବରୁଣ ରାଜାଙ୍କୁ ଦର୍ଶନ ଦେବା ନିମନ୍ତେ ପ୍ରତି ଅମାବାସ୍ୟା ଦିନ ଶ୍ରୀଜଗନ୍ନାଥ ସମୁଦ୍ର ତଟକୁ ଯାଆନ୍ତି । ଶ୍ରୀଜଗନ୍ନାଥ ବରୁଣଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ନିଜେ ଅମାବାସ୍ୟା ଦିନ ଉଁଆସ ଦାଣ୍ଡ ଦେଇ ସମୁଦ୍ର ତଟକୁ ପୂଜା ପାଇବା ନିମନ୍ତେ ବିଜେ କରିଥାଆନ୍ତି ।


ମେଘନାଦ ପ୍ରାଚୀର ଦେହରେ ଯେଉଁ ଚାରି ଦିଗକୁ ଚାରି ଦ୍ୱାର ରହିଛି । ସେଗୁଡିକ ହେଲେ ପୂର୍ବ ଦ୍ୱାର ବା ସିଂହଦ୍ୱାର, ଦକ୍ଷିଣ ଦ୍ୱାରକୁ ଅରିଦ୍ୱାର, ପଶ୍ଚିମ ଦ୍ୱାରକୁ ବ୍ୟାଘ୍ରଦ୍ୱାର ଏବଂ ଉର ଦ୍ୱାରକୁ ହସ୍ତୀ ଦ୍ୱାର କୁହାଯଏ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶେଷ ସେବା ପୂଜା ନିମି ଶ୍ରୀମନ୍ଦିରର ଉଭୟ ଭିତର ବେଢା, ବାହାର ବେଢା ଓ ଶ୍ରୀମନ୍ଦିର ମେଘନାଦ ପ୍ରାଚୀର ବାହାରେ ଠାକୁରଙ୍କ ଯାନି ଯାତ୍ରା ପାଇଁ ଅନେକ ମଣ୍ଡପ ରହିଛି । ଶ୍ରୀମନ୍ଦିର ଓ ଅନ୍ୟାନ ସ୍ଥାନରେ ପ୍ରତିଷ୍ଠିତ ଏହି ମଣ୍ଡପ ଗୁଡିକ ମଧ୍ୟରେ ରତ୍ନ ମଣ୍ଡପ, ଦେବସଭା ମଣ୍ଡପ, ସ୍ନାନ ମଣ୍ଡପ, ଆଡପ ମଣ୍ଡପ, ମଣି ମଣ୍ଡପ, ନିର୍ମାଲ୍ୟ ମଣ୍ଡପ, ଖର୍ହିକଟା ମଣ୍ଡପ, ଅଚିନ୍ତା ମଣ୍ଡପ, ଜଳକ୍ରୀଡା ମଣ୍ଡପ, ଦୋଳ ମଣ୍ଡପ, ଭୋଗ ମଣ୍ଡପ, ନାଟ ମଣ୍ଡପ, ରାହାସ ମଣ୍ଡପ, ବକୁଳ ମଣ୍ଡପ, ବୈକୁଣ୍ଠ ମଣ୍ଡପ, ଯଜ୍ଞ ମଣ୍ଡପ, ପ୍ରସାଦ ମଣ୍ଡପ , ମୁକ୍ତି ମଣ୍ଡପ ଇତ୍ୟାଦି ଅନ୍ୟତମ ।

ସର୍ବ ଅତ୍ମା ଭିତରେ ଶ୍ରୀଜଗନ୍ନାଥ ବିଦ୍ୟମାନ । ସେ ନିର୍ଗୁଣ, ଅଚିନ୍ତ, ଅଚଳ, ନିରାକାର ସର୍ବବ୍ୟାପୀ ବ୍ରହ୍ମ, ତାଙ୍କର ରହସ୍ୟ କିଏବା ବୁଝିବ ।

♥ ପାରାଦ୍ୱୀପଗଡ, କୁଜଙ୍ଗ
ଜଗତସିଂହପୁର
ମୋ.ନଂ -୯୯୩୭୬୯୧୪୭୫

ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# କରୁଣାର କାରିଗର : ପ୍ରଫେସର ଡାକ୍ତର ବିଦ୍ୟୁତ କୁମାର ଦାସ



## ଡ. ଗୋଲକ ବିହାରୀ ଆଚାର୍ଯ୍ୟ



ଯେଉଁ ଯୁଗରେ ଚିକିତ୍ସା ବୃତ୍ତିକୁ ପ୍ରାୟତଃ ବାଣିଜ୍ୟିକ ଦୃଷ୍ଟିକୋଣରୁ ଦେଖାଯାଉଛି, ସେଭଳି ସମୟରେ କେତେକ ବିରଳ ବ୍ୟକ୍ତିତ୍ୱ ଏହି ପବିତ୍ର ପେଶାକୁ ତାର ସର୍ବଶ୍ରେଷ୍ଠ, ସବୁଠାରୁ ମହାନ ଆଦର୍ଶରେ ପୁନଃ-ପ୍ରତିଷ୍ଠିତ କରନ୍ତି । କଟକର ଅନନ୍ୟ, ଐତିହାସିକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜି ବିଭାଗର ପ୍ରତିଷ୍ଠାତା ମୁଖ୍ୟ ପ୍ରଫେସର ଡାକ୍ତର ବିଦ୍ୟୁତ କୁମାର ଦାସ ଏହାର ଏକ ଜାଜ୍ୱଲ୍ୟମାନ ଉଦାହରଣ । ନିଜର ଅତୁଳନୀୟ ଚିକିତ୍ସା ନୈପୁଣ୍ୟ, ସମ୍ପୂର୍ଣ୍ଣ ଆର୍ଥିକ ନିର୍ଲିପ୍ତତା ଏବଂ ବଞ୍ଚିତ ଜନସାଧାରଣଙ୍କ ପ୍ରତି ଥିବା ପ୍ରବଳ ପ୍ରତିବଦ୍ଧତା ମାଧ୍ୟମରେ ଡାକ୍ତର ଦାସ ଏଭଳି ଏକ କୀର୍ତ୍ତି ସ୍ଥାପନ କରିଛନ୍ତି, ଯାହା ଜଣେ ପ୍ରକୃତ ଆରୋଗ୍ୟଦାତାର ସଂଜ୍ଞାକୁ ପୁନଃ-ନିର୍ଦ୍ଧାରିତ କରେ ।

**ପ୍ରଭୁତ୍ୱ ଉପରେ ପ୍ରତିଶ୍ରୁତି: ସେବା ଓ ସମର୍ପଣର ପରମ୍ପରା**

ପ୍ରକୃତ ଚରିତ୍ରର ପରିଚୟ ପ୍ରାୟତଃ ସେହି ପଥରୁ ମିଳିଥାଏ, ଯାହାକୁ ମଣିଷ ସ୍ୱେଚ୍ଛାପୂର୍ବକ ପରିତ୍ୟାଗ କରେ । ଏକ ପ୍ରଭାବଶାଳୀ ପ୍ରଶାସନିକ ଓ ଅମଲାତନ୍ତ୍ରର ବଂଶରେ ଜନ୍ମଗ୍ରହଣ କରିଥିବା ଡାକ୍ତର ଦାସଙ୍କ ସମ୍ମୁଖରେ ପାରମ୍ପରିକ କ୍ଷମତା, ଶାସନ ଏବଂ ପ୍ରଭୁତ୍ୱର ଅନେକ ପଥ ଉନ୍ମୁକ୍ତ ଥିଲା । ତଥାପି, ସେ ପ୍ରାରମ୍ଭିକ ପର୍ଯ୍ୟାୟରୁ ହିଁ ଉପଲବ୍ଧି କରିଥିଲେ ଯେ ଶ୍ରେଷ୍ଠ ନେତୃତ୍ୱ ମଣିଷ ଉପରେ ଶାସନ କରିବାରେ ନାହିଁ, ବରଂ ସେମାନଙ୍କ ସେବା କରିବାରେ ନିହିତ ।

ପ୍ରଶାସନିକ ପ୍ରତିପତ୍ତିକୁ ପ୍ରତ୍ୟାଖ୍ୟାନ କରି, ସେ ଚିକିତ୍ସା କ୍ଷେତ୍ରକୁ ଆପଣେଇଲେ—ଯାହା ଥିଲା ମାନବ ଜାତିର ମୌଳିକ ସ୍ଥିତି ଓ କଲ୍ୟାଣ ପାଇଁ ନିଜର ମନ ଓ ମାନସକୁ ସମର୍ପିତ କରିବାର ଏକ ସଚେତନ ସଂକଳ୍ପ । ମାନବ ସେବାର ଏହି ମୂଳ ଦର୍ଶନ ତାଙ୍କ ସମଗ୍ର ଜୀବନର ଦିଗବାରେଣୀ ସାଜିଲା ଏବଂ ତାଙ୍କର ବୃତ୍ତିଗତ ଯାତ୍ରାକୁ ଏକ ଆଜୀବନ ମିଶନରେ ରୂପାନ୍ତରିତ କଲା ।

**ଜ୍ଞାନର ଜୈତ୍ରଯାତ୍ରା ଓ ଚିକିତ୍ସାର ଚରମ ଶୀର୍ଷ**

ଜଣେ ଚିକିତ୍ସକଙ୍କ କରୁଣା କେବଳ ସେତିକିବେଳେ ପ୍ରଭାବଶାଳୀ ହୁଏ, ଯେତେବେଳେ ତାହା ଗଭୀର ଜ୍ଞାନ ଦ୍ୱାରା ସମୃଦ୍ଧ ହୋଇଥାଏ । ଡାକ୍ତର ଦାସ ନିରନ୍ତର ଭାବେ ନିଜ ବିଶେଷଜ୍ଞତାର ଚରମ ଶୀର୍ଷକୁ ପ୍ରତିପାଦିତ କରିଛନ୍ତି । ଏସସିବି ଭେଷଜ ମହାବିଦ୍ୟାଳୟରୁ ନିଜ ବ୍ୟାଚ୍‌ର ସର୍ବଶ୍ରେଷ୍ଠ ଛାତ୍ର ଭାବେ ଉତ୍ତୀର୍ଣ୍ଣ ହେବା ପରେ, ସେ ଇମ୍ୟୁନୋଲୋଜି (ପ୍ରତିରକ୍ଷା ବିଜ୍ଞାନ)ର ଆଧୁନିକ ଦିଗନ୍ତଗୁଡ଼ିକୁ ବେଶ୍ ଆଗ୍ରହର ସହ ଅନୁଧ୍ୟାନ କରିଥିଲେ । ରୋଗ ପ୍ରତିରୋଧକ ପଥ (immunological pathways) ଉପରେ ତାଙ୍କର ପିଏଚଡି ଗବେଷଣା ଏବଂ ଜଟିଳ ଅଟୋଇମ୍ୟୁନ ସମସ୍ୟା—ଯେପରିକି ସିଷ୍ଟେମିକ୍ ଲୁପସ ଏରିଥେମାଟୋସସ (SLE) ଏବଂ ରୁମାଟଏଡ୍ ଆର୍ଥ୍ରାଇଟିସ (ଗଣ୍ଠିବାତ) ଉପରେ ତାଙ୍କର ବ୍ୟାପକ କାର୍ଯ୍ୟ, ତାଙ୍କୁ ଜଣେ ଅସାଧାରଣ ରୋଗ ନିରୂପଣ ଦୂରଦୃଷ୍ଟିସମ୍ପନ୍ନ ଚିକିତ୍ସକ ଭାବେ ପ୍ରତିଷ୍ଠିତ କରିଛି ।

ଚାରି ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତା ଥାଇ ମଧ୍ୟ, ସେ ଆଜି ବି ରାଜ୍ୟର ସବୁଠାରୁ ଅତ୍ୟାଧୁନିକ ତଥ୍ୟ ସମୃଦ୍ଧ ଚିକିତ୍ସକ ଭାବେ ନିଃସନ୍ଦେହରେ ଗଣ୍ୟ । ସେ ଜଟିଳ ପରୀକ୍ଷାଗାର ବିଜ୍ଞାନ ଏବଂ ଦୈନନ୍ଦିନ ଚିକିତ୍ସା ପଦ୍ଧତି ମଧ୍ୟରେ ଥିବା ଦୂରତାକୁ ସଫଳତାର ସହ ଦୂର କରିଛନ୍ତି, ଆନ୍ତର୍ଜାତୀୟ ଚିକିତ୍ସା ଶୈଳୀକୁ ଗ୍ରହଣ କରିଛନ୍ତି ଏବଂ ଦୂରଦୂରାନ୍ତର ଗ୍ରାମୀଣ ଅଞ୍ଚଳର ରୋଗୀମାନଙ୍କୁ ସୁରକ୍ଷିତ ଭାବେ ସେବା ଯୋଗାଇବା ପାଇଁ ଯୁଗାନ୍ତକାରୀ 'ଟେଲିରୁମାଟୋଲୋଜି' (Tele-Rheumatology) ବ୍ୟବସ୍ଥାର ପ୍ରାରମ୍ଭ କରିଛନ୍ତି ।

**ବିପ୍ଳବୀ ବିତୃଷ୍ଣା: ବ୍ୟକ୍ତିଗତ ଚିକିତ୍ସାରୁ ବିରତି**

ଯଦିଓ ରୁମାଟୋଲୋଜି ଭଳି ଅତି-ବିଶେଷଜ୍ଞତା ସୁଦୀର୍ଘ ଆର୍ଥିକ ସମୃଦ୍ଧିର ପ୍ରଚୁର ସୁଯୋଗ ଆଣିଦିଏ, ଡାକ୍ତର ଦାସ ଏକ କିମ୍ବଦନ୍ତୀ ସଦୃଶ, ଅପରିବର୍ତ୍ତନୀୟ ଆଦର୍ଶ ରକ୍ଷା କରିଛନ୍ତି: ସେ କେବେହେଲେ ବ୍ୟକ୍ତିଗତ ଚିକିତ୍ସା (Private Practice)ରେ ଲିପ୍ତ ହୋଇନାହାନ୍ତି । ଯେଉଁ ଦୁନିଆରେ ଚିକିତ୍ସା ପ୍ରତିଭାକୁ କର୍ପୋରେଟ୍ ହସପିଟାଲ୍ ଶୃଙ୍ଖଳାଗୁଡ଼ିକ ସହଜରେ କିଣି ନିଅନ୍ତି, ସେଠାରେ ସେ ବାଣିଜ୍ୟିକ ସ୍ୱାସ୍ଥ୍ୟସେବା ପାଇଁ ନିଜର ଦ୍ୱାର ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛନ୍ତି, ଏବଂ କେବଳ ସାର୍ବଜନୀନ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ମାଧ୍ୟମରେ ହିଁ ସମସ୍ତଙ୍କ ପାଇଁ ଉପଲବ୍ଧ ରହିଛନ୍ତି।

ଏସସିବି ଭେଷଜ ମହାବିଦ୍ୟାଳୟରେ ତାଙ୍କର ଦୈନନ୍ଦିନ କାର୍ଯ୍ୟସୂଚୀ ହେଉଛି ସହାନୁଭୂତିର ଏକ ଶ୍ରେଷ୍ଠ ନିଦର୍ଶନ । ସରକାରୀ ସମୟସୀମା ଶେଷ ହେବାର ବହୁ ସମୟ ପରେ ମଧ୍ୟ ତାଙ୍କ କ୍ଲିନିକର ଆଲୋକ ଜଳୁଥାଏ । ସେ ନିୟମିତ ଭାବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ୱାର୍ଡରେ ରହନ୍ତି, ଏବଂ ଧାଡ଼ିରେ ଠିଆ ହୋଇଥିବା ଶେଷ ରୋଗୀଟିର ସମ୍ପୂର୍ଣ୍ଣ ପରୀକ୍ଷା, ତାର ସମସ୍ୟାର ଶ୍ରବଣ ଏବଂ ଚିକିତ୍ସା ନହେବା ପର୍ଯ୍ୟନ୍ତ ସେ ସେଠାରୁ ପ୍ରସ୍ଥାନ କରନ୍ତି ନାହିଁ । ଡାକ୍ତର ଦାସଙ୍କ ପାଇଁ ଏକ ଦୀର୍ଘ ଧାଡ଼ି କ୍ଲାନ୍ତିର କାରଣ ନୁହେଁ, ବରଂ ଏକ ଗଭୀର ମାନବୀୟ ଦାୟିତ୍ୱ ।

**ଶ୍ରଦ୍ଧେୟ ଶିକ୍ଷକ ଓ ସୁଯୋଗ୍ୟ ସାରଥି**

ଜଣେ ଆରୋଗ୍ୟଦାତା ଭାବେ ନିଜର ଭୂମିକା ବ୍ୟତୀତ, ଡାକ୍ତର ଦାସ ଜଣେ ଅସାଧାରଣ ନିଷ୍ଠାପର ଶିକ୍ଷାବିତ୍ ଭାବେ ଆଦୃତ। ଭାରତରେ ବିଶେଷଜ୍ଞ ରୁମାଟୋଲୋଜିଷ୍ଟଙ୍କର ଘୋର ଅଭାବ ରହିଛି ବୋଲି ଉପଲବ୍ଧି କରି, ସେ ଏସସିବି ମେଡିକାଲ କଲେଜକୁ ଏକ ପ୍ରମୁଖ ଶିକ୍ଷା କେନ୍ଦ୍ରରେ ପରିଣତ କରିବା ପାଇଁ ବର୍ଷ ବର୍ଷ ଉତ୍ସର୍ଗ କରିଛନ୍ତି । ତାଙ୍କରି ନେତୃତ୍ୱରେ, ଏହି ଅନୁଷ୍ଠାନ ପୂର୍ବ ଭାରତର ପ୍ରଥମ ସରକାରୀ ଚିକିତ୍ସାଳୟ ଭାବେ କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜିରେ ଉଚ୍ଚତର Dr.NB ସୁପର-ସ୍ପେସିଆଲିଟି ପ୍ରଶିକ୍ଷଣ ପ୍ରଦାନ କରିବାର ଗୌରବ ଅର୍ଜନ କଲା ।

ଡଜନ ଡଜନ ସ୍ନାତକୋତ୍ତର ଓ ପୋଷ୍ଟ-ଡକ୍ଟରାଲ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇ, ସେ ସେମାନଙ୍କୁ ଶିକ୍ଷା ଦିଅନ୍ତି ଯେ ଜଣେ ରୋଗୀ ହେଉଛନ୍ତି ବୁଝିବା ପାଇଁ ଏକ ମାନବୀୟ ସ୍ଥିତି, କେବଳ ଡିକୋଡ୍ କରିବା ପାଇଁ କିଛି ଲାବୋରେଟୋରୀ ରିପୋର୍ଟ ନୁହେଁ । ସେ ନିଜର ସବୁଠାରୁ ଦୁର୍ଲଭ ସମ୍ବଳ—ନିଜର ବ୍ୟକ୍ତିଗତ ସମୟ—ନିଜର ପ୍ରଶିକ୍ଷାର୍ଥୀମାନଙ୍କୁ ଦିଅନ୍ତି, ଯଦ୍ଦ୍ୱାରା ଆଗାମୀ ପିଢ଼ି ତାଙ୍କର ବୈଷୟିକ ଦକ୍ଷତା ସହ ଚିକିତ୍ସାଗତ ନୈତିକତାକୁ ମଧ୍ୟ ଉତ୍ତରାଧିକାର ସୂତ୍ରରେ ଗ୍ରହଣ କରିପାରିବେ ।

**ମାନବୀୟ ମହତ୍ତ୍ୱ ଓ ମାର୍ମିକ ମୁକ୍ତିଦାତା**

ଭେଷଜ ସାହିତ୍ୟ ପ୍ରାୟତଃ ଚିକିତ୍ସାଗତ ନିରପେକ୍ଷତା (clinical objectivity) ବିଷୟରେ କହିଥାଏ, କିନ୍ତୁ ଡାକ୍ତର ଦାସ ତୀକ୍ଷ୍ଣ ରୋଗ ନିରୂପଣ ସଠିକତା ସହିତ ଗଭୀର, ଅନ୍ତର୍ନିହିତ ମାନବିକତାର ସମନ୍ୱୟ ଘଟାନ୍ତି । ଅଟୋଇମ୍ୟୁନ ସମସ୍ୟାଗୁଡ଼ିକ ଅତ୍ୟନ୍ତ ଅପ୍ରତ୍ୟାଶିତ, ଯନ୍ତ୍ରଣାଦାୟକ ଏବଂ ପରିବାରଗୁଡ଼ିକ ପାଇଁ ଆର୍ଥିକ ଦୃଷ୍ଟିରୁ ଶୋଷଣକାରୀ ହୋଇଥାଏ । ଡାକ୍ତର ଦାସ ଏହି କେସ୍‌ଗୁଡ଼ିକୁ ଏକ କୋମଳ, ମୃଦୁଭାଷୀ ଆଭିମୁଖ୍ୟ ସହିତ ଗ୍ରହଣ କରନ୍ତି, ଯାହା ରୋଗୀର ଉଦ୍‌ବେଗକୁ ତତ୍‌କ୍ଷଣାତ ପ୍ରଶମିତ କରିଦିଏ ।

ପ୍ରାନ୍ତୀୟ ଗ୍ରାମଗୁଡ଼ିକରୁ ଶହ ଶହ ମାଇଲ୍ ଯାତ୍ରା କରି ଆସିଥିବା ରୋଗୀମାନଙ୍କର ଇତିହାସ ଶୁଣିବା ପାଇଁ ସେ ସମୟ ନିଅନ୍ତି, ସେମାନଙ୍କର ଆର୍ଥିକ ପ୍ରତିବନ୍ଧକକୁ ବୁଝନ୍ତି ଏବଂ ସେମାନଙ୍କୁ ଆର୍ଥିକ ସର୍ବସ୍ୱାନ୍ତରୁ ରକ୍ଷା କରୁଥିବା ଚିକିତ୍ସା ପଦ୍ଧତି ପ୍ରସ୍ତୁତ କରନ୍ତି । ତାଙ୍କର କାର୍ଯ୍ୟ ପ୍ରମାଣ କରେ ଯେ ଜଣେ ଚିକିତ୍ସକଙ୍କ ପାଖରେ ଥିବା ସବୁଠାରୁ ଶକ୍ତିଶାଳୀ ଉପକରଣ ହେଉଛି ଏକ ଧୈର୍ଯ୍ୟବାନ ଶ୍ରବଣେନ୍ଦ୍ରିୟ ।

**ଅପରିହାର୍ଯ୍ୟ ଅବଦାନ: ଅବସର ପରେ ବି ଅବିରତ ସେବା**

ଜଣେ ବ୍ୟକ୍ତିର ପ୍ରକୃତ ମୂଲ୍ୟର ସର୍ବଶ୍ରେଷ୍ଠ ପ୍ରମାଣ ହେଉଛି, ଏକ ବ୍ୟବସ୍ଥା ତାଙ୍କୁ ନିଜ ପାଖରେ ରଖିବା ପାଇଁ କେତେ ବ୍ୟାକୁଳ ଭାବେ ଚେଷ୍ଟା କରେ ।

ସେବାନିବୃତ୍ତିର ବୟସ ସୀମାରେ ପହଞ୍ଚିବା ପରେ, ସାର୍ବଜନୀନ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ପାଇଁ ଡାକ୍ତର ଦାସଙ୍କ ଉପସ୍ଥିତି ଏତେ ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ ମନେହେଲା ଯେ, ସରକାର ଏକ ଅସାଧାରଣ ପଦକ୍ଷେପ ଗ୍ରହଣ କଲେ: ତାଙ୍କର ସକ୍ରିୟ ସେବାକାଳକୁ ଆଉ ଚାରି ବର୍ଷ ପାଇଁ ବୃଦ୍ଧି କରାଗଲା । ଏହି ବିରଳ ସେବା ସମ୍ପ୍ରସାରଣ କୌଣସି ପ୍ରଶାସନିକ କାଗଜପତ୍ର କାମ ପାଇଁ ଦିଆଯାଇନଥିଲା, ବରଂ ବିଶେଷ ଭାବେ ଓଡ଼ିଶାର ସବୁଠାରୁ ଗରିବ, ସବୁଠାରୁ ଅସହାୟ ରୋଗୀମାନେ ଯେପରି ସେମାନଙ୍କର ପ୍ରଧାନ ଆଶ୍ରୟ ଓ ଆରୋଗ୍ୟଦାତାଙ୍କୁ ନ ହରାନ୍ତି, ତାହା ନିଶ୍ଚିତ କରିବା ପାଇଁ ଦିଆଯାଇଥିଲା ।

**ନିଷ୍କାମ ନିଷ୍ଠାର ନିରନ୍ତର ନିଦର୍ଶନ**

ଆର୍ଥିକ ଲାଭ ପାଇଁ ନିଜ ନୀତି ସହିତ କଦାପି ସାଲିସ୍ ନକରି, ଡାକ୍ତର ଦାସ ଜାତୀୟ ସ୍ତରରେ ଏକ ବିପୁଳ ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ତାଙ୍କ ଜୀବନ ଚିକିତ୍ସା ସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗଚିତ୍ର ଉପସ୍ଥାପନ କରେ: ଏହା ଦର୍ଶାଏ ଯେ ପ୍ରକୃତ ଚିକିତ୍ସାଗତ ମହାନତା କୌଣସି କର୍ପୋରେଟ୍ ପଦବୀ କିମ୍ବା ବ୍ୟକ୍ତିଗତ ସମ୍ପତ୍ତି ଦ୍ୱାରା ମପାଯାଏ ନାହିଁ, ବରଂ ଜଣେ ମଣିଷ ଉପଶମ କରିଥିବା ଯନ୍ତ୍ରଣା ଏବଂ ପଛରେ ଛାଡ଼ି ଯାଇଥିବା ଜନକଲ୍ୟାଣକାରୀ ଅନୁଷ୍ଠାନ ଦ୍ୱାରା ହିଁ ନିରୂପିତ ହୋଇଥାଏ ।

♥ କେଶଦୂରାପାଳ, କେଉଁଝର
(ମୋ)୯୯୩୮୧୭୫୧୦୦

ଛୋଟ ଗଳ୍ପ

# ଦାରୁ ଦେବତା

## ସତ୍ୟନାରାୟଣ ପ୍ରଧାନ



ବୈଶାଖ ମାସ ଆସିଗଲାଣି । ଏଇ ଦୁଇ ଦିନ ହେଲା ମୁଠି ଅନୁକୂଳ କରିଛି ମାଧିଆ । ଝିଙ୍କାରିର ଝିଁ ଝିଁ ଶବ୍ଦରେ କାନ ଅତଡା ପଡୁଛି। ସେମାନେ ଚାଷୀ ଭାଇକୁ ଧାନ ବୁଣିବାର ପୂର୍ବ ପ୍ରସ୍ତୁତି ପାଇଁ ସଜାଗ କରି ଦେଉଛନ୍ତି । ଗଲା ରାତିରେ ଭଲ କରି ଅସରାଏ ବର୍ଷା ହୋଇଛି। ସେ ଭାବିଲା ତା ଜମିରେ ଯାଇ ହଳ ବୁଲାଇବ। ଆଗକୁ ଖରାରେ ଘାସ ବାଳୁଙ୍ଗା ସବୁ ସଫା ହୋଇଯିବ । ଆଉ ଧାନ ରୁଆ ବେଳକୁ ତା ବଳଦ ହଳକୁ ଆଉ କଷ୍ଟ ଜଣା ପଡିବ ନାହିଁ ।


ଆର ଦିନ ସକାଳୁ ଉଠି ପେଟେ ପକାଳ ଖାଇଲା ମାଧିଆ । ନା, ବିଳମ୍ବ କଲେ ଖରା ଆସିଯିବ ଯେ । ବୈଶାଖର ଖରା ତାପ ନା ସେ ସହି ପାରିବ ନା ତାର ପ୍ରିୟ ବଳଦ ଦୁଇଟା। ଗଲାବେଳେ ତା ସ୍ତ୍ରୀ ପୁନିକୁ କହିଲା – ମୁଁ ହଳ ନେଇ ବାହାଳ କ୍ଷେତକୁ ଯାଉଛି । ସମୟ ଦେଖି ପାଣି ନୋଟାଟିଏ ପହଂଚାଇ ଦେବୁ। ଖରା ଦିନ ତ, ସେଠାରେ ପାଣି କେଉଁଠୁ ମିଳିବ । ଗହୀର ବିଲରେ ତଣ୍ଟି ଶୁଖିଯିବ । ବିଲରେ ହଳ କରୁଥିଲା ମାଧିଆ। ତାର କଳା ମଚ ମଚ ଚିକ୍‌କଣିଆ ବଳିଷ୍ଠ ଦେହରୁ ଧାର ଧାର ହୋଇ ଶ୍ରମ ଝାଳ ବହୁଥିଲା। କାମ ନିଶାରେ ସମୟ ଆଡକୁ ତାର ନିଘା ନାହିଁ । ତଣ୍ଟି ଶୁଖି ଆସୁଛି । ପୁନିର ତ ଦେଖା ନାହିଁ। ବୋଧହୁଏ କୁନି ଝିଅର ଦାୟିତ୍ୱ ବୁଝୁବୁଝୁ ଏ ଆଡେ ତାର ମନେ ନ ଥିବ । ଆକାଶକୁ ଅନାଇଲା ମାଧିଆ । ଧିରେ ଧିରେ ନିଆଁ ଝୁଲ ଯେପରି ଖସି ପଡୁଛି ଆକାଶରୁ । ଆଉ ସେଥିରେ ସବୁ କିଛି ପୋଡି ଯେପରି ପାଉଁଶ ହୋଇଯିବ । ମାଧିଆ ଦେଖିଲା ବଳଦମାନେ ବି ଧକେଇବାକୁ ଆରମ୍ଭ କଲେଣି। ଏତେ ଦିନ ଧରି ଢ଼ିଲା ଖାଉଥିଲେ ତ । ତହିଁରେ ବଇଶାଖର ଖରା । ମାଧିଆ ହଳ କରିବା ବନ୍ଦ କଲା । ବଳଦକୁ ଫିଟାଇ ଛାଡିଦେଲା । ସେମାନେ ଚରିବୁଲି ସନ୍ଧ୍ୟାରେ ଘରକୁ ଫେରିବେ । ମୁଣ୍ଡରେ ଗାମୁଛାଟାକୁ ବାନ୍ଧି ଦେଲା ସେ । ଲଙ୍ଗଳ ଜୁଆଳିକୁ କାନ୍ଧେଇ ଘର ମୁହାଁ ହେଲା ସେ ।

'ଗାଁ ମୁଣ୍ଡରେ ଥିବା ରାମ ସାହୁର ବିଲ ହୁଡାରେ କେଉଁ ଦିନରୁ ଅଛି ଏକ ଲିମ୍ବ ଗଛ । ସେହି ଗଛ ମୂଳେ ଅନେକ ଦିନ ଆଶ୍ରୟ ନିଏ ସେ । ତାର ଲଙ୍ଗଳ ଜୁଆଳିକୁ ଗଛର ଉପରେ ଡେରିଦିଏ । ବେଶ୍ ଭଲ ଲାଗେ ଆରାମ ଦାୟକ ଘଂଚ ଛାଇ । ଅନେକ ବର୍ଷ ସେ ଏ ଗଛକୁ ଦେଖିଛି । ଆଉ ଗଛ ତାକୁ ମଧ୍ୟ ଦେଖି ଆସିଛି। ଏ ଗଛରେ କେତେ ପକ୍ଷୀ ବସା କରନ୍ତି । ପକ୍ଷୀ ଶାବକ ମାନଙ୍କର ଷଠୀ ଘର ତୋଳାହୁଏ ଗଛର ଡାଳରେ । ସେମାନଙ୍କର କଳରବରେ ମୁଖରିତ ହୁଏ ସ୍ଥାନ । ଏଠାରେ ଜନ୍ମ ହୋଇ ଆକାଶରେ ମୁକ୍ତଚାରୀ ପକ୍ଷୀ ପୁଣି ଆସି ଏ ଜନ୍ମସ୍ଥଳି ଦର୍ଶନ କରନ୍ତି । ଖୁବ୍ ଆନନ୍ଦରେ ଗୀତ ବି ଗାଆନ୍ତି । ହେଲେ ଆଜି ଏ ଗଛ ମୂଳେ ଏକ ବ୍ୟତିକ୍ରମ ଦେଖିଲା ମାଧିଆ । ବହୁତ ଲୋକ ସେଠାରେ ରୁଣ୍ଡ ହୋଇଛନ୍ତି । ସେ ଭାବିଲା – କଣ ଅଘଟଣ ଘଟି ଗଲା କି ? ଏତେ ଖରାରେ ଏଠାରେ ଏତେ ଲୋକ ଯେ' ?

ତା ଗାଁର ମନୁଆଁ ସହ ମୁହାଁ ମୁହିଁ ହେଲା ସେ । ପଚାରିଲା- କଣ ଭାଇ , ଆଜି ଲିମ୍ବ ଗଛ ମୂଳରେ ଏତେ ଲୋକ ? କଥା କଣ ?

ସ୍ମିତ ହାସ୍ୟ କରି ମନୁଆ କହିଲା- ତୁ ଜାଣିନୁ କି ମାଧ, ଏ ଗଛରୁ ପରା ଜଗନ୍ନାଥଙ୍କ ବିଗ୍ରହ ଗଢା ହେବ । ଏଥିରେ ପ୍ରଭୂ ବିଜେ କରିଛନ୍ତି । ସତରେ ଅପାଠୁଆ ମାଧିଆ ଖୁବ୍ ଡରିଗଲା । ତା ମନ ଭିତରେ ଅନେକ ଦୁଶ୍ଚିନ୍ତା ଉଙ୍କି ମାରିଲେ କାରଣ ସେ ଏ ଗଛ ଗଣ୍ଡିରେ ତାର ଲଙ୍ଗଳ ଜୁଆଳିକୁ ଡେରି ନିଜେ ସେଠାରେ ଆଉଜି ପଡିଛି। ଅଗାଧୁଆ ଅପାଧୁଆ ସେ ଗଛ ପାଖକୁ ସବୁବେଳେ ଯାଇଛି । ପ୍ରଭୂ ତା ଉପରେ ବିଗିଡି ନାହାନ୍ତି ତ । ତାର ଅବମାନନା ପାଇଁ ତାକୁ ଦଣ୍ଡ ଦେବେ ନାହିଁ ତ । ଗାଧୋଇ ସାରି ମୁଠେ ଖାଇଲା ମାଧିଆ । କ୍ଲାନ୍ତିରେ ତାର ଆଖି ପତା ମୁଦି ହୋଇ ଆସୁଥିଲା । ମେଲା ଘରେ ଥିବା ଦଉଡିଆ ଖଟରେ ଗାମୁଛାଟାକୁ ପକାଇ ଗଡି ପଡିଲା ସେ । ନିଦ୍ରାଦେବୀ ତାକୁ ସଙ୍ଗେ ସଙ୍ଗେ କୋଳେଇ ନେଲେ ।

ଉଦୁଉଦିଆ ଦ୍ୱିପହର । ବାହାରେ ଟାଇଁ ଟାଇଁ ଖରା । ଖଟରେ ଶୋଇ ସ୍ୱପ୍ନ ଦେଖୁଥିଲା ମାଧିଆ। ଅଗୁରୁ ଚନ୍ଦନରେ ମହ ମହ ବାସ୍ନା । ଚନ୍ଦନ ତୁଳସୀ ମହକରେ ପୁରି ଉଠୁଛି ଅନ୍ତରାତ୍ମା। ମାଧିଆ ବୋକାଙ୍କ ପରି ଖାଲି ବଲ ବଲ ହେଇ ଅନାଉଛି । ଚକା ଆଖି ଉଭା ହୋଇଛନ୍ତି । ରଙ୍ଗ ଅଧରରୁ ଝରି ପଡୁଛି ହସ । ଯେପରି କହୁଛନ୍ତି – କାହାକୁ ଡରୁଛୁ କିରେ ? ମାଧିଆ କହୁଥିଲା- ଏ ରୂପ ମାଧୁରୀ ଦର୍ଶନ କରିବାକୁ ପୁରୀ ଯିବାର ପ୍ରବଳ ଇଚ୍ଛା ଥିଲା । ହେଲେ କର୍ମ ଜଂଜାଳ ଭିତରେ ଯାଇପାରି ନାହିଁ । ମୁଁ ମହାପାପୀ । ନ ଜାଣି ତୁମକୁ କଷ୍ଟ ଦେଉଛି, ଦୁର୍ବ୍ୟବହାର କରିଛ। ଆଉ ପୂଜା ଦେବା ତ ଦୂରର କଥା । ମୋର ଏ ଅପରାଧର କଣ କ୍ଷମା ନାହିଁ ପ୍ରଭୂ ?



ରଙ୍ଗ ଅଧରରୁ ଝରି ପଡୁଥିଲା ଅଭୟବାଣୀ। କିଏ କହିଲା, ତୁ ମୋତେ ଅପମାନ ଦେଇଛୁ ବୋଲି । ତୁ ମୋଟେ ସେପରି ଭାବ ନା । ତୁ ତ ଅତି ଶାନ୍ତ, ସରଳ, ସୁଧାର ଓ ପବିତ୍ର ମନୋଭାବର ମଣିଷଟିଏ । ତୋର ହୃଦୟ ଅତି କୋମଳ । ତୋର କାମ ଭଲ ତ ତୁ ଭଲ। ମୁଁ ତୋତେ ଖୁବ୍ ଭଲ ପାଏ । ତୋର କର୍ଦ୍ଦମାକ୍ତ ଶରୀରର ଝାଳଗନ୍ଧ ମୋ ପାଇଁ ଅଗୁରୁ ଚନ୍ଦନ । ତୋର ପରିଶ୍ରମ ଓ ପରୋପକାର ମୋ ପାଇଁ ଉତ୍କୃଷ୍ଟ ପୂଜା । ତାକୁ ମୁଁ ନୈବେଦ୍ୟ ରୂପେ ଗ୍ରହଣ କରେ । ତୁ ଜାଣିଛୁ ମାଧିଆ, ଅନେକ ବ୍ୟକ୍ତି ଜଗମୋହନରେ ଠିଆହୋଇ ମୋତେ ଚାହିଁ କାନ୍ଦୁଥାନ୍ତି । ଦେଖିଲେ ଲାଗିବ ଆହା, କି ଭକ୍ତି । କିନ୍ତୁ ଧାର ଧାର ଅଶ୍ରୁ ଭିତରେ ଅଦୃଶ୍ୟ ଝୁଲା ମୁଣିକୁ ଭରି ଦେବାକୁ । ମୋତେ ଆକୁଳ ନିବେଦନ କରୁଥାନ୍ତି । ସବୁ ଶ୍ରଦ୍ଧାଳୁ ଗୋଟିଏ ଲାଉର ମଂଜି । ଯେତେ ପାଇଲେ ବି ଅତୃପ୍ତ । ଜୀବନ ସରିଯାଏ । ସୁଖ ଅନ୍ୱେଷଣ କିନ୍ତୁ ସରେନି। ନିଷ୍କାମ ଭକ୍ତି କାହାରି ବି ନ ଥାଏ। ମୋର ଭକ୍ତ ତ ଚାରି ପ୍ରକାର । ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ, ଜ୍ଞାନୀ । ମାତ୍ର ଆର୍ତ୍ତ ସ୍ୱରରେ ଜନ, ଧନ, ଗୋପ, ଲକ୍ଷ୍ମୀ ମାଗୁଥିବା ଭକ୍ତି ଅନେକ । ହେଲେ ତୁ ତ ନିଷ୍କାମୀ ଭକ୍ତ । ଅଳ୍ପରେ ସନ୍ତୁଷ୍ଟ । ଉଦାରମନା, ପ୍ରଶାନ୍ତ ହୃଦୟ । ତୋର କୁଟୀର ତୋର ସ୍ୱର୍ଗ । ଆଧି, ବ୍ୟାଧି ଓ ଉପାଧିର କବଳରୁ ତୁ ମୁକ୍ତ । ମୁଁ ତୋତେ ଭଲ ନ ପାଇ ଆଉ କାହାକୁ ଭଲ ପାଇବି ଯେ ? ନିର୍ମଳ ଭକ୍ତି ତୋ ଠାରେ ହିଁ ଅଛି । ମୁଁ ତୋ ଭିତରେ ଆଉ ତୁ ମୋର ଭିତରେ ।

ଚାଉଁକିନା ନିଦ ଭାଙ୍ଗିଗଲା ମାଧିଆର । ମନଟା ଆନନ୍ଦରେ ଭରିଗଲା । ଜଗନ୍ନାଥ ଦର୍ଶନ ତ ଏବେ ଏବେ ହୋଇଗଲା । ହଉ, ରାତିଟା ଆଜି କଟୁ । ସେ ଆସନ୍ତା କାଲି ସକାଳେ ତା ସ୍ତ୍ରୀ ପିଲାକୁ ନେଇ ପ୍ରଭୁଙ୍କ ପୂଜାକରି ଆସିବ । ସକାଳ ହେଲା । କାଉ କା କରିବା ଆଗରୁ ସେ ଉଠି ପଡିଲା । ପତ୍ନୀକୁ ପ୍ରସ୍ତୁତ ହେବାକୁ କହିଲା । ପବିତ୍ର ମନରେ ଭୋଗ ଡାଲା ଧରି ସେ ଚାଲିଲା ନିମ୍ବ ଗଛ ଆଡକୁ । ହେଲେ ଗଛର ଚାରିପଟେ ପୋଲିସର ବ୍ୟାରିକେଡ୍ । ଖାକି ପୋଷାକ ବାଲା ପଇଁତରା ମାରୁଛନ୍ତି । ଦୂରରୁ ଦାରୁ ଦେବତାଙ୍କୁ ଜୁହାର ହେଲେ ସେମାନେ । ଅନୁଭବ କଲେ ଯେପରି ଚକାଆଖି ତାଙ୍କୁ ହୃଦୟ ମଧ୍ୟକୁ ହସି ହସି ପ୍ରବେଶ କରୁଛନ୍ତି ।

♥ ଅରୋମିରା କୁଟୀର,
ଶୁଣ୍ଡିମୁଣ୍ଡା ,ରେଢାଖୋଲ
ସମ୍ବଲପୁର , ପିନ୍ ୭୬୮୧୦୬
ମୋ-୯୫୫୬୯୩୫୯୧୪

# ବାଲିଆପାଳରେ ବଢୁଛି ମିଥ୍ୟା ବିଲ ଅଭିଯୋଗ: ପାଇଖାନା ମରାମତି ନାମରେ ଅର୍ଥ ଲୁଟ

## କାମ ହୋଇନି, ଉଠାଇନେଲେ ୨୭୦୦୦ ଟଙ୍କା

ବାଲିଆପାଳ , ୧୮/୭ (ନି.ପ୍ର): ବାଲିଆପାଳ ବ୍ଲକରେ ସରକାରୀ ଅର୍ଥର ଦୁରୁପଯୋଗ ଓ ମିଥ୍ୟା ବିଲ ମାଧ୍ୟମରେ ଅର୍ଥ ଉଠାଣ ଘଟଣାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି। ପୂର୍ବରୁ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଏପରି ଅଭିଯୋଗ ସାମ୍ନାକୁ ଆସିଥିଲେ ମଧ୍ୟ ଦୃଢ଼ କାର ?ୟ୍ୟାନୁଷ୍ଠାନ ନ ହେବାରୁ ଏଭଳି ଘଟଣା ବଢୁଥିବା ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ, ବାଲିଆପାଳ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ସରକାରୀ ଅର୍ଥର ଅନିୟମିତ ବ୍ୟବହାର ନେଇ ପୂର୍ବରୁ ମଧ୍ୟ ଅନେକ ଅଭିଯୋଗ ହୋଇଛି। ବଣିଆଡିହା ପଞ୍ଚାୟତରେ ନାଳ ନଥାଇ ସଫେଇ ନାମରେ ଅର୍ଥ ଉଠାଣ, ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ପ୍ରଦାନ, କୁଣ୍ଡୁଳି ପଞ୍ଚାୟତରେ ଭିନ୍ନକ୍ଷମଙ୍କ ଭତ୍ତା ହଡ଼ପ ଏବଂ ନୂଆଗାଁ ପଞ୍ଚାୟତରେ ୨୨ ବର୍ଷିଆ ମହିଳାଙ୍କୁ ୩୫୦୦/- ଟଙ୍କିଆ ଭତ୍ତା ପ୍ରଦାନ, ଅଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ ଭଳି ଘଟଣାକୁ ନେଇ ସାମାଜିକ କର୍ମୀ ରାଜକିଶୋର ପାତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗ ସତ୍ତ୍ୱେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ ନ ହେବା ଏବଂ ସରକାରୀ ଅର୍ଥ ଆଦାୟ ନ ହେବାରୁ ଦୁର୍ନୀତିକୁ ପ୍ରଶ୍ରୟ ମିଳୁଥିବା ଅଭିଯୋଗ ହେଉଛି।ଏହି କ୍ରମରେ ବାଲିକୁଟି ଗ୍ରାମ ପଞ୍ଚାୟତର ଛଡା ଗ୍ରାମର ପଦ୍ମ ପୋଖରୀ ନିକଟରେ ଥିବା ଏକ ଗୋଷ୍ଠୀ ଶୌଚାଳୟର ମରାମତି ନାମରେ ୨୧ ମେ ୨୦୨୬ ତାରିଖରେ ପଞ୍ଚାୟତ ପାଣ୍ଠିରୁ ୨୭,୦୦୦ ଟଙ୍କା ବିଲ କରାଯାଇଥିବା ସୂଚନା ଭାରତ ସରକାରଙ୍କ ଇ-ଗ୍ରାମସ୍ୱରାଜ ପୋର୍ଟାଲରେ ଉପଲବ୍ଧ ଭାଉଚରରୁ ଜଣାପଡ଼ିଛି। ତେବେ ସ୍ଥାନୀୟ ପୂର୍ବତନ ସମିତି ସଭ୍ୟ ପ୍ରିୟନାଥ ମୁର୍ମୁ ଏବଂ ଅଞ୍ଚଳବାସୀଙ୍କ କହିବା ଅନୁସାରେ, ଗତ ପାଞ୍ଚ ବର୍ଷ ଧରି ସେହି ଶୌଚାଳୟରେ କୌଣସି ମରାମତି କାର୍ଯ୍ୟ ହୋଇନାହିଁ। ଯଦି ପ୍ରକୃତରେ କାମ ହୋଇନଥାଏ, ତେବେ କିପରି ମରାମତି ନାମରେ ୨୭ ହଜାର ଟଙ୍କା ବିଲ କରାଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣା ସମ୍ପର୍କରେ ତତ୍କାଳୀନ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ୟାସୀ ବଡୁଙ୍କୁ ପଚାରିବାରୁ ସେ କହିଥିବା ଅନୁଯାୟୀ, ସେ କାର୍ଯ୍ୟସ୍ଥଳ ପରିଦର୍ଶନ ନ କରି ମରାମତି କାର୍ଯ୍ୟର ଦାୟିତ୍ୱରେ ଥିବା ସରପଞ୍ଚ ଯଶୋଦାମଣି ଧଳଙ୍କ ସ୍ୱାମୀଙ୍କ କଥାକୁ ବିଶ୍ୱାସ କରି ବିଲ ପାସ୍ କରିଥିଲେ। ପରେ ମରାମତି କାର୍ଯ୍ୟ ହୋଇନଥିବା କଥା ଶୁଣି ସେ ନିଜେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିବା କହିଛନ୍ତି। ସାମାଜିକ କର୍ମୀ ରାଜକିଶୋର ପାତ୍ର, ଅଜୟ କୁମାର ଜେନା ଏବଂ ପୂର୍ବତନ ସମିତି ସଭ୍ୟ ପ୍ରିୟନାଥ ମୁର୍ମୁଙ୍କ ଅଭିଯୋଗ ଅନୁଯାୟୀ, ଦୁର୍ନୀତି ସମ୍ପର୍କରେ ବାରମ୍ବାର ପ୍ରମାଣ ସହ ପ୍ରଶାସନକୁ ଅବଗତ କରାଯାଉଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଏପରି ଅନିୟମିତତା ଦିନକୁ ଦିନ ବୃଦ୍ଧି ପାଉଥିବା ସେମାନେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମଧ୍ୟ ଉଦବେଗ ପ୍ରକାଶ ପାଇଛି । ବର୍ତ୍ତମାନ ଦେଖିବାକୁ ବାକି ରହିଲା, ଏହି ଅଭିଯୋଗର ତଦନ୍ତ କରି ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉଛି, ନା ପୂର୍ବବତ୍ ଘଟଣା ପରି ଏହା ମଧ୍ୟ ଅଣଦେଖା ହୋଇ ରହିଯାଉଛି ।

## ସାମାଜିକ ସୁରକ୍ଷାରୁ ବଂଚିତ ଗଣ୍ଡିଦର ଗ୍ରାମର 'ରାହାସ' ଓ 'ସୁମତି'



ଉଦଳା , ୧୮/୭ (ନି.ପ୍ର): କପ୍ତିପଦା ବ୍ଲକର ଦେବଳା ପଂଚାୟତ ଅନ୍ତର୍ଗତ ଗଣ୍ଡିଦର ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଶ୍ୟାମ ପାଣିପାତ୍ରଙ୍କର ୬୫ ବର୍ଷ ବୟସର ପୁତ୍ର 'ରାହାସ' ଓ ଅନାମ କଟୁଆଳଙ୍କର ୬୭ ବର୍ଷ ବୟସର ସହଧର୍ମିଣୀ 'ସୁମତି' ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଅଛନ୍ତି । ଏ ଦୁହେଁ ଯାକ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର ଜଣାଇଛନ୍ତି। ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

## ରଥଯାତ୍ରା ଜାତିଧର୍ମ ଐକ୍ୟତାର ପର୍ବ : ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର




ଭଦ୍ରକ, ୧୮/୭ (ନି.ପ୍ର): ଆମ ମାତୃଭାଷା ପରିଷଦର କର୍କଟ ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ ଉଦଘାଟନ କରିଥିଲେ । "ରଥଯାତ୍ରା, ଜାତି ଧର୍ମ ଚେତନାର ଅନେକ ଉର୍ଦ୍ଧ୍ୱରେ" ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ପଣ୍ଡିତ ନରହରି ଦାଶ, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ସମ୍ମାନିତ ଅତିଥି ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ଶିକ୍ଷାବିତ୍ ଗୟାଧର ପଣ୍ଡା, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୌରାଙ୍ଗ ବାରିକ ରଥଯାତ୍ରା ସମସ୍ତ ଧର୍ମ, ଜାତି, ବର୍ଣ୍ଣ ନିର୍ବିଶେଷରେ ଏକତା ଓ ପ୍ରେମ ଭାବର ଉଦ୍ରେକ କରେ । ରଥଯାତ୍ରାରେ ଯେ ପହଂଚିଯାଏ ସେ ମହାସମୁଦ୍ରରୂପି ଲୋକାରଣ୍ୟରେ ତା'ର ହିଂସା, ଅହଙ୍କାର, କ୍ରୋଧଭାବ ଦୂରୀଭୂତ ହୋଇ ପ୍ରଭୁ ପ୍ରେମରେ ଲୀନ ହୋଇଯାଏ ଏବଂ ସେ ସେହିଠାରେ ଚିନ୍ତାକରେ ଯେ ପ୍ରଭୁ ପାଦ ହିଁ ଶ୍ରେଷ୍ଠ ସ୍ଥାନ ଆଉ ସବୁ, ମାୟାଭାବ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ୍ ପଣ୍ଡିତ ଅଜୟ କୁମାର କର ଓ ପ୍ରାକ୍ତନ ପୋଲିସ୍ ଅଧିକାରୀ ରମେଶ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ସାବିତ୍ରୀ ବାନାର୍ଜୀ, ବିପ୍ଳବ କୁମାର ହୋତା, ଅଜୟ ଚନ୍ଦ୍ର ମହାପାତ୍ର, କୈଳାସ ଦାସ, ମୋନାଲିସା ସାହୁ, ନିରଞ୍ଜନ ନାୟକ, ଶିଶୁ କବି ଅଂଶୁମାନ ସ୍ୱାଇଁ, ରାଖାଲ୍ ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ପାଳ, ଡ. ପୂଜାରାଣୀ ଘୋଷ, ଶ୍ରଦ୍ଧାଞ୍ଜଳି ମିଶ୍ର, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଜୟ କୁମାର ବହଳୀ, ସୁରେଶ କୁମାର ସାହୁ, ଶେକ୍ ଅବଦୁଲ ଦୟାନ୍, ମୁସ୍ତାକ୍ ଗହ୍ୱର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଅଧିବକ୍ତା ମନୋରଞ୍ଜନ ଦାସ ମଂଚ ଆହ୍ୱାନ ଓ ଅତିଥି ପରିଚୟ କରିଥିଲେ । ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ପ୍ରାରମ୍ଭିକ ଭଜନ ପରିବେଷଣ ଓ ସମ୍ପାଦକୀୟ ପାଠ କରିଥିଲେ । କବି ମୀନତି ବାରିକ ଭଜନ ପରିବେଷଣ କରି ପୁରସ୍କୃତ ହୋଇଥିଲେ । ସହ ସମ୍ପାଦିକା ମମତା ରାଣୀ ଦାଶମିଶ୍ର ମଂଚ ପରିଚାଳନା ଓ ସଙ୍ଗୀତ ଗାନ କରିଥିଲେ ।


## ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ମାଉସୀଘରେ ଶ୍ରୀଜୀଉ

ନୀଳଗିରି, ୧୮/୭ (ନି.ପ୍ର): 'ରଥେ ତୁ ବାମନଂ ଦୃଷ୍ଟ୍ୱା , ପୁନର୍ଜନ୍ମ ନ ଭବତି'। ରଥଉପରେ ମହାପ୍ରଭୁଙ୍କୁ ଦର୍ଶନକଲେ ପୁନର୍ଜନ୍ମ ହୋଇନଥାଏ ବୋଲି ବିଶ୍ୱାସ ରହିଛି। ଭକତ ଭାବରେ ବନ୍ଧା କାଳିଆସାଆନ୍ତ ପ୍ରତିବର୍ଷ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟାତିଥିରେ ନଅଦିନ ପାଇଁ ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ରଥାରୁଢ଼ ହୋଇ ଭକ୍ତଙ୍କୁ ଦର୍ଶନଦେଇ ଆସିଥାଆନ୍ତି। ତେବେ ପରମ୍ପରା ଅନୁଯାୟୀ ତୃତୀୟଶ୍ରୀକ୍ଷେତ୍ର ନୀଳଗିରିରେ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାର ଅନ୍ତିମଦିବସ ଶନିବାର ଅପରାହ୍ନରେ ସେବାୟତ ଓ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ରଥଦାଣ୍ଡ । ସମସ୍ତ ନୀତି କାନ୍ତି ପରେ ହରିବୋଲ ହୁଳହୁଳି, ଘଣ୍ଟଘଣ୍ଟା , ଖୋଳତାଳ ସହ ଘର୍ଘର ନାଦରେ ଗଡିଥିଲା ରଥ। ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଲାଗିଥିଲା ରଥ। ଚାରମାଳ ବନ୍ଧାହେବାପରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ଦର୍ଶନକରିଥିଲେ ଭକ୍ତ। ରାତ୍ରୀ ପ୍ରାୟ ୧୦ଟା ସମୟରେ ରଥ ନିକଟରେ ଯଥା ରୀତିନୀତିରେ ରଜାଙ୍କ ପ୍ରତିନିଧି ରାଜଗୁରୁ ରବୀନ୍ଦ୍ର ମହାପାତ୍ର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗୋଟି ପହଣ୍ଡିରେ ପ୍ରଥମେ ମୋଦନ, ରାମକୃଷ୍ଣ, ଚକ୍ରରାଜ ସୁଦର୍ଶନ,ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରେ ଛେରାପହଁରା କରି ଆଡ଼ପମଣ୍ଡପ ବା ଜନ୍ମବେଦୀକୁ ବିଜେ କରାଇଥିଲେ। ଆଜିର ଘୋଷଯାତ୍ରାକୁ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ରଥ ପରିଚାଳନା ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିବାବେଳେ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର , ପଣ୍ଡିତ ଶକ୍ତିକାନ୍ତ ମିଶ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଘୋଷଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସ୍ଥାନୀୟ ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲ୍ଲିକ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଔଷଧ ଅଛି, ଲେଖିବାକୁ ଡାକ୍ତର ନାହାଁନ୍ତି: ସ୍ୱାସ୍ଥ୍ୟସେବା ଦିଗହରା

ବସ୍ତା , ୧୮/୭ (ନି.ପ୍ର): ରୋଗୀମାନଙ୍କ ନିମନ୍ତେ ଯୋଗାଇ ଦିଆଯାଉଛି ଔଷଧ।ସରକାର ନିରାମୟ ଯୋଜନାରେ ମାଗଣାରେ ଏହାର ବ୍ୟବସ୍ଥା କରାଯାଇଛି।ମାତ୍ର ଔଷଧ ଲେଖିବାକୁ ଅମର୍ଦାରୋଡ ସମେତ ବସ୍ତା ସରକାରୀ ଚିକିତ୍ସାଳୟରେ ଡାକ୍ତର ନାହାଁନ୍ତି।ଫଳରେ ସ୍ୱାସ୍ଥ୍ୟସେବା ଡିଗହରା ହୋଇପଡିଛି। ରୋଗୀମାନେ ଉପଯୁକ୍ତ ସେବାରୁ ବଞ୍ଚିତ ହେଉଛନ୍ତି। ଆଜିର ଯୁଗରେ ୨ୟ ଭଗବାନ ଡାକ୍ତରଙ୍କୁ କୁହାଯାଉଥିବା ବେଳେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିବା ଦ୍ୱାରା ରୋଗୀମାନେ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭରସା କରିପାରୁ ନାହାଁନ୍ତି। ଏଥିପାଇଁ ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ଯାହାଦ୍ୱାରା ଜରୁରୀକାଳୀନ ପରିସ୍ଥିତି ରେ ରୋଗିଟିଏ ଉପଯୁକ୍ତ ଚିକିତ୍ସା ସେବା ପାଇପାରିବ ଏବଂ ରୋଗୀର ଜୀବନ ରକ୍ଷା ହୋଇପାରିବ।ମାତ୍ର ଏଲୋପ୍ୟାଥିକ ଡାକ୍ତର ପରିବର୍ତ୍ତେ ଆୟୁଷ ଡାକ୍ତର ଚିକିତ୍ସା କରୁଛନ୍ତି। ଏହାଦ୍ୱାରା କାମ ଚଳି ଯାଉଛି। ନିରାମୟ ଯୋଜନାରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରାୟ ୩ ଶହ ପ୍ରକାର ଔଷଧ ଯୋଗାଇ ଦିଆଯାଉଛି।ଥଣ୍ଡା ଜ୍ୱର ଠାରୁ ଉଚ୍ଚରକ୍ତ ଚାପ ରୋଗ ପର୍ଯ୍ୟନ୍ତ ଔଷଧ ଯୋଗାଇ ଦିଆ ଯାଉଛି।ଡାକ୍ତର ଅଭାବରୁ ରୋଗୀମାନଙ୍କୁ ଔଷଧ କିଏ ଲେଖିବ ତାହା ପ୍ରଶ୍ନବାଚୀ ହୋଇ ପଡିଛି।ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହୋଇ ରୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି।ସେମାନଙ୍କୁ ନାମକୁ ମାତ୍ର ଚିକିତ୍ସା କରାଯାଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ,ରେମୁଣା ମେଡିକାଲ କଲେଜକୁ ସ୍ଥାନ୍ତାତରିତ କରାଯାଉଛି। ଏହାଦ୍ୱାରା ଗରିବ ଗୁରୁବା ରୋଗୀ ମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଥାଇ ବି ନଥିବା ପରିସ୍ଥିତି ସୃଷ୍ଟି ହେଉଛି।ସରକାର ଡାକ୍ତର ପଦବୀ ପୂରଣ ଦୁର୍ଭାଗ୍ୟର ବିଷୟ ହୋଇଛି।ଯଥାଶୀଘ୍ର ଖାଲି ପଡ଼ିଥିବା ଡାକ୍ତରର ପଦବୀ ପୂରଣ କରିବାକୁ ଦାବି ହେଉଛି। ସରକାର ସ୍ୱାସ୍ଥ୍ୟସେବା କୁ ବିଶେଷ ଗୁରୁତ୍ୱ ଦେଉନଥିବାରୁ ବସ୍ତା ବ୍ଲକ ଅଞ୍ଚଳବାସୀ ଓ ବୃଦ୍ଧିଜୀବି ମାନେ ସରକାରଙ୍କୁ କଡାସମାଲୋଚନା ଓ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି।

## ଦିଅର ଏବଂ ଦେଢଶୁର ମାଡରେ ଭାଇବୋହୂ ଗୁରୁତର



ବାଲିଆପାଳ , ୧୮/୭ (ନି.ପ୍ର): ଦିଅର ଓ ଦେଢଶୁର ମାଡରେ ଭାଇ ବୋହୁ ଗୁରୁତର ଆହତ ହେବା ନେଇ ଅଭିଯୋଗ ହୋଇଛି। ସୁଚନାରୁ ପ୍ରକାଶ ବାଲିଆପାଳ ବ୍ଲକ ଅଁଳାଡିହା ଗ୍ରାମର ଭୀମା ସାହୁ ଙ୍କର ଦୀର୍ଘ ଦିନ ଧରି ଜମିଜମାକୁ କେନ୍ଦ୍ର କରି ଭାଇ ଭାଇ ମଧ୍ୟରେ ବିବାଦ ଲାଗିରହିଥିଲା ।ଏନେଇ ବୁଧବାର ରାତିରେ ଭୀମା ସାହୁ ଏବଂ ତାଙ୍କ ସ୍ତ୍ରୀ, ପିଲା ମାନେ ଶୋଇଥିବା ସମୟରେ ବିବାଦ ଚାଲିଥିବା ଭାଇ ଅଶୋକ ସାହୁ, ତପନ ମହାନ୍ତି, ସପନ ମହାନ୍ତି, ବିଶ୍ୱା ମହାନ୍ତି, ରଜନୀ ସାହୁ ପ୍ରମୁଖ ଘର ଭିତରେ ପଶିଯାଇ ଭୀମା ସାହୁଙ୍କ ସ୍ତ୍ରୀ ମିନତୀ ସାହୁଙ୍କୁ ଅଶ୍ଲୀଳ ଭାଷା ପ୍ରୟୋଗ କରିବା ସହିତ ଅସଦାଚରଣ କରିଥିଲେ। ଏମିତି କି ୧୨ ବର୍ଷ ଏବଂ ଛଅ ମାସର ପିଲାଙ୍କୁ ମଧ୍ୟ ଘରୁ ବାହାର କରିଦେଇଥିଲେ। ଅନ୍ୟ ଏକ କୋଠରୀରେ ଶୋଇଥିବା ସ୍ୱାମୀ ଭୀମା ସାହୁ ଆସି ପ୍ରତିବାଦ କରିବାରୁ ଧାରୁଆ ଅସ୍ତ୍ରରେ ତାଙ୍କ ପିଠି ଏବଂ ହାତରେ ଚଟା ମାରିଥିଲେ। ଏନେଇ ସ୍ତ୍ରୀ ମିନତୀ ଜାମ କୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ପରିବାରର ସମସ୍ତ ଙ୍କୁ ଜୀବନରୁ ମାରିଦେବା ଉଦ୍ୟମ କରୁଥିବା ଦେଉର ଏବଂ ଦେଢଶୁର ଙ୍କୁ ଉଚିତ ଦଣ୍ଡ ଦେଇ ନ୍ୟାୟ ଭିକ୍ଷା କରିଛନ୍ତି ଭାଇ ବୋହୁ। ଏବାବଦରେ ଫାଣ୍ଡି ଅଧିକାରୀ କେସବ ବେସରା କହିଛନ୍ତି ଭୀମା ସାହୁ ଙ୍କ ବିରୋଧରେ ମଧ୍ୟ ପାଲଟା ଅଭିଯୋଗ ପଡ଼ିଛି ଏବଂ ତଦନ୍ତ ଜାରି ରହିଛି। ଫୋଟୋ ଫାଣ୍ଡିରେ ମିନତୀ ସାହୁ ଅଭିଯୋଗ କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭୀଷଣ ଯୁଦ୍ଧର ରୂପ ନେଇପାରେ...

ଆମେରିକାର ଏହି ପ୍ରସ୍ତୁତିକୁ ଦେଖି ଇରାନର ରିଭୋଲ୍ୟୁସନାରୀ ଗାର୍ଡସ କର୍ପସ କହିଛି ଯେ, ଆମେରିକାର ସମସ୍ତ ଗତିବିଧି ଉପରେ ଆମର ନଜର ରହିଛି ଏବଂ ଖୁବ୍ ଶୀଘ୍ର ଏହାର ଜବାବ ଦିଆଯିବ। ଅନ୍ୟପଟେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଇରାନ କୌଣସି ଭୁଲ୍ କଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ତେବେ ଆମେରିକା ଓ ଇରାନର ଏହି ଯୁଦ୍ଧ ଜିଦ୍ ଏବେ ସାରା ବିଶ୍ୱ ପାଇଁ ବଡ଼ ସଙ୍କଟ ସୃଷ୍ଟି କରିଛି। ଯଦି ସତରେ ଏହି 'ଜିରୋ ଆୱାର' ଆକ୍ରମଣରେ ପରିଣତ ହୁଏ, ତେବେ ମଧ୍ୟପ୍ରାଚ୍ୟରେ ମହାବିନାଶକୁ କେହି ରୋକିପାରିବେ ନାହିଁ।

### କ୍ୟାନସର ରୋଗୀଙ୍କ...

କର୍କଟ ରୋଗୀଙ୍କ ପାଇଁ ଅଧିକ ସହାୟକ ହେବ। ଏଥିରେ କେମୋଥେରାପି, ରେଡିଓଥେରାପି ଠାରୁ ଆରମ୍ଭ କରି ବିଭିନ୍ନ ଜଟିଳ ଅସ୍ତ୍ରୋପଚାରକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାଦ୍ୱାରା ରୋଗୀମାନେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ। ଏହି ଯୋଜନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ଆର୍ଥିକ ବ୍ୟବସ୍ଥା। ଏହି ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ପାଣ୍ଠିରୁ ଭରଣା କରାଯିବ । ସରକାର କ୍ୟାନସର ଆରୋଗ୍ୟ ଯୋଜନାକୁ ଅଧିକ ବ୍ୟାପକ କରି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ଅନେକ ସମୟରେ ଅର୍ଥ ଅଭାବରୁ ରୋଗୀମାନେ ଅଧାରୁ ଚିକିତ୍ସା ଛାଡ଼ି ଦିଅନ୍ତି, କିନ୍ତୁ ଏହି ନୂଆ ପଦକ୍ଷେପ ପରେ ସେମାନଙ୍କୁ ଆଉ ଚିକିତ୍ସା ପାଇଁ ଘର-ଜମି ବିକିବାକୁ ପଡ଼ିବ ନାହିଁ । ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର କୌଣସି ବି ଗରିବ ଲୋକ ଯେପରି ଚିକିତ୍ସା ସେବାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଆୟୁଷ୍ମାନ କାର୍ଡଧାରୀମାନେ ଉଭୟ ସରକାରୀ ଓ ଏମ୍ପାନେଲ୍ଡ ବେସରକାରୀ ହସ୍ପିଟାଲରେ ଏହି ସୁବିଧା ପାଇପାରିବେ। ଏହା କେବଳ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିବ ନାହିଁ, ବରଂ ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରିବ। କ୍ୟାନସର ଭଳି ଦୁରାରୋଗ୍ୟ ବ୍ୟାଧି ସହ ଲଢୁଥିବା ହଜାର ହଜାର ପରିବାର ପାଇଁ ସରକାରଙ୍କ ଏହି ନିଷ୍ପତ୍ତି ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି। 'ସୁସ୍ଥ ଓଡ଼ିଶା' ଗଠନ ଦିଗରେ ଏହା ଏକ ଦୃଢ଼ ପଦକ୍ଷେପ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

### ଏପ୍ରିଲ-ମେ'ରେ ଏକାସାଙ୍ଗରେ...

ଏହା ପୂର୍ବରୁ ପୌରାଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ସଂରକ୍ଷଣ ତାଲିକା ପ୍ରକାଶ ପରେ ଡୋର-ଟୁ-ଡୋର୍ ସର୍ଭେ କରାଯିବ । ଏନ୍ଏସି ଅଞ୍ଚଳରେ ପ୍ରତ୍ୟେକ ୱାର୍ଡ ପାଇଁ ଗୋଟିଏ ଲେଖାଏଁ ମତଦାନ କେନ୍ଦ୍ର ବ୍ୟବସ୍ଥା କରାଯିବ । ପୌର ନିର୍ବାଚନ ପାଇଁ ବର୍ତ୍ତମାନ ୧୨ ହଜାର ଇଭିଏମ୍ ଉପଲବ୍ଧ ଥିବାବେଳେ, ଆଉ ୬ ହଜାର ନୂଆ ଇଭିଏମ୍ ଅର୍ଡର କରାଯାଇଛି । ଏହାସହ ବାଲଟ୍ ପେପର, ପରିବହନ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଛି । ରାଜ୍ୟ ନିର୍ବାଚନ ଆୟୋଗ ସୂଚନା ଦେଇଛି ଯେ, ମାର୍ଚ୍ଚ ମାସରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ । ଅକ୍ଟୋବର ମାସରୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହେବ । ଏଥର ରାଜ୍ୟର ୧୪୩ଟି ପୌର ସଂସ୍ଥା, ଅର୍ଥାତ୍ ମ୍ୟୁନିସିପାଲ୍ କର୍ପୋରେସନ୍, ପୌରପାଳିକା ଓ ଏନ୍ଏସିରେ ନିର୍ବାଚନ ହେବ । ସମ୍ବଲପୁର ମହାନଗର ନିଗମ ନିର୍ବାଚନକୁ ନେଇ ହାଇକୋର୍ଟରେ ଚାଲିଥିବା ମାମଲାର ସମାଧାନ ହୋଇସାରିଛି ଏବଂ ସମ୍ପର୍କିତ ଆଦେଶ ମଧ୍ୟ ପ୍ରକାଶ ପାଇଛି । ଏହି ସୂଚନା ରାଜ୍ୟ ନିର୍ବାଚନ ଆୟୋଗର ସଚିବ ସନ୍ତୋଷ କୁମାର ଦାଶ ଦେଇଛନ୍ତି ।

### ଅନ୍ତର୍ଜାତୀୟ ମହଲରେ ପାକିସ୍ତାନର ...

ବାରମ୍ବାର ଦାବି କରୁଥିବା ସତ୍ତ୍ୱେ ଇସଲାମାବାଦ କାଶ୍ମୀର ଉପରେ ନିଜର ବିଶ୍ୱସ୍ତରୀୟ ଅଭିଯାନକୁ ଜୋରଦାର୍ କରିବା ପାଇଁ ଏହି ପଦକ୍ଷେପ ନେବାକୁ ଯୋଜନା କରିଛି। ଇତିମଧ୍ୟରେ ଗୁରୁବାର ମନ୍ତ୍ରୀ ରାଣା ମହମ୍ମଦ କାସିମ ନୂନ୍ ?ଙ୍କ ନେତୃତ୍ୱରେ ପାକିସ୍ତାନର କାଶ୍ମୀର ସଂସଦୀୟ କମିଟି ଏବଂ ଇସଲାମାବାଦରେ ଇସଲାମାବାଦ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ଏକ ପ୍ରତିନିଧିମଣ୍ଡଳୀ ମଧ୍ୟରେ ବୈଠକ ସମୟରେ ଏହି ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ସୂତ୍ର ଅନୁସାରେ, ନୂନ୍ ପ୍ରତିନିଧିମଣ୍ଡଳୀକୁ ସୂଚନା ଦେଇଥିଲେ ଯେଏହି ସଂସଦୀୟ କମିଟି ଯୁକେ ଏବଂ ୟୁରୋପୀୟ ସଂଘ ଗସ୍ତ କରିବାକୁ ଯୋଜନା କରୁଛି। ଏହି ଯୋଜନାବଦ୍ଧ ପ୍ରଚାରର ଲକ୍ଷ୍ୟ ହେଉଛି କାଶ୍ମୀର ଉପରେ ପାକିସ୍ତାନର ସ୍ଥିତି ଉପସ୍ଥାପନ କରିବା ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକର ରାଜନୈତିକ ଏବଂ ଜନମତରୁ ସମର୍ଥନ ହାସଲ କରିବା।ଏହି ପଦକ୍ଷେପର ଅଂଶ ସ୍ୱରୂପ, କମିଟି ଆଗାମୀ ସପ୍ତାହରେ ଇସଲାମାବାଦରେ କାଶ୍ମୀର ଉପରେ ଏକ ଜାତୀୟ ସମ୍ମିଳନୀ ଆୟୋଜନ କରିବାକୁ ମଧ୍ୟ ପ୍ରସ୍ତୁତ ହେଉଛି ଯାହାଦ୍ୱାରା ଘରୋଇ ସହମତିକୁ ସୁଦୃଢ଼ କରାଯାଇପାରିବ ଏବଂ ପାକିସ୍ତାନର କୂଟନୈତିକ ବାର୍ତ୍ତାକୁ ସଶକ୍ତ କରାଯାଇପାରିବ। ଭାରତ ଜମ୍ମୁ-କାଶ୍ମୀର ଦେଶର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି କହି କାଶ୍ମୀର ପ୍ରସଙ୍ଗକୁ ଅନ୍ତର୍ଜାତୀୟକରଣ ନକରିବା ପାଇଁ ପାକିସ୍ତାନର ପ୍ରୟାସକୁ ନିରନ୍ତର ବିଫଳ କରିଆସୁଛି। ନୂଆଦିଲ୍ଲୀ ବାରମ୍ବାର କହିଛି ଯେ, ପାକିସ୍ତାନ ସହିତ ବାକି ଥିବା ସମସ୍ତ ପ୍ରସଙ୍ଗର ଦ୍ୱିପାକ୍ଷିକ ଭାବରେ ସମାଧାନ କରାଯିବା ଉଚିତ୍ ଏବଂ ମୁଖ୍ୟ ପ୍ରସଙ୍ଗ ହେଉଛି ପାକିସ୍ତାନର ବେଆଇନ ଦଖଲରେ ଥିବା ଅଞ୍ଚଳଗୁଡ଼ିକୁ ମୁକ୍ତ କରିବା।ଭାରତ ଏହା ମଧ୍ୟ ଅଭିଯୋଗ କରିଛି ଯେ, ପାକିସ୍ତାନ ସୀମାପାର ଆତଙ୍କବାଦ ଏବଂ ଭାରତକୁ ଟାର୍ଗେଟ କରୁଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ସମର୍ଥନ କରୁଥିବା ଅଭିଯୋଗରୁ ଧ୍ୟାନ ହଟାଇବା ପାଇଁ ଅନ୍ତର୍ଜାତୀୟ ମଞ୍ଚକୁ ବ୍ୟବହାର କରୁଛି।

## ଆଇଜିଏଚ୍‌ଠାରେ ଆଙ୍କିଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ରୋଗୀଙ୍କ ଜଟିଳ ଟୋଟାଲ୍ ହିପ୍ ରିପ୍ଲେସମେଣ୍ଟ୍ ସଫଳତାର ସହ ସମ୍ପନ୍ନ: ନୂଆ ଜୀବନ ପାଇଲେ ଯୁବ ଆରୋଗ୍ୟ ଆଶାୟୀ

ରାଉରକେଲା, ୧୮/୭ (ନି.ପ୍ର): ଏକ ଐତିହାସିକ ସଫଳତା ସ୍ୱରୂପ, ରାଉରକେଲା ସ୍ଥିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ର ଡାକ୍ତରମାନେ ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁରର ୨୨ ବର୍ଷୀୟ ଏମ୍. ଦାନିଶ୍ ଅନସାରୀଙ୍କ ଏକ ଅତି କଠିନ ଟୋଟାଲ୍ ହିପ୍ ରିପ୍ଲେସମେଣ୍ଟ୍ ଅସ୍ତ୍ରୋପଚାର ସଫଳତାର ସହ କରିଛନ୍ତି । ସେ ଆଙ୍କିଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ନାମକ ଏକ କ୍ରୋନିକ୍ ଇନ୍ଫ୍ଲାମେଟୋରୀ ରୋଗରେ ପୀଡ଼ିତ ଥିଲେ, ଯାହା ଧୀରେ ଧୀରେ ତାଙ୍କ ବାମ ନିତମ୍ବ ଗଣ୍ଠିକୁ ନଷ୍ଟ କରିଦେଇଥିଲା। ଏହି ଯୁବକ ଜଣକ ପ୍ରାୟ ଛଅ ବର୍ଷ ଧରି ପ୍ରବଳ ଯନ୍ତ୍ରଣା ଏବଂ ଚଳପ୍ରଚଳ ଶକ୍ତିର କ୍ରମାଗତ ହ୍ରାସ ସହ୍ୟ କରିଆସୁଥିଲେ। ଚାଲିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା, ଯାହା ଫଳରେ ସେ ଦୈନନ୍ଦିନ କାର୍ଯ୍ୟ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଥିଲେ ଏବଂ ଏହା ତାଙ୍କର ଜୀବିକା ଅର୍ଜନ କ୍ଷମତା ପ୍ରତି ବିପଦ ସୃଷ୍ଟି କରିଥିଲା। ରାଉରକେଲା ଏବଂ ଭୁବନେଶ୍ୱରର ଅନେକ ପ୍ରତିଷ୍ଠିତ ହସ୍ପିଟାଲରେ ପରାମର୍ଶ କରିବା ସତ୍ତ୍ୱେ ସେ ତାଙ୍କର ଏହି ଜଟିଳ ସମସ୍ୟାର ସମାଧାନ ପାଇପାରି ନଥିଲେ। ଜଣେ ଯୁବକଙ୍କ ଜୀବନକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବାର ସୁଯୋଗକୁ ଚିହ୍ନଟ କରି ଆଇଜିଏଚ୍‌ର ଅର୍ଥୋପେଡିକ୍ସ (ଅସ୍ଥିଶଲ୍ୟ) ବିଭାଗ ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରିଥିଲା। ଅର୍ଥୋପେଡିକ୍ସ ବିଭାଗର ମୁଖ୍ୟ ଡାକ୍ତର ଏସ୍. କେ. ତିୱାରୀ ଏବଂ କନ୍ସଲଟାଣ୍ଟ ଅର୍ଥୋପେଡିକ୍ସ ଡାକ୍ତର ଶେଷକାନ୍ତ ରାଉତଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଥିଲା। ଅର୍ଥୋପେଡିକ୍ ଟିମ୍ ଅନୁଯାୟୀ, ବୈଷୟିକ ଦୃଷ୍ଟିକୋଣରୁ ଏହା ସବୁଠାରୁ କଠିନ ନିତମ୍ବ ପ୍ରତିରୋପଣ ଅସ୍ତ୍ରୋପଚାର ମଧ୍ୟରୁ ଏକ ଥିଲା, କାରଣ ଆଙ୍କିଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ଯୋଗୁଁ ନିତମ୍ବ ଏବଂ ମେରୁଦଣ୍ଡରେ ଜଡ଼ତା ଏବଂ ବିକୃତି ଦେଖାଦେଇଥାଏ, ଯାହା ସାଧାରଣ ଗଣ୍ଠି ପ୍ରତିରୋପଣ ପ୍ରକ୍ରିୟା ତୁଳନାରେ ଉଭୟ ଅସ୍ତ୍ରୋପଚାର ଏବଂ ଆନେସ୍ଥେସିଆକୁ ଯଥେଷ୍ଟ ଜଟିଳ କରିଦିଏ। ଆନେସ୍ଥେସିଆ ବିଭାଗର ମୁଖ୍ୟ ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଡାକ୍ତର ଏମ୍. ସାମନ୍ତରାୟ ଏବଂ ଡାକ୍ତର ସ୍ମିତା କୁଜୁରଙ୍କୁ ନେଇ ଗଠିତ ଆନେସ୍ଥେସିଆ ଟିମ୍, ଏହି ରୋଗ ସହ ଜଡ଼ିତ ଶ୍ୱାସମାର୍ଗ ଏବଂ ଶରୀରର ସ୍ଥିତି ଜନିତ ସମ୍ଭାବ୍ୟ ଆହ୍ୱାନ ସତ୍ତ୍ୱେ ଅସ୍ତ୍ରୋପଚାର ସମୟରେ ନିରାପଦ ପରିଚାଳନା ସୁନିଶ୍ଚିତ କରିଥିଲେ। ଏହି ପ୍ରତିରୋପଣ ପାଇଁ ଏକ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ସେରାମିକ୍ ହିପ୍ ଇମ୍ପ୍ଲାଣ୍ଟ ବ୍ୟବହାର କରାଯାଇଥିଲା। ଅସାଧାରଣ ସ୍ଥାୟୀତ୍ୱ ପାଇଁ ଡିଜାଇନ୍ କରାଯାଇଥିବା ଏହି ଇମ୍ପ୍ଲାଣ୍ଟ ଦଶନ୍ଧି ଦଶନ୍ଧି ଧରି ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ପ୍ରଦାନ କରିବ ବୋଲି ଆଶା କରାଯାଉଛି, ଯାହା ଏହି ଯୁବକଙ୍କୁ ଆଗାମୀ ଅନେକ ବର୍ଷ ପାଇଁ ଏକ ସକ୍ରିୟ ଏବଂ ଚଳତସମ୍ପନ୍ନ ଜୀବନର ସମ୍ଭାବନା ପ୍ରଦାନ କରିବ। ଅସ୍ତ୍ରୋପଚାରର ସଫଳତା ପାଇଁ ସେତିକି ହିଁ ଗୁରୁତ୍ୱପୂର୍ଣ୍ଣ ଥିଲା ଏକ ସୁସଂଗଠିତ ରିହାବିଲିଟେସନ୍ କାର୍ଯ୍ୟକ୍ରମ। ଫିଜିଓଥେରାପିଷ୍ଟ ଶ୍ରୀ ପ୍ରେମାନନ୍ଦଙ୍କ ତତ୍ତ୍ୱାବଧାନରେ ରୋଗୀଙ୍କର ଗଭୀର ଥଇଥାନ ଏବଂ ଚାଲିବା ପ୍ରଶିକ୍ଷଣ କରାଯାଇଥିଲା, ଯାହା ଫଳରେ ସେ ଆତ୍ମବିଶ୍ୱାସ ଏବଂ ସ୍ୱାଧୀନ ଭାବେ ଚଳପ୍ରଚଳ କରିବାର କ୍ଷମତା ଫେରିପାଇଥିଲେ। ସିଷ୍ଟର ସୁନନ୍ଦା ଏବଂ ନର୍ସିଂ ଟିମ୍ ଦ୍ୱାରା ପ୍ରଦାନ କରାଯାଇଥିବା ଉତ୍ସର୍ଗୀକୃତ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ଶୀଘ୍ର ଆରୋଗ୍ୟ, ଶୀଘ୍ର ଚଳପ୍ରଚଳ ଏବଂ ରୋଗୀଙ୍କୁ ଉତ୍କୃଷ୍ଟ ଆରାମ ସୁନିଶ୍ଚିତ କରିଥିଲା। ଆଜି, ଏହି ଯୁବକ ଜଣକ ଯନ୍ତ୍ରଣା ରହିତ ଚାଲିପାରୁଛନ୍ତି ଏବଂ ବର୍ଷ ବର୍ଷ ଧରି ଧୀରେ ଧୀରେ ହରାଇ ବସିଥିବା ସ୍ୱାଧୀନତାକୁ ଫେରିପାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ତାଙ୍କୁ ନିଜର ଜୀବିକା ପୁନର୍ବାର ଆରମ୍ଭ କରିବା ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଅଗ୍ରସର ହେବାର ସୁଯୋଗ ମିଳିଛି। ଏହି ଉଲ୍ଲେଖନୀୟ ସଫଳତା ଅତ୍ୟନ୍ତ ଜଟିଳ ଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାର ପରିଚାଳନାରେ ଇସ୍ପାତ ଜେନେରାଲ ହସ୍ପିଟାଲର ଉନ୍ନତ କ୍ଷମତାକୁ ଦର୍ଶାଉଛି। ଅଭିଜ୍ଞ ଅର୍ଥୋପେଡିକ୍ ସର୍ଜନ, ଦକ୍ଷ ଆନେସ୍ଥେଟିଷ୍ଟ, ଉତ୍ସର୍ଗୀକୃତ ଥଇଥାନ ବିଶେଷଜ୍ଞ ଏବଂ ଆଧୁନିକ ଅପରେସନ ଥିଏଟର ସୁବିଧା ସହିତ, ଆଇଜିଏଚ୍ ଦେଶର ଅଗ୍ରଣୀ କେନ୍ଦ୍ରଗୁଡ଼ିକ ସହ ତୁଳନାତ୍ମକ ଫଳାଫଳ ପ୍ରଦାନ କରିବା ଜାରି ରଖିଛି, ଯାହା ପଶ୍ଚିମ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ଲୋକମାନଙ୍କ ନିକଟରେ ବିଶ୍ୱସ୍ତରୀୟ ଅର୍ଥୋପେଡିକ୍ ଚିକିତ୍ସା ପହଞ୍ଚାଇ ପାରିଛି।

ରବିବାର, ଜୁଲାଇ ୧୯, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶ୍ରୀ ଶ୍ରୀ ଦେବେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ



ବାରିପଦା , ୧୮/୭ (ନି.ପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୩ ନଂ ୱାର୍ଡ ସ୍ଥିତ ବଳରାମପୁରରେ ଶ୍ରୀ ଶ୍ରୀ ଦେବେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ବିଧିବିଧାନ ଅନୁସାରେ ଚଳିତ ମାସ ୧୪ ତାରିଖ ଦିନ ଅଂକୁର ରୋପଣ କରାଯାଇଥିବା ବେଳେ ୧୫ ତାରିଖ ଦିନ ଘଟଉତ୍ତୋଳନ ଓ କଳସ ଯାତ୍ରା ପର୍ବ ଅନୁଷ୍ଠିତ ହୋଇଥିଲା ଓ ୧୬ ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବା ସହ ଶେଷ ଦିନ ପୂର୍ଣ୍ଣାହୁତି ପର୍ବ ସମ୍ପନ୍ନ ହୋଇଥିଲା ଓ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥବାବେଳେ ସମସ୍ତଙ୍କ ପାଇଁ କମିଟି ତରଫରୁ ପ୍ରସାଦ ବଣ୍ଟନ ସେବାର ବ୍ୟବସ୍ଥା କରାଯାଇଥିଲା ଓ ପୁରୋହିତ ମନୋଜ ପଣ୍ଡାଙ୍କ ଦ୍ୱାରା ସମସ୍ତ କର୍ମ ସମ୍ପନ୍ନ ହୋଇଥିଲା ଓ ରବିକାନ୍ତ ସିଂହ ଓ ଅଙ୍କିତା ସିଂହ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ ଓ ସ୍ଥାନୀୟ କାଉନସିଲର ରାଜ ଗୁପ୍ତା, ରାଜକିଶୋର ସିଂହ, ପ୍ରଭାସ ସାହୁ, ପ୍ରଫୁଲ୍ଲ ଦାଶ, କିରଣ ମହାପାତ୍ର, ସଚିନ୍ଦ୍ର ପାତ୍ର, ଭବତୋଷ ବେହେରା, ସଞ୍ଜୟ ସେନାପତି ଓ ସରୋଜ କୁମାର ଶତପଥି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଆମୋନିଆର ସୁରକ୍ଷିତ ବ୍ୟବହାର ଉପରେ ଦିନିକିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ




ପାରାଦୀପ, ୧୮/୭ (ନି.ପ୍ର): କାରଖାନା ଓ ବଏଲର ନିର୍ଦ୍ଦେଶାଳୟ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ଶ୍ରମ ପ୍ରତିଷ୍ଠାନ, ଓଡ଼ିଶାର ସହଯୋଗରେ 'ଆମୋନିଆର ସୁରକ୍ଷିତ ବ୍ୟବହାର" ଶୀର୍ଷକ ଦିନିକିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାରାଦୀପସ୍ଥିତ ଇଫକୋ ପାରାଦୀପ ୟୁନିଟ୍‌ର କମ୍ୟୁନିଟି ସେଣ୍ଟରରେ ଆୟୋଜିତ ହୋଇଥିଲା। ଆମୋନିଆ ବ୍ୟବହାର କରୁଥିବା ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ସୁରକ୍ଷା ସଚେତନତା, ବୈଷୟିକ ଦକ୍ଷତା ଓ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ଆମୋନିଆର ସୁରକ୍ଷିତ ପରିଚାଳନା, ସଂରକ୍ଷଣ, ପରିବହନ, ରକ୍ଷଣାବେକ୍ଷଣ, ନିରୀକ୍ଷଣ ଓ ଆପତ୍‌କାଳୀନ ପ୍ରତିକ୍ରିୟା ସମ୍ପର୍କରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଶ୍ରମ ବିଭାଗର ନିର୍ଦ୍ଦେଶକ ତଥା କାରଖାନା ଓ ବଏଲର ନିର୍ଦ୍ଦେଶାଳୟ ଓଡିଶା ସରକାରଙ୍କ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କାରଖାନା ଓ ବଏଲର ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ, ଇଫକୋ ପାରାଦୀପ ୟୁନିଟ୍ ଏବଂ ପିପିଏଲ ର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଉପସ୍ଥିତ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ କାରଖାନା ଓ ବଏଲର (ସୁରକ୍ଷା) ଉପନିର୍ଦ୍ଦେଶକ ଡଃ ମଳୟ କୁମାର ପ୍ରଧାନ, କଟକ ଡିଭିଜନର ଉପନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ପଣ୍ଡା, ପାରାଦୀପ ଜୋନ୍‌ର ସହକାରୀ ନିର୍ଦ୍ଦେଶକ ଶ୍ରୀ ଚନ୍ଦ୍ର ଶେଖର ବେହେରା, କଟକ ଜୋନ୍‌ର ସହକାରୀ ନିର୍ଦ୍ଦେଶକ ଶ୍ରୀ ସୁଧାଂଶୁ ଶେଖର ସାହୁ, ଆଇଏଫଏଫସିଓ ପାରାଦୀପ ୟୁନିଟ୍‌ର ମୁଖ୍ୟ ପି. କେ. ମହାପାତ୍ର ଏବଂ ପିପିଏଲ୍‌ର ସିଏମଓ ତଥା ୟୁନିଟ୍ ହେଡ୍ ଏସ୍. ଗିରିଶ ଉପସ୍ଥିତ ଥିଲେ। ସଭାକୁ ସମ୍ବୋଧିତ କରି ଇନ୍ଦ୍ରମଣି ତ୍ରିପାଠୀ ବିପଜ୍ଜନକ ରାସାୟନିକ ପଦାର୍ଥ ସହ କାର୍ଯ୍ୟ କରୁଥିବା ଶିଳ୍ପଗୁଡ଼ିକରେ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଆଇନଗତ ବ୍ୟବସ୍ଥାର କଡ଼ାକଡ଼ି ପାଳନ, ପ୍ରକ୍ରିୟା ସୁରକ୍ଷା ପରିଚାଳନା ବ୍ୟବସ୍ଥା ସୁଦୃଢ଼ କରିବା, ସୁରକ୍ଷା ଅଡିଟ୍ କରିବା, ନିୟମିତ ପ୍ରଶିକ୍ଷଣ ଓ ମକ୍ ଡ୍ରିଲ୍ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ଡଃ ମଳୟ କୁମାର ପ୍ରଧାନ ବିପଦ ଚିହ୍ନଟ, ଝୁମ୍ପି ମୂଲ୍ୟାଙ୍କନ, ନିରୀକ୍ଷଣ ଓ ଆମୋନିଆ ପରିଚାଳନା ପ୍ରଣାଳୀର ପ୍ରମାଣୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରୀ ମନୋଜ କୁମାର ପଣ୍ଡା ଆଇନଗତ ଅନୁପାଳନ, ପ୍ରତିରୋଧମୂଳକ ରକ୍ଷଣାବେକ୍ଷଣ ଓ ଶିଳ୍ପ କର୍ମଚାରୀଙ୍କ ନିରନ୍ତର କ୍ଷମତା ବିକାଶ ଉପରେ ଆଲୋକପାତ କରିଥିଲେ। ଇଫକୋ ପାରାଦୀପ ୟୁନିଟ୍‌ର ମୁଖ୍ୟ ପି. କେ. ମହାପାତ୍ର ଓ ପିପିଏଲ୍‌ର ସିଏମଓ ତଥା ୟୁନିଟ୍ ହେଡ୍ ଏସ୍. ଗିରିଶ ନିଜ ନିଜ ସଂସ୍ଥାର ଶ୍ରମିକ ସୁରକ୍ଷା, ପରିବେଶ ସୁରକ୍ଷା, ପ୍ରତିରୋଧମୂଳକ ରକ୍ଷଣାବେକ୍ଷଣ ଓ ଆଧୁନିକ ସୁରକ୍ଷା ପଦ୍ଧତି ଗ୍ରହଣ ପ୍ରତି ପ୍ରତିବଦ୍ଧତା ବିଷୟରେ କହିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଆମୋନିଆ ବ୍ୟବହାରକାରୀ ଶିଳ୍ପ ସଂସ୍ଥାର ପ୍ରାୟ ୧୬୦ ଜଣ ପ୍ରତିନିଧି, ଯଥା ଇଞ୍ଜିନିୟର, ସୁପରଭାଇଜର, ଅପରେଟର ଓ ସୁରକ୍ଷା ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ଦୀପକ ଫର୍ଟିଲାଇଜର୍ସ, ୟୁନାଇଟେଡ୍ ବ୍ରୁଅରିଜ୍, ଇଫକୋ, ପିପିଏଲ, ଉଦ୍ୟୋଗୀ ପ୍ଲାଷ୍ଟିକ୍ସ ଏବଂ ଓଡ଼ିଶା ଫ୍ୟାକ୍ଟରିଜ୍ ରୁଲ୍ସ ଅନୁଯାୟୀ ମାନ୍ୟତାପ୍ରାପ୍ତ ଦକ୍ଷ ବ୍ୟକ୍ତି ରାଜେଶ କାନୁନଗୋ ଯୋଗଦେଇ ବିଭିନ୍ନ ବିଷୟରେ ତାଲିମ ଦେଇଥିଲେ। ଏଥିରେ ଆଇନଗତ ସୁରକ୍ଷା ବ୍ୟବସ୍ଥା, ଆମୋନିଆ ପରିଚାଳନା ପ୍ରଣାଳୀ, ସଂରକ୍ଷଣ ଓ ରକ୍ଷଣାବେକ୍ଷଣ, ଜରୁରୀକାଳୀନ ପ୍ରତିକ୍ରିୟା ଯୋଜନା, ସୁରକ୍ଷା ମାନଦଣ୍ଡ ଓ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ଆମୋନିଆ ଟ୍ୟାଙ୍କର ଲିକେଜ୍‌କୁ ନେଇ ଆୟୋଜିତ ଲାଇଭ୍ ମକ୍ ଡ୍ରିଲ୍ କାରଖାନା ଓ ବଏଲର ନିର୍ଦ୍ଦେଶାଳୟର ନେତୃତ୍ୱରେ ଇଫକୋ ପାରାଦୀପ ୟୁନିଟ୍ ଓ ପିପିଏଲ୍‌ର ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଏଥିରେ ଲିକେଜ୍ ଚିହ୍ନଟ, ଆପତ୍‌କାଳୀନ ପ୍ରତିକ୍ରିୟା ଆରମ୍ଭ, ସ୍ଥାନାନ୍ତରଣ ପ୍ରକ୍ରିୟା, ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଓ ସମନ୍ୱିତ ଜରୁରୀ ପରିଚାଳନାର ପ୍ରଦର୍ଶନ କରାଯାଇଥିଲା। ଶେଷରେ ପାରାଦୀପ ଜୋନ୍‌ର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳବନ୍ଦୀରେ ଥିବା ଗ୍ରାମବାସୀଙ୍କ ଜରକା- ମେର୍ଦ୍ଦା ରାସ୍ତା ଅବରୋଧ



ବୈଶିଙ୍ଗା , ୧୮/୭ (ନି.ପ୍ର): ଲୋକ ପ୍ରତିନିଧି ଭାବେ ପ୍ରତ୍ୟେକ ଅଞ୍ଚଳର ବିଧାୟକ ମାନେ ଲୋକ ଙ୍କ ସମସ୍ୟା ପ୍ରତି ଧ୍ୟାନ ଦେବା କଥା ମାତ୍ର ବଡସାହି ବିଧାୟକ ଙ୍କ କ୍ଷେତ୍ରରେ ଓଲଟା ପରିଲକ୍ଷିତ ହୋଇଥିବାର ଦେଖିବାକୁ ମିଳିଛି । ଆମ ବଡସାହି ବିଧାନ କ୍ଷେତ୍ରର ବିଧାୟକ ସନାତନ ବିଜୁଳି ସନ୍ତରା ପଞ୍ଚାୟତର ମଦାସାହି ଗ୍ରାମର ୪୦ ପରିବାର ଙ୍କ ପ୍ରତି ତିଳେ ହେଲେ ଅନୁକମ୍ପା ନଥିବାର ଦେଖିବାକୁ ମିଳିଛି । ଜୁଗୁପୁରା ଠାରୁ ଜରକା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ରେ ଡ୍ରେନ୍ କରାଯାଇ ପାଣି ନିଷ୍କାସନ କରାଯିବାର ବ୍ୟବସ୍ଥା କରିବାକୁ ନିଜେ ବିଧାୟକ ପ୍ରତିଶୃତି ଦେଇଥିଲେ । ମାତ୍ର ତାହା କରାଯାଇନଥିବାରୁ ମଦାସାହି ଗ୍ରାମର ୪୦ ପରିବାର ଜଳବନ୍ଦୀ ରେ ରହି ଦୁଃଖରେ କାଳାତିପାତ କରୁଥିବା ର ଦେଖିବାକୁ ମିଳିଛି । ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ ନ କରିବାରୁ ଆଜି ଶନିବାର ପୂର୍ବାହ୍ନରେ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳା ଓ ପୁରୁଷ ମାନେ ଯୁଗୁପୁରା ଆର ଆଇ କାର୍ଯ୍ୟାଳୟ ସମ୍ମୁଖରେ ଜରକା-ମେର୍ଦ୍ଦା ରାସ୍ତାକୁ ଟାୟାର ଜାଳି ରାସ୍ତା ଅବରୋଧ କରିଥଲେ । ବିଧାୟକ ସନାତନ ବିଜୁଳି ନ ଆସିଲ ଅବରୋଧ ହଟାଇବେ ନାହିଁ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଥିଲେ । ଖବର ପାଇ ବେତନଟୀ ବିଡିଓ ମୁନ୍ନା ସେଠୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଆର.ଡି ଦେଇ ଏବଂ ଜୁଗୁପୁରା ଆର ଆଇ. ଙ୍କୁ ଡକାଇ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରିଥିଲେ । ଏଥି ସହିତ ଆଗକୁ କିପରି ଏହି ସମସ୍ୟା ନା ହେବ ସେଥିପାଇଁ ଆଗାମୀ ମାର୍ଚ୍ଚ ମାସ ସୁଦ୍ଧା ଅପେକ୍ଷା କରିବାକୁ ପ୍ରତିଶୃତି ଦେଇଥିଲେ । ଗ୍ରାମବାସୀ ମାନେ ମଧ୍ୟ ଏକ ଲିଖିତ ଅଭିଯୋଗ ଦେଇଥିଲେ ଯେ ଏହାର ସ୍ଥାୟୀ ସମାଧାନ ନ କରିଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ର ଆକାର ଧାରଣ କରିବ, ସେଥିପାଇଁ ପ୍ରଶାସନ ଏବଂ ବିଧାୟକ ଦାୟୀ ରହିବେ ।

# ଶିକାରୀକୁ ଘରୁ ଉଠାଇ ଆଣିଲା ବନବିଭାଗ: ଅବୈଧ ପଶୁ ଶିକାରରେ ସାମିଲ ସୂଚନା




ନୀଳଗିରି , ୧୮/୭ (ନି.ପ୍ର): କୁଳଡିହା ଅଭୟାରଣ୍ୟରେ ଅବୈଧଭାବରେ ବନ୍ୟଜନ୍ତୁ ଶୀକାର କାର୍ଯ୍ୟକଳାପରେ ସାମିଲ ଜଣେ ଶିକାରୀକୁ ଗିରଫକରି କୋର୍ଟଚାଲାଣ କରିଛି ବନବିଭାଗ। ସୂଚନା ଅନୁଯାୟୀ ବିଶେଷସୂତ୍ରରୁ ଖବରପାଇ ବାଲେଶ୍ୱର ଡିଏଫଓ ପ୍ରତୀକ ପ୍ରକାଶ ଇଣ୍ଡଲକରଙ୍କ ନିର୍ଦ୍ଦେଶରେ ୧୮ତାରିଖ ପୂର୍ବାହ୍ନରେ କୁଳଡିହା ଭାରାପ୍ରାପ୍ତ ଅଧିକାରୀ ସୌମ୍ୟ ମାଝୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବରହମପୁର ଥାନା କେସିପୁର ପଞ୍ଚାୟତ ବେତକଟା (ନଟାପଡା) ଗ୍ରାମର ପିଥ ହେମ୍ବ୍ରମ (୫୬) ଙ୍କୁ କୁଳଡିହା ଅଭୟାରଣ୍ୟ ଭିତରେ ପଶି ଅବୈଧରେ ପଶୁଶିକାର କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଅଭିଯୋଗରେ ଗିରଫକରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ଗୋଟିଏ ହାତତିଆରି ବନ୍ଧୁକ ବେରେଲ, ଦୁଇଟି ହରିଣ ଶିଙ୍ଗ, ୮ବଣ୍ଡଲ ତାର ଫାଶ ତା'ଘରୁ ଜବତକରି କୁଳଡିହା କାର୍ଯ୍ୟାଳୟକୁ ଅଣାଯାଇଛି। ଏନେଇ କେସ ନଂ ୦୩କେ ୨୦୨୬/ ୨୭ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତ ପୀଥ ହେମ୍ବ୍ରମକୁ କୋର୍ଟଚାଲାଣ କରିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ ଅଭିଯୁକ୍ତ ପିଥ ଗୋଟାଏ କୁଟୁରା ଶିକାରରେ ସଂପୃକ୍ତ ଥିବାବେଳେ ଏସିଏଫ୍ ତଟିନୀ ସେଠୀଙ୍କୁ ତଦନ୍ତକାରୀ ଅଧିକାରୀ ନିଯୁକ୍ତି କରାଯାଇଥିବା ସୂଚନା ମିଳିଛି।

## କଇନଗରୀରେ ରଥଯାତ୍ରା


ବସ୍ତା , ୧୮/୭ (ନି.ପ୍ର): ବସ୍ତା ବ୍ଲକ୍ ଅନ୍ତର୍ଗତ କଇନଗରୀ ଗ୍ରାମପଞ୍ଚାୟତସ୍ଥ କଇନଗରୀ ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଅଛି । ରଥଯାତ୍ରା କମିଟିର ସଭାପତି ଭାସ୍କର ଚନ୍ଦ୍ର ସାନ୍ତରାଙ୍କ ନେତୃତ୍ୱରେ ଗୋପୀକୃଷ୍ଣ ମହାନ୍ତି, ରାଜେନ୍ଦ୍ର ମହାନ୍ତି, ଅରୁଣ ମାନ୍ନା, ତାରାକାନ୍ତ ସାନ୍ତରା, ଧନଞ୍ଜୟ ମହାକୁଡ଼, ସୁବାଷ ମାନ୍ନା, କେଦାର ମହାକୁଡ଼, ସ୍ୱପ୍ନାବତୀ ମହାନ୍ତି, ସ୍ୱର୍ଣମୟୀ ସାନ୍ତରା ଓ ଶାନ୍ତିଲତା ମହାକୁଡ଼ ପ୍ରମୁଖ ଶହ ଶହ ଶ୍ରଦ୍ଧାଳୁ ରଥକୁ ଟାଣି ଟାଣି ମାଉସୀବାଡ଼ିକୁ ନେଇଥିଲେ। ଘଣ୍ଟା, ମୃଦଙ୍ଗ, କୀର୍ତ୍ତନ ଓ ଭଜନ ମାଧ୍ୟମରେ ବିଭୋର ହୋଇଥିଲେ ଶ୍ରଦ୍ଧାଳୁ। ଶେଷରେ ସମେସ୍ତ ପ୍ରସାଦ ଭକ୍ଷଣ କରିଥିଲେ ।

# ବାଲେଶ୍ୱରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବନ ମହୋତ୍ସବ

ବାଲିଆପାଳ ୧୭/ ୭(ଆପ୍ର)ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, ବାଲେଶ୍ୱର ୟୁନିଟ୍ ପକ୍ଷରୁ ଫେରୋ ଆଲଏଜ୍ ପ୍ଲାଣ୍ଟ (ଏଫ୍ଏପି) କାର୍ଯ୍ୟକାରୀ ଅଞ୍ଚଳ ଅନ୍ତର୍ଗତ ଛାନପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁତେଇ ପଞ୍ଚାୟତ ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟ, ରେମୁଣାସ୍ଥିତ ଫେରୋ ଆଲଏଜ୍ ପ୍ଲାଣ୍ଟର ପରିବେଶ ବିଭାଗ ମୁଖ୍ୟଙ୍କ ସମେତ 'ଦିଶା'ର ନେତୃବୃନ୍ଦ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୁଷ୍ଟିସାଧନର ଆବଶ୍ୟକତା ସମ୍ପର୍କରେ ସଚେତନତା, ଜୈବ ବିବିଧତା ସଂରକ୍ଷଣ ଏବଂ ବିଦ୍ୟାଳୟ ପରିସରକୁ ସବୁଜିମାରେ ଭରିଦେବା ଉଦ୍ଦେଶ୍ୟରେ ସ୍କୁଲ କ୍ୟାମ୍ପସ ଭିତରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଛି। ଏଥିସହିତ ଅଞ୍ଚଳର ସବୁଜ ବଳୟ ବୃଦ୍ଧି ଓ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ରାସ୍ତାକଡ଼ରେ ବିଭିନ୍ନ ଜଙ୍ଗଲୀ ବୃକ୍ଷ ଚାରା ମଧ୍ୟ ଲଗାଯାଇଛି। ଏହି ଅଭିଯାନ ଅଧୀନରେ ବାଲେଶ୍ୱର ଏଫ୍ଏପିର ଆଖପାଖ ଗ୍ରାମଗୁଡ଼ିକରେ ମୋଟ ୨,୦୦୦ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି। କେବଳ ବୃକ୍ଷରୋପଣ ନୁହେଁ, ବରଂ ପ୍ରତିଟି ଚାରା ଯେପରି ଏକ ସୁସ୍ଥ ବୃକ୍ଷରେ ପରିଣତ ହେବ, ସେଥିପାଇଁ ନିୟମିତ ପାଣି ଦେବା ଏବଂ ଏହାର ଯତ୍ନ ନେବାକୁ ଅଂଶଗ୍ରହଣକାରୀମାନଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ଏକ ସାମୂହିକ ଦାୟିତ୍ୱ ବୋଲି ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଆଗାମୀ ପିଢ଼ି ପାଇଁ ଏକ ସବୁଜ, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ କରିବା ସହ ଚାରାଗୁଡ଼ିକର ଯତ୍ନ ନେବାକୁ ସାମୂହିକ ସଂକଳ୍ପ ପାଠ କରାଯାଇଥିଲା।ଏଭଳି ସାମୂହିକ ପ୍ରୟାସ ମାଧ୍ୟମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ନିଜର କାର୍ଯ୍ୟ କ୍ଷେତ୍ରରେ ନିରନ୍ତର ଭାବେ ପରିବେଶ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ ଜାରି ରଖିଛି।




# ପୂର୍ତ୍ତ ବିଭାଗର ରାଜଘାଟ - ଟୋଲଗେଟ ରାସ୍ତା ପାଲଟିଛି ଗଡିଆ: ବିଭାଗୀୟ ଅଧିକାରୀ ସାଜିଛନ୍ତି ନୀରବଦ୍ରଷ୍ଟା



ବସ୍ତା , ୧୮/୭ (ନି.ପ୍ର): ରାଜଘାଟ ଓଟିରୋଡ ଠାରୁ ୧୬ ନଂ ଜାତୀୟ ରାଜପଥ ସଂଲଗ୍ନ ସନ୍ତୋଷପୁର ପଞ୍ଚାୟତର ଟୋଲଗେଟ ବଜାର ପର୍ଯ୍ୟନ୍ତ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଅଟେ। ଏହି ରାସ୍ତାଟି ଅଢେଇ ବର୍ଷ ତଳେ କାମ ହୋଇଥିଲା ମାତ୍ର ଆଜକୁ ଏକ ବର୍ଷ ଧରି ଏହି ଭଳି ଖାମଖାଲାରେ ପରିପୂର୍ଣ୍ଣ ହୋଇ ଯାଇଥିଲେ ହେଁ ରାସ୍ତାର ନିର୍ମାଣ ହୋଇ ପାରୁନଥିବାରୁ ସାଧାରଣରେ ଅସନ୍ତୋ ଷ ପ୍ରକାଶ ପାଇବା ସହ ପ୍ରତିଦିନ ଛୋଟ,ବଡ଼ ଦୁର୍ଘଟଣା ଘଟି ଧନ ଜୀବନ ହାନି ଘଟୁଛି। ଏହି ରାସ୍ତା ଦେଇ ପ୍ରତିଦିନ ବିଭିନ୍ନ ବିଦ୍ୟାଳ ୟକୁ ପିଲାମାନେ ଯାଆସ କରିଥାନ୍ତି ଏବଂ ରାଜଘାଟ ରେଳ ଷ୍ଟେସ ନ ସମ୍ମୁଖ ଦେଇ ଏହି ରାସ୍ତା ଯାଇଛି,ଏହି ରାସ୍ତାଟି ମୟୂରଭଞ୍ଜ ଜିଲ୍ଲାକୁ ସଂଯୋଗ କରୁଛି। ଏବେ ଏହି ରାସ୍ତାରେ ଗଡିଆ ସୃଷ୍ଟି ହୋଇଥିବାରୁ ପିଲା ଠାରୁ ଆରମ୍ଭକରି ବୟସ୍କ, ଯାତ୍ରୀ,ଗାଡ଼ି ଚାଳକ ଏବଂ ରୋଗୀ ବିଶେଷ ଭାବରେ ପ୍ରଭାବିତ ହେଉଥିବାର ଦେଖା ଯାଇଛି। ଏବାବଦରେ ସ୍ଥାନୀୟ କାଳୀପୂଜା କମିଟି,ବଜାର କମିଟି ଏବଂ ରେଳ ଉନ୍ନୟନ କମିଟି ପକ୍ଷରୁ ବିଭା ଗୀୟ ଯନ୍ତ୍ରୀଙ୍କୁ ଅବଗତ କରି ଥିଲେ ହେଁ ଅଦ୍ୟାବଧି କିଛି ସୁଫଳ ମିଳିପାରିନାହିଁ। ନିୟମାନୁ ସାରେ ଏହି ରାସ୍ତା ନିର୍ମାଣ କରିଥିବା ଠିକାଦାର ସଂସ୍ଥା ୫ବର୍ଷ ପର୍ଯ୍ୟନ୍ତ ମରାମତି କାର୍ଯ୍ୟ କରିବା କଥା ମାତ୍ର ଏହି କାର୍ଯ୍ୟ ୩ ବର୍ଷରେ ହୋଇ ନାହିଁ ହେଲେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଏଥିପ୍ରତି ଉଦାସୀନତା ମନୋଭାବ ଯୋଗୁଁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ରାସ୍ତା ନିମ୍ନମାନର ହୋଇଥିବାରୁ ଏତେ ଶୀଘ୍ର ନଷ୍ଟ ହୋଇ ଯାଇ ଥିବାର ସାଧାରଣରେ ଅଭିଯୋଗ ହୋଇଛି। ଦୁର୍ନୀତି ନିବାରଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ମଧ୍ୟ ଦାବି ହୋଇଛି। ଏବଦରେ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ମଲ୍ଲିକଙ୍କୁ ପଚାରି ବାରୁ ଏହି ରାସ୍ତା କାର୍ଯ୍ୟ ଶୀଘ୍ର କାମ ହେବ୍ ବୋଲି ପ୍ରକାଶ କରି ଛନ୍ତି,ମାତ୍ର ତିନି ବର୍ଷ ପୂର୍ବରୁ ଏହି ରାସ୍ତା ନିର୍ମାଣ ପାଇଁ କେତେ ଟଙ୍କାର କାର୍ଯ୍ୟ ହୋଇଥିଲା ଏବଂ ୫ବର୍ଷ କାର୍ଯ୍ୟ ପୂର୍ତ୍ତି ହୋଇନ ଥିବା ବେଳେ ଠିକାଦାର ସଂସ୍ଥା କାହିଁକି କରିବ ନାହିଁ ପଚାରିବାରୁ କୌଣସି ଉତ୍ତର ଦେଇ ନ ଥିଲେ। ଜିଲ୍ଲା ପ୍ରଶାସନ, ବିଭାଗୀୟ ଉଚ୍ଚ ଅଧିକାରୀ ଏବଂ ଦୁର୍ନୀତି ନିବାରଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହିତ ତୁରନ୍ତ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି ନଚେତ ଅପ୍ରୀତିକର ପରିସ୍ଥିତି ଏବଂ ଦୁର୍ଘଟଣା ହେଲେ ପ୍ରଶାସନ ଦାୟୀ ହେବେ ବୋଲି ମତ ପ୍ରକାଶ ପାଇଛି।

## ପୌରାଞ୍ଚଳ ଅଧ୍ୟକ୍ଷ ପଦ ପାଇଁ ପ୍ରକାଶ ପାଇଲା ସଂରକ୍ଷଣ ତାଲିକା

ଭୁବନେଶ୍ୱର, ୧୮/୭ (ନି.ପ୍ର): ପୌରାଞ୍ଚଳ ଅଧ୍ୟକ୍ଷ ପଦ ପାଇଁ ପ୍ରକାଶ ପାଇଲା ସଂରକ୍ଷଣ ତାଲିକା। ଏନେଇ ରାଜ୍ୟ ନିର୍ବାଚନ ଆୟୋଗ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ପୌରାଞ୍ଚଳ ପାଇଁ ୧୨ ହଜାର ଇଭିଏମ, ଆଉ ୬ ହଜାର ନୂଆ ଇଭିଏମ ଅର୍ଡର କରାହୋଇଛି। । ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ ସଚିବ ସନ୍ତୋଷ କୁମାର ଦାଶ କହିଛନ୍ତି । ସେ କହିଛନ୍ତି ଯେ, ସଂରକ୍ଷଣ ତାଲିକା ପ୍ରକାଶ ପାଇବାପରେ ଡୋର୍ ଟୁ ଡୋର୍ ସର୍ଭେ କରାଯିବ । ଏନଏସିରେ ଗୋଟେ ୱାର୍ଡକୁ ଗୋଟେ ବୁଥ ହେବ। ଇଭିଏମ ପାଇଁ ବାଲଟ ପେପର୍, ଗାଡ଼ି ପାଇଁ ଅର୍ଡର କରିଦେଇଛୁ। ପୌରାଞ୍ଚଳ ଓ ପଞ୍ଚାୟତ ନିର୍ବାଚନ ପାଇଁ ମାର୍ଚ୍ଚ ମାସରେ ନୋଟିଫିକେସନ୍ ହେବ। ଏପ୍ରିଲ କିମ୍ବା ମେରେ ପାଖାପାଖି ସମୟରେ ଉଭୟ ପଞ୍ଚାୟତ ଏଂ ପୌର ନିର୍ବାଚନ କରାଯିବ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida